# ଏକକ ୧୦: ଅବହେଳିତ ବର୍ଗର ଶିକ୍ଷାର୍ଥୀମାନଙ୍କ ପାଇଁ ଶିକ୍ଷଣ ପ୍ରକ୍ରିୟାକୁ ପ୍ରାସଙ୍ଗିକ କରିବା

ଟିପ୍ପଣୀ

## ସଂରଚନା

୧୦.୦ ଉପକ୍ରମ

୧୦.୧. ଶିକ୍ଷଣ ଉଦ୍ଦେଶ୍ୟ

୧୦.୨. ଶିକ୍ଷଣର ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମି

- ୧୦.୨.୧. ଅର୍ଥପୂର୍ଣ୍ଣ ଶିକ୍ଷଣ ପାଇଁ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମି
- ୧୦.୨.୨. ସ୍ଥାନୀୟ ଜ୍ଞାନ ଓ ପାଠ୍ୟ ପୁସ୍ତକ ଜ୍ଞାନ

୧୦.୩. ଅବହେଳିତ ବର୍ଗର ପିଲାଙ୍କ ଶିକ୍ଷା

- ୧୦.୩.୧. ବାଳିକାମାନଙ୍କ ଶିକ୍ଷା
- ୧୦.୩.୨. ସଂଖ୍ୟା ଲଘୁ ସଂପ୍ରଦାୟ ପିଲାଙ୍କ ଶିକ୍ଷା
- ୧୦.୩.୩. ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କ ଶିକ୍ଷା

୧୦.୪ ସାମାଜିକ ସାଂସ୍କୃତିକ ପୃଷ୍ଠଭୂମିରେ ଅନୁସୂଚିତ ଜନଜାତି ପିଲାଙ୍କ ଶିକ୍ଷା

- ୧୦.୪.୧. ସମସ୍ୟା
- ୧୦.୪.୨. ଶୈକ୍ଷିକ ସମସ୍ୟା ସମାଧାନର କୌଶଳ
- ୧୦.୪.୩ ସାମାଜିକ-ସାଂସ୍କୃତିକ ଉପାଦାନକୁ ବୁଝିବା
- ୧୦.୪.୪. ବହୁଭାଷୀ ଶ୍ରେଣୀର ଯୋଜନା ଓ ପରିଚାଳନା

୧୦.୫. ସାରାଂଶ

୧୦.୬. ପ୍ରଗତିର ମୂଲ୍ୟାୟନ ପାଇଁ ଆଦର୍ଶ ଉତ୍ତର

୧୦.୭. ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୧୦.୮. ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୧୦.୦ ଉପକ୍ରମ

ଜଣେ ଶିକ୍ଷକ/ଶିକ୍ଷୟିତ୍ରୀ ଭାବେ ଆପଣ ନିଶ୍ଚୟ ଦେଖିଥିବେ ଯେ, ଶ୍ରେଣୀରେ ହେଉଥିବା କ୍ରିୟା ପ୍ରତିକ୍ରିୟାରେ ଯେ କୌଣସି ସମୟରେ ହେଉ ସବୁ ପିଲା କେବେ ବି ଏକା ଭାବରେ, ମନୋନିବେଶ କରନ୍ତି ନାହିଁ କି ଉତ୍ତର ଦିଅନ୍ତି ନାହିଁ । କେତେକ ଶିକ୍ଷାର୍ଥୀ ଶ୍ରେଣୀରେ ହେଉଥିବା କ୍ରିୟା ପ୍ରତିକ୍ରିୟାରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରୁଥିବା ସମୟରେ ଅନ୍ୟ କେତେକ ଶିକ୍ଷାର୍ଥୀ ଚୁପ୍‌ଚାପ୍ ରୁହନ୍ତି ତଥା ଅଂଶ ଗ୍ରହଣ କରିବାକୁ ଲଜ୍ଜା ଅନୁଭବ କରନ୍ତି। ଯେ ପର୍ଯ୍ୟନ୍ତ ସେହି ଶିକ୍ଷାର୍ଥୀମାନଙ୍କୁ ବାରମ୍ବାର ଉତ୍ସାହିତ କରାନଯାଇଛି ସେମାନେ ଖୁବ୍ କମ୍ ଭାଗ ନିଅନ୍ତି କିମ୍ବା ସେମାନେ ସ୍ୱଇଚ୍ଛାରେ ଉତ୍ତର ଦିଅନ୍ତି ନାହିଁ, ଏପରି କାହିଁକି ହୁଏ ?

ତେବେ, ଶିକ୍ଷାର୍ଥୀମାନଙ୍କ ଭିତରେ ବ୍ୟକ୍ତିଗତ ଭିନ୍ନତା ରହିଛି ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀ ନିଜର ବ୍ୟକ୍ତିତ୍ୱ ଓ ସ୍ୱଭାବରେ ଅଦ୍ୱିତୀୟ ଅଟନ୍ତି। ତେଣୁ ସେମାନଙ୍କର ମନୋନିବେଶ ଅବଧି, ଶିକ୍ଷଣ ଶୈଳୀ ଓ ପ୍ରତିକ୍ରିୟାର ଢଙ୍ଗ ସବୁ କିଛି ଭିନ୍ନ ଅଟେ। କିନ୍ତୁ ସେହି ଶିକ୍ଷାର୍ଥୀମାନେ କିଏ ଯେଉଁମାନେ ଶ୍ରେଣୀରେ ନିରବ ରହିବାକୁ ପସନ୍ଦ କରନ୍ତି ଓ ଶ୍ରେଣୀ କାର୍ଯ୍ୟକ୍ରମଠାରୁ ଦୂରେଇ ରହନ୍ତି ? କ'ଣ ଏମାନେ ସେହି ନୀରବ ଶିକ୍ଷାର୍ଥୀ ଯେଉଁମାନେ ଉପେକ୍ଷିତ ବା ପକ୍ଷପାତିତାର ଶୀକାର ହେଉଥିବାରୁ ନିଜକୁ ହୀନ ମନେକରନ୍ତି ।

ଅବହେଳିତ ବର୍ଗରେ ଆସୁଥିବା ପିଲାମାନେ ଦୁଇ ପ୍ରକାରର ଅଟନ୍ତି - ସାମାଜିକ ସୁବିଧାରୁ ବଞ୍ଚିତ ଗୋଷ୍ଠୀ ଓ ସ୍ୱତନ୍ତ୍ର ଆବଶ୍ୟକ ଥିବା ପିଲା। ସାଧାରଣତଃ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ସଂଖ୍ୟାଲଘୁ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ପିଲାମାନେ ସାମାଜିକ ସୁବିଧାରୁ ବଞ୍ଚିତ ବୋଲି କୁହାଯାଏ ଓ ଯେଉଁମାନେ ଶାରୀରିକ ଭିନ୍ନକ୍ଷମ ଓ ଶିକ୍ଷଣ ଭିନ୍ନତାରେ ଅନ୍ତର୍ଭୁକ୍ତ ସେହି ପିଲାମାନଙ୍କୁ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା ବୋଲି କୁହାଯାଏ। ଏହାଛଡ଼ା, ଏହି ଦୁଇ ପ୍ରକାରର ପିଲାଙ୍କ ବ୍ୟତୀତ, ସାଧାରଣତଃ ବାଳିକାମାନେ ସାମାଜିକ ପକ୍ଷପାତିତା ଓ ଅବହେଳାର ଶୀକାର ହୁଅନ୍ତି । ଏହି ବର୍ଗର ଶିକ୍ଷାର୍ଥୀମାନେ ଅବହେଳିତ ବର୍ଗର ଛାପନେଇ ବିଦ୍ୟାଳୟକୁ ଆସନ୍ତି ଓ ପରିଣାମ ସ୍ୱରୂପ ସେମାନେ ଶିକ୍ଷକ ତଥା ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଭେଦଭାବର ଶିକାର ହୋଇ ଥାଆନ୍ତି।

ଏହା ଦେଖାଯାଏ ଯେ, ଅନୁସୂଚିତ ଜନଜାତି ଗୋଷ୍ଠୀର ଶିକ୍ଷାର୍ଥୀମାନେ ଶ୍ରେଣୀ ପରିବେଶରେ ସହଜ ଅନୁଭବ କରନ୍ତି ନାହିଁ। କାରଣ ସେମାନେ ଯେଉଁ ସାମାଜିକ-ସାଂସ୍କୃତିକ ବାତାବରଣରେ ଜନ୍ମ ହୋଇ ବଢ଼ିଛନ୍ତି ତାହା ଶ୍ରେଣୀ କକ୍ଷ ତଥା ବିଦ୍ୟାଳୟ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଘର ଓ ବିଦ୍ୟାଳୟ ବାତାବରଣରେ ରହିଥିବା ଏହି ଅମେଳ ଶିକ୍ଷାର୍ଥୀମାନଙ୍କୁ ଆହୁରି ଅଧିକ ଅସୁବିଧାର ସ୍ଥିତିରେ ପକାଏ ଏବଂ ଯେଉଁମାନେ ଏହି ପ୍ରଭେଦକୁ ଅତିକ୍ରମ କରିପାରନ୍ତି ନାହିଁ ସେମାନେ ବହୁସମୟରେ ଅଧାରୁ ପାଠ ଛାଡ଼ି ଚାଲିଯାନ୍ତି ।

ଆସ ଆମେ ଏହି ଅଧ୍ୟାୟରେ ଶିକ୍ଷଣର ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି ଶ୍ରେଣୀରେ ବିଭିନ୍ନ ଅବହେଳିତ ବର୍ଗର ଶିକ୍ଷାର୍ଥୀଙ୍କ ଶିକ୍ଷଣର ସହାୟତା କରିବାରେ ଏହାର ଗୁରୁତ୍ୱକୁ ବୁଝିବା। ଯାହାହେଉ ଅନୁସୂଚିତ ଜନଜାତି ପିଲାଙ୍କ ଶିକ୍ଷା ବିଶେଷ ଭାବରେ ଦୁଇଟି ମୁଖ୍ୟ କାରଣ ଉପରେ ପର୍ଯ୍ୟବେକ୍ଷିତ। ଜନଜାତି, ଦେଶର ଜନସଂଖ୍ୟାର ଆଖି ଦୃଷ୍ଟିଆ ଭାଗ ଅଟନ୍ତି । ଏମାନେ ମୁଖ୍ୟତଃ





ଖୁବ୍ ଦୂରବର୍ତ୍ତୀ ଓ ଅପହଞ୍ଚ ଭୂ ଭାଗରେ ରହନ୍ତି, ଯେଉଁମାନେ ବିଦ୍ୟାଳୟ ଶିକ୍ଷା ପ୍ରତି ଖୁବ୍ କମ୍ ସଚେତନ। ଦ୍ୱିତୀୟତଃ ଏହି ପିଲାମାନଙ୍କର ଭିନ୍ନଭିନ୍ନ ସାଂସ୍କୃତିକ ଓ ଭାଷାଗତ ପରମ୍ପରା ରହିଛି ଯାହା ଅନ୍ୟାନ୍ୟ ସାମାଜିକ ଗୋଷ୍ଠୀର ପିଲାଙ୍କଠାରୁ ସମ୍ପୂର୍ଣ୍ଣ ଭାବରେ ଭିନ୍ନ। ସେମାନଙ୍କର ସାମାଜିକ - ଆର୍ଥିକ-ସାଂସ୍କୃତିକ ତଥା ଭାଷାଗତ ଅବସ୍ଥାକୁ ନିଶ୍ଚିତ କରି ଓ ଶୈକ୍ଷିକ ଆବଶ୍ୟକତାର ପ୍ରକୃତିକୁ ଠିକ୍ ଭାବରେ ବୁଝି ସେମାନଙ୍କର ସମସ୍ୟା ଉପରେ ଉପଯୁକ୍ତ ଧ୍ୟାନ ଦେବା ଆବଶ୍ୟକ। ଏକ ଶିକ୍ଷକ ଭାବରେ, ଆପଣଙ୍କୁ ଶ୍ରେଣୀର ଏହି ବର୍ଗର ଶିକ୍ଷାର୍ଥୀଙ୍କ ସମସ୍ୟା ପ୍ରତି ସଚେତନ ହେବାକୁ ପଡ଼ିବ ଏବଂ ଶିକ୍ଷଣରେ ସେମାନଙ୍କ ଅସୁବିଧାଗୁଡିକ ସମାଧାନ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପଡିବ । ଏହି ଅଧ୍ୟାୟରେ ଏହି ସବୁ ସମସ୍ୟାଗୁଡ଼ିକର ସମାଧାନର ନିର୍ଦ୍ଦିଷ୍ଟ ପଦ୍ଧତି ଗୁଡିକ ଆଲୋଚିତ ହୋଇଛି ଫଳରେ ଏହି ପିଲାମାନେ, ଅନ୍ୟ ପିଲାଙ୍କ ଭଳି ଶ୍ରେଣୀ କାର୍ଯ୍ୟ ପରିଚାଳନାରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିପାରିବେ।

ଏହି ଅଧ୍ୟାୟଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ଆପଣଙ୍କୁ ଅତି କମ୍‌ରେ ୭ ଘଣ୍ଟା ସମୟ ଲାଗିପାରେ।

## ୧୦.୧. ଶିକ୍ଷଣ ଉଦ୍ଦେଶ୍ୟ

ଏହି ଅଧ୍ୟାୟଟିକୁ ପଢ଼ି ସାରିବା ପରେ ଆପଣ ସମର୍ଥ ହେବେ :-

- ବିଭିନ୍ନ ପ୍ରକାରର ସ୍ଥାନୀୟ, ସାମାଜିକ ସାଂସ୍କୃତିକ ପୃଷ୍ଠଭୂମିଗୁଡ଼ିକୁ ଚିହ୍ନଟ କରିବାରେ।
- ଶ୍ରେଣୀରେ ବିଭିନ୍ନ ବର୍ଗର ଅବହେଳିତ ପିଲାମାନଙ୍କୁ ଚିହ୍ନଟ ଓ ପରିଚାଳନା କରିବାରେ ।
- ଜନଜାତି ଗୋଷ୍ଠୀର ପିଲାମାନଙ୍କ ଶିକ୍ଷା ସମ୍ପର୍କିତ ସମସ୍ୟାଗୁଡିକୁ ସ୍ପଷ୍ଟ କରିବାରେ।
- ଜନଜାତି ପିଲାମାନଙ୍କର ସାମାଜିକ ସାଂସ୍କୃତିକ ଭାଷାଗତ ପରିସ୍ଥିତିକୁ ନେଇ ବିଭିନ୍ନ ଶିକ୍ଷଣ କୌଶଳ ବ୍ୟବହାର କରିବାରେ ।

## ୧୦.୨ ଶିକ୍ଷଣର ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମି

ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷଣ ତତ୍ତ୍ୱରେ ଶିକ୍ଷାର୍ଥୀମାନଙ୍କର ଅନୁଭୂତି, ସେମାନଙ୍କର ମତାମତ ଏବଂ ଶିକ୍ଷଣ ଓ ଶିକ୍ଷାଦାନ ପ୍ରଣାଳୀରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଆଦିକୁ ବିଶେଷ ଗୁରୁତ୍ୱ ଦିଆ ଯାଇଥାଏ । ତେଣୁ ଆପଣ ନିମ୍ନଲିଖିତ ପରିସ୍ଥିତି ପାଇଁ କ'ଣ ଚିନ୍ତା କରନ୍ତି ।

- ଆମେ ଶ୍ରେଣୀରେ ପିଲାଙ୍କୁ ପୂର୍ବରୁ କୌଣସି ଅଭିଜ୍ଞତା ନଥିବା ବସ୍ତୁ ରୂପେ ବା ଅନେକ ଅଭିଜ୍ଞତା ଓ ପରିବାର ଏବଂ ଗୋଷ୍ଠୀର ସାମାଜିକ - ଆର୍ଥିକ - ସାଂସ୍କୃତିକ ପରିସ୍ଥିତି ଦ୍ୱାରା ଗଠିତ ଏକ ମାନସିକ ଢାଞ୍ଚା ବିଶିଷ୍ଟ ମଣିଷ ଭାବେ ବ୍ୟବହାର କରିବା ଉଚିତ କି?
- ଶିକ୍ଷାର୍ଥୀ ନିମିତ୍ତ ବିଷୟବସ୍ତୁର ପ୍ରାସଙ୍ଗିକତା ଓ ଅର୍ଥପୂର୍ଣ୍ଣତା ବିଚାର ନକରି ଏହାକୁ ଆମେ ସେମାନଙ୍କ ଉପରେ ସିଧାସଳଖ ଲଦି ଦେବା ଉଚିତ୍ ହେବକି? ବା ସେମାନଙ୍କ ବାସ୍ତବ ଜୀବନ ପରିସ୍ଥିତିରେ ସାମାଜିକ-ଆର୍ଥିକ ସ୍ଥିତି ତଥା ସାଂସ୍କୃତିକ ନିଷିଦ୍ଧ ପ୍ରଥା ଆଦିକୁ ସାମନା

କରି ହାସଲ କରିଥିବା ନିଜର ବିସ୍ତୃତ ଅଭିଜ୍ଞତାର ଗଠନ ଓ ପୁର୍ନଗଠନ କରିବାପାଇଁ ସହାୟତା କରିବା ଉଚିତ ହେବ କି?

ଏହି ସବୁ ପ୍ରଶ୍ନ ଉତ୍ତର, ଜଣେ ଶିକ୍ଷକ ଭାବେ ଆପଣଙ୍କୁ ଶ୍ରେଣୀ ପରିଚାଳନାରେ ନେବାକୁ ଥିବା କାର୍ଯ୍ୟ ଗୁଡିକୁ ନିର୍ଦ୍ଧାରଣ କରିବ । ଆମେ ଜାଣୁ ଶିକ୍ଷଣ ସକ୍ରିୟ ଓ ସାମାଜିକ ବୈଶିଷ୍ଟ୍ୟ ଉପରେ ଆଧାରିତ ଅଟେ । ତେଣୁ ଏହା ପିଲାଙ୍କର ସ୍ଥାନୀୟ ପରିସ୍ଥିତି ଓ ଅନୁଭୂତି ଉପରେ ଆଧାରିତ ହେବା ଉଚିତ। ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ପିଲାଙ୍କର ଶାରୀରିକ, ସାମାଜିକ ଓ ସାଂସ୍କୃତିକ ପ୍ରାଥମିକତାକୁ ଦୃଷ୍ଟିରେ ରଖି ପ୍ରତିକ୍ରିୟାଶୀଳ ହେବା ଦରକାର।

ନିମ୍ନୋକ୍ତ ଦୁଇଟି ଶ୍ରେଣୀ ପରିସ୍ଥିତିକୁ ବିଚାର କରନ୍ତୁ।

**ପରିସ୍ଥିତି ୧**: ରଘୁ ମହାନ୍ତ ଏକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ। ତା'ଙ୍କୁ ଚତୁର୍ଥ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କୁ ଖାଦ୍ୟ ପ୍ରସଙ୍ଗରେ ପଢାଇବାକୁ ଥିଲା । ସେ ପାଠ୍ୟ ପୁସ୍ତକ ତଥା ଅନ୍ୟ ସହାୟକ ପୁସ୍ତକ ପରାମର୍ଶ ପୂର୍ବକ ନୋଟ୍ ତିଆରି କରି ଖୁବ୍ ଭଲ ଭାବେ ପ୍ରସ୍ତୁତି ହୋଇ ଶ୍ରେଣୀକୁ ଗଲେ। ସେ ବହୁତ ଗମ୍ଭୀର ଥିଲେ ଓ ଶ୍ରେଣୀରେ ଆଦୌ ଇତସ୍ତତଃ ନହୋଇ ପାଠ ପଢ଼ାଇବାକୁ ଆରମ୍ଭ କଲେ। ସେ ବଞ୍ଚିବା ପାଇଁ ଖାଦ୍ୟର ଆବଶ୍ୟକତା ସଂମ୍ପର୍କରେ କହିଲେ ଓ ବିଭିନ୍ନ ପ୍ରକାରର ଖାଦ୍ୟର ଭିନ୍ନଭିନ୍ନ ଉଦାହରଣ ସବୁ ଦେଇଥିଲେ । ଭିନ୍ନଭିନ୍ନ ଖାଦ୍ୟ ଉପାଦାନ ସବୁ ସଂଗ୍ରହ, ଗଚ୍ଛିତ ଓ ବ୍ୟବହାର କରାଯାଏ ତାହାର ବିସ୍ତୃତ ବର୍ଣ୍ଣନା ପର୍ଯ୍ୟାପ୍ତ ଶିକ୍ଷାଦାନ ଶିକ୍ଷଣ ଉପକରଣ ବ୍ୟବହାର ମାଧ୍ୟମରେ କରିଥିଲେ । ତା' ଭିତରେ ସେ ସବୁ ପିଲାଙ୍କର ନୋଟ୍ ମଧ୍ୟ ପର୍ଯ୍ୟବେକ୍ଷଣ କରୁଥିଲେ ଏବଂ କେତେକ ଗୃହକର୍ମ ଦେଇଥିଲେ। ଶେଷରେ ସେ କେତେକ ପ୍ରଶ୍ନ ପଚାରିଥିଲେ ଓ ଯେଉଁମାନେ ଉତ୍ତର ଦେବାକୁ ହାତ ଉଠାଇଥିଲେ ତାଙ୍କୁ କହିବାକୁ ନିର୍ଦ୍ଦେଶ ଦେଉଥିଲେ। ସମ୍ପୂର୍ଣ୍ଣ ଭାବରେ ସେ ଶ୍ରେଣୀର ସବୁ ପିଲାଙ୍କୁ ଅନେକ ପ୍ରକାର ଶ୍ରୁତଲିଖନ ବର୍ଣ୍ଣନା ଓ ବିସ୍ତୃତ ବ୍ୟାଖ୍ୟା ମାଧ୍ୟମରେ ନିୟୋଜିତ କରିଥିଲେ । କିନ୍ତୁ ସେ ଖୁବ୍ କମ୍ ପିଲାଙ୍କ ଉପରେ ନିଜର ଧ୍ୟାନ ରଖିଥିଲେ, ଯେଉଁମାନେ କି ଶ୍ରେଣୀରେ ଖୁବ୍ ସକ୍ରିୟ ରହିଥିଲେ।

**ପରିସ୍ଥିତି ୨**: ଅନିତା ଜଣେ ଶିକ୍ଷୟିତ୍ରୀ। ସେ ଅନ୍ୟ ଏକ ପ୍ରାରମ୍ଭିକ ବିଦ୍ୟାଳୟରେ ସେହି ସମାନ ପ୍ରସଙ୍ଗ 'ଖାଦ୍ୟ'କୁ ସମାନ ଶ୍ରେଣୀରେ ପଢାଉଥିଲେ। ସେ ଶ୍ରେଣୀକୁ ଗଲେ, ପିଲାଙ୍କ ସଙ୍ଗେ ଖୁବ୍ ସାଧାରଣ ଭାବେ ଅନୌପଚାରିକ ଭାବେ କଥା ହେଲେ ଯେପରି "ତୁମେ ଆଜି କିଭଳି ଅନୁଭବ କରୁଛ?" ତୁମେମାନେ ଦ୍ୱିପ୍ରହରରେ କ'ଣ ଖାଇଛ? ତୁମ ଖାଦ୍ୟ ତିଆରିରେ କ'ଣ କ'ଣ ସାମଗ୍ରୀ ବ୍ୟବହାର କରା ଯାଇଥିଲା? ଖାଦ୍ୟ ସାମଗ୍ରୀ ଗୁଡ଼ିକ କେଉଁଠାରୁ ସଂଗ୍ରହ ହୋଇଥିଲା? ତୁମ ପାଇଁ ଖାଦ୍ୟ କିଏ ପ୍ରସ୍ତୁତ କରିଥିଲେ? ଇତ୍ୟାଦି....। ତା'ପରେ ସେ ଶିକ୍ଷାର୍ଥୀମାନଙ୍କୁ ପ୍ରତିଦିନ ଯେଉଁ ସବୁ ଖାଦ୍ୟ ଖାଉଛନ୍ତି ତାହାର ଏକ ତାଲିକା ପ୍ରସ୍ତୁତି କରିବାକୁ କହିଲେ। ଯେତେବେଳେ ଶିକ୍ଷାର୍ଥୀମାନେ, ଜଣଙ୍କ ପରେ ଜଣେ ଖାଦ୍ୟର ନାମ କହିଲେ ଶିକ୍ଷୟିତ୍ରୀ ତାହାକୁ କଳାପଟାରେ ଲେଖୁଥିଲେ। ତା'ପରେ ସେ ପଚାରିଲେ

ତୁମେ କାହିଁକି ଖାଦ୍ୟ ଖାଅ ? ଶିକ୍ଷାର୍ଥୀମାନେ କିଛିକ୍ଷଣ ନୀରବ ବସି ଉତ୍ତର ଦେବାକୁ ଆରମ୍ଭ କଲେ "ଆମେ ବଞ୍ଚିବା ପାଇଁ ଖାଦ୍ୟ ଖାଉ" "ଆମେ ଖାଦ୍ୟରୁ ଶକ୍ତି ପାଉ"..... ଏହିପରି ଶିକ୍ଷାର୍ଥୀମାନଙ୍କ ପାଖରୁ ଅନେକ ଉତ୍ତର ଆସିଲା। ମିସ୍ ଅନିତା ପ୍ରତ୍ୟେକ ଶିକ୍ଷାର୍ଥୀ ଅଂଶ ଗ୍ରହଣ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଇଥିଲେ। ତା'ପରେ ସେ ଏକ ପ୍ରଶ୍ନ କଳାପଟାରେ ଲେଖିଦେଲେ..... "ଆମେ ଯଦି ଖାଦ୍ୟ ନ ଖାଇବା ତେବେ କ'ଣ ହେବ ?" ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ନୋଟ୍ ଖାତାରେ ଉତ୍ତରମାନ ଲେଖିଲେ। ସେହି ସମୟରେ ଅନୀତା, ଶିକ୍ଷାର୍ଥୀଙ୍କ କାର୍ଯ୍ୟକୁ ନିରୀକ୍ଷଣ କରୁଥିଲେ, ସେମାନଙ୍କ ଉତ୍ତର ପାଇଁ କିଛି ସହାୟକ ସୂଚନା ଦେଉଥିଲେ ଓ ଯେଉଁଠାରେ ଆବଶ୍ୟକ ପଡୁଥିଲା ଉତ୍ତର ମଧ୍ୟ ସଂଶୋଧନ କରି ଦେଉଥିଲେ। ସେ ମଧ୍ୟ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଉତ୍ତରଗୁଡ଼ିକୁ ଉପସ୍ଥାପିତ କରିବାକୁ କହୁଥିଲେ ଓ ସେ ସବୁକୁ କଳାପଟାରେ ନିଜେ ଲେଖି ଦେଉଥିଲେ।

ଉପରୋକ୍ତ ଦୁଇଟି ପରିସ୍ଥିତିକୁ ତୁଳନା କରି ଆପଣ କୁହନ୍ତୁ କେଉଁଟି ଉତ୍ତମ ଶିକ୍ଷଣ ପରିସ୍ଥିତି ଅଟେ? କାହିଁକି ?

ପ୍ରଥମ ପରିସ୍ଥିତିରେ ଶ୍ରୀ ମହାନ୍ତ ଧାରଣାଗୁଡ଼ିକୁ ପଢ଼ାଇବା ପାଇଁ ଅଧିକ ଗୁରୁତ୍ୱ ଦେଇଥିଲେ ଓ ଧାରଣା ସମ୍ପର୍କରେ ଶିକ୍ଷାର୍ଥୀଙ୍କ ଅନୁଭବକୁ ବୁଝି ନଥିଲେ। ସେ ଶିକ୍ଷାର୍ଥୀଙ୍କ ମୁଣ୍ଡରେ ଧାରଣାଗୁଡ଼ିକର ଜ୍ଞାନ ଭରି ଦେବାକୁ ଚେଷ୍ଟା କରୁଥିଲେ। ସେ ଅଳ୍ପ କିଛି ସକ୍ରିୟ ଶିକ୍ଷାର୍ଥୀଙ୍କ ଉପରେ ହିଁ ଧ୍ୟାନ ଦେଉଥିଲେ ଓ ଏହା ଦେଖା ଯାଉଥିଲା ଯେଉଁମାନେ ସାଧାରଣତଃ ଅଧିକ ନିଷ୍କ୍ରିୟ ରହୁଥିଲେ ସେମାନଙ୍କର ଯତ୍ନ ନେଉ ନଥିଲେ। ଏହା ଶିକ୍ଷକ କୈନ୍ଦ୍ରିକ ଶ୍ରେଣୀ ଥିଲା। ଅନ୍ୟ ପକ୍ଷରେ ଦ୍ୱିତୀୟ ପରିସ୍ଥିତିରେ ମିସ୍ ଅନୀତା, ବାରମ୍ବାର ଶିକ୍ଷାର୍ଥୀଙ୍କର ଅନୁଭୂତିକୁ ବୁଝି, ସେମାନଙ୍କର ଶିକ୍ଷଣ ସହଜ କରାଇବା ନିମିତ୍ତ ପିଲାମାନଙ୍କୁ ଅଧିକ ମଜି ରହିବା ପାଇଁ ଚେଷ୍ଟା କରୁଥିଲେ। ତାଙ୍କ ଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ପଚରା ଯାଉଥିବା ପ୍ରଶ୍ନରୁ ସ୍ପଷ୍ଟ ହେଉଥିଲା, ଯେ ସେ ନିଜେ, ଶିକ୍ଷାର୍ଥୀଙ୍କ ସ୍ଥାନୀୟ ପରିସ୍ଥିତି ପ୍ରତି ସଚେତନ ଥିଲେ ଓ ଶିକ୍ଷାର୍ଥୀଙ୍କ ଉପରେ କୌଣସି ଜ୍ଞାନ ଲଦି ଦେବାକୁ ଚେଷ୍ଟା କରୁ ନଥିଲେ।

ଯେତେବେଳେ ଶିକ୍ଷଣ ଶିକ୍ଷାର୍ଥୀଙ୍କ ଅନୁଭୂତି ସହିତ ସମ୍ପର୍କିତ ହୋଇଥାଏ, ରହିଥିବା ପୃଷ୍ଠଭୂମି ସହ ଯୋଡ଼ି ହୋଇଥାଏ, ଶିକ୍ଷାର୍ଥୀଙ୍କ ଚିନ୍ତାଧାରାରୁ ଉତ୍ପନ୍ନ ହୋଇଥାଏ, ସ୍ୱ-ନିର୍ଦ୍ଦେଶିତ ହୋଇଥାଏ, ଓ ଶିକ୍ଷାର୍ଥୀ ନିଜର ଶିକ୍ଷଣ-ଅନୁଭୂତିରୁ କିଛି କରୁଥାଏ, ସେତେବେଳେ ଏହା ଅର୍ଥପୂର୍ଣ୍ଣ ହୋଇଥାଏ।

### ୧୦.୨.୧ ଅର୍ଥପୂର୍ଣ୍ଣ ଶିକ୍ଷଣ ପାଇଁ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମି

ଜାତୀୟ ପାଠ୍ୟକ୍ରମ ଆଧାର (୨୦୦୫) ଅନୁସାରେ :

*"ଶିକ୍ଷାର୍ଥୀଙ୍କ ଗୋଷ୍ଠୀ ଓ ସ୍ଥାନୀୟ ପରିବେଶ ପ୍ରାଥମିକ ପୃଷ୍ଠଭୂମି ତିଆରି କରେ ଯେଉଁଥିରେ ଶିକ୍ଷଣ ସଂଗଠିତ ହୋଇଥାଏ ଓ ଯେଉଁଥିରେ ଜ୍ଞାନ ଏହାର ତାତ୍ପର୍ଯ୍ୟ ଉପଲବ୍ଧି କରିଥାଏ। ଶିକ୍ଷାର୍ଥୀ ନିଜର ବାତାବରଣ ସହିତ କ୍ରିୟା ପ୍ରତିକ୍ରିୟା ଦ୍ୱାରା ଜ୍ଞାନର ସଂରଚନା କରିଥାଏ ତଥା ଏହାର ଅର୍ଥ ଆହରଣ କରିଥାଏ।" (ପୃଷ୍ଠା-୩୦) ।*

ଟିପ୍ପଣୀ

ନିମ୍ନୋକ୍ତ ଦୁଇଟି ଅପରିହାର୍ଯ୍ୟ କାରଣ ଯୋଗୁ ଆମେ ଶିକ୍ଷାର୍ଥୀଙ୍କ ପାରିବାରିକ, ସ୍ଥାନୀୟ ତଥା ଗୋଷ୍ଠୀର ସ୍ଥିତିକୁ ଉପେକ୍ଷା କରି ପାରିବା ନାହିଁ, ଯେଉଁଥିରେ ସେ ଜନ୍ମ ହୋଇ ବଢିଥାଏ ।

୧) ସ୍ଥାନୀୟ ବାତାବରଣ ଶିକ୍ଷାର୍ଥୀଙ୍କୁ ପ୍ରଚୁର ଅଭିଜ୍ଞତା ହାସଲ କରିବା ନିମିତ୍ତ ସହାୟକ ପରିସ୍ଥିତି ପ୍ରଦାନ କରିଥାଏ ।

୨) ଶିକ୍ଷା ପାଇଁ ପ୍ରତିବନ୍ଧକ ପରିବାର ତଥା ଗୋଷ୍ଠୀର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରମ୍ପରା ଏବଂ ବିଶ୍ୱାସ ଯୋଗୁଁ ସୃଷ୍ଟି ହୋଇଥାଏ ।

***ସହାୟକ ପରିସ୍ଥିତି***

ଶିକ୍ଷାର୍ଥୀମାନେ ନିଜର ସାମାଜିକ-ସାଂସ୍କୃତିକ ବାତାବରଣ ସହିତ କ୍ରିୟା ପ୍ରତିକ୍ରିୟା କରି ବିବିଧ ଅଭିଜ୍ଞତାକୁ ଏକାଠି କରିଥାଆନ୍ତି । ଯଥା:- ଏମାନେ ଏମାନଙ୍କ ଚର୍ତୁଦିଗରେ ଥିବା ବୃକ୍ଷଲତାରୁ, ବିଭିନ୍ନ ଜୀବଜନ୍ତୁ ଓ ପଶୁପକ୍ଷୀରୁ ଯାହାକୁ ସେମାନେ ଦେଖନ୍ତି, ସାଙ୍ଗସାଥିଙ୍କଠାରୁ ଯାହାଙ୍କ ସହିତ ସେମାନେ ଖେଳିଥାଆନ୍ତି, ନିଜର ପରିବାରର ସଦସ୍ୟ ଯାହା ସହିତ ସେମାନେ ବାସକରନ୍ତି ଇତ୍ୟାଦିରୁ । ଏହା ଅର୍ଥ ସେମାନଙ୍କ ମୁଣ୍ଡ ଗୋଟିଏ ଶୂନ୍ୟ ସ୍ଲେଟ୍ ନୁହେଁ, ଯେତେବେଳେ ସେମାନେ ବିଦ୍ୟାଳୟକୁ ପ୍ରବେଶ କରିଥାଆନ୍ତି । ଏହିସବୁ ଅନୁଭୂତିକୁ ଆଧାର କରି ଆମେ ତାଙ୍କର ଶିକ୍ଷଣର ଅଗ୍ରଗତି ପାଇଁ, ସେମାନଙ୍କର ପୂର୍ବାନୁଭୂତିକୁ ପାଠ୍ୟ ପୁସ୍ତକରେ ଦିଆ ଯାଇଥିବା ନୂତନ ଜ୍ଞାନ ସହିତ ଯୋଡ଼ିବାକୁ ପଡିବ । ଆସନ୍ତୁ ବୁଝିବା କିଭଳି ଅର୍ଥପୂର୍ଣ୍ଣ ଶିକ୍ଷଣ ସଙ୍ଗଠିତ ହୋଇଥାଏ । ନିମ୍ନରେ ଦିଆଯାଇଥିବା ଚିତ୍ରଟିକୁ ଦେଖନ୍ତୁ ଓ ବିଚାର କରନ୍ତୁ ।




ଯେତେବେଳେ ଗୋଟିଏ ପିଲା ଖାଦ୍ୟ ବିଷୟରେ ଶିଖିଥାଏ, ସେ 'ଖାଦ୍ୟ'ର ଧାରଣାଗୁଡ଼ିକୁ ନିଜର ଅନୁଭୂତିରୁ ସହ ସମ୍ପର୍କିତ କରିଥାଏ ଯଥା ପ୍ରତିଦିନ ଖାଉଥିବା ବିଭିନ୍ନ ପ୍ରକାର ଖାଦ୍ୟ ଓ ଖାଦ୍ୟ ପ୍ରସ୍ତୁତ ପ୍ରକ୍ରିୟା । ସେ ମଧ୍ୟ ତାହାକୁ କୃଷି, ସ୍ୱାସ୍ଥ୍ୟ, ରୋଗ ଆଦି ସହିତ ସମ୍ପର୍କିତ କରିଥାଏ । ଏଠାରେ ସେହି ସବୁ ଅନୁଭୂତିଗୁଡ଼ିକୁ, ତାର ମସ୍ତିଷ୍କ ଏକତ୍ର ଗଚ୍ଛିତ କରିଥାଏ । ଯେତେବେଳେ ସେ ଗୋଟିଏ ଧାରଣାକୁ ମନେପକାଏ, ଅନ୍ୟ ଧାରଣାଗୁଡ଼ିକୁ ଏକା ସଙ୍ଗରେ ତାର ଅନୁଭୂତିରୁ ମନେ ପଡ଼ି ଯାଇଥାଏ । ଅନ୍ୟ ଅର୍ଥରେ 'ଖାଦ୍ୟ'ର ଧାରଣାଗୁଡ଼ିକ ମନେ ପକାଇବା ଫଳରେ ଏହା ସହିତ ସମ୍ପର୍କିତ ଅନ୍ୟ ଧାରଣାଗୁଡ଼ିକ ସମ୍ପର୍କିତ କରିବାକୁ ଶିକ୍ଷାର୍ଥୀର ମସ୍ତିଷ୍କ ସକ୍ରିୟ ହୋଇଯାଏ । ଏହି ପରିସ୍ଥିତିରେ ଶିକ୍ଷଣ ଅର୍ଥପୂର୍ଣ୍ଣ ହୁଏ କାରଣ ଶିକ୍ଷାର୍ଥୀ ନିଜର ନିକଟତମ ପରିବେଶ ସହିତ ଧାରାବାହିକ କ୍ରିୟା ପ୍ରତିକ୍ରିୟାରୁ ଉପଲବ୍ଧ ଅନୁଭୁତିକୁ ଉପଯୋଗ କରିବା ପାଇଁ ସୁଯୋଗ ପାଇଥାଏ । ଏହି ଅର୍ଥରେ କହିଲେ ସ୍ଥାନୀୟ ପରିବେଶ ଶିକ୍ଷଣ ପାଇଁ ସୁଯୋଗ ପାଇଁ ସହାୟକ ପ୍ରସଙ୍ଗମାନ ଯୋଗଇଦିଏ ।

ଟିପ୍ପଣୀ

***ପ୍ରତିରୋଧକ ସ୍ଥିତି :***

ଗୋଟିଏ ଗୋଷ୍ଠୀରେ ନିହିତ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରିସ୍ଥିତି ମଧ୍ୟ, ଶିକ୍ଷାର୍ଥୀଙ୍କ ଶିକ୍ଷା ପାଇଁ ବାଧା ସୃଷ୍ଟି କରିଥାଏ। କେତେକ ସମୃଦ୍ଧିଶାଳୀ ଗୋଷ୍ଠୀ ମଧ୍ୟ ବାଳିକାଶିକ୍ଷା ପାଇଁ ବହୁତ ଗୁଡ଼ିଏ ରକ୍ଷଣଶୀଳ ମନୋଭାବ ରଖିଥାଆନ୍ତି। ଅତ୍ୟଧିକ ଦାରିଦ୍ର୍ୟତା କାରଣରୁ ପରିବାର ନିଜର ପିଲାଙ୍କୁ ବିଦ୍ୟାଳୟ ପଠାଇବା ବଦଳରେ ଅର୍ଥ ଉପାର୍ଜନ କରି ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ନିୟୋଜନ କରିବାକୁ ବାଧ୍ୟ ହୋଇଥାଆନ୍ତି। ସେହିପରି, କେତେକ ଗୋଷ୍ଠୀ, ସାମାଜିକ ତଥା ଧାର୍ମିକ ଅନ୍ଧ ବିଶ୍ୱାସ କାରଣରୁ ନିଜର ଝିଅମାନଙ୍କୁ ବାଳକ ମାନଙ୍କ ସହ ପଢିବା ନିମିତ୍ତ ସହଶିକ୍ଷା ଅନୁଷ୍ଠାନକୁ ପଠାଇବା ପାଇଁ ପସନ୍ଦ କରନ୍ତି ନାହିଁ। କେତେକ ସମ୍ପ୍ରଦାୟ ଯେଉଁଠାରେ ଜାତିପ୍ରଥା ଅଧିକ ପ୍ରଚଳନ ରହିଛି, ସେଠାରେ ତଥାକଥିତ ଉଚ୍ଚ ଜାତିର ପରିବାର ନିଜର ପିଲାଙ୍କୁ ଦଳିତ ପରିବାରର ପିଲାସହ ମିଶିବାକୁ ପସନ୍ଦ କରିନ୍ତି ନାହିଁ କାରଣ ଆମେ ଦେଶର ବହୁତ ଅଞ୍ଚଳରେ ଏବେବି ସେମାନେ ଅସ୍ପୃଶ୍ୟ ଭାବେ ଗୃହିତ ହୋଇ ଥାଆନ୍ତି। ଜନଜାତି ପିଲାମାନଙ୍କର ସମୃଦ୍ଧି ଓ ବିବିଧ ସାଂସ୍କୃତିକ ପରମ୍ପରା ଥାଇମଧ୍ୟ ଏମାନେ ନିର୍ଧନତା ଓ ଭାଷା ଯୋଗୁ କଥାବାର୍ତ୍ତା କରିବାରେ ଅସୁବିଧା ହେତୁ ନମ୍ର ଦୃଷ୍ଟିରେ ଗ୍ରହଣୀୟ ହୋଇଥାନ୍ତି । ଏହିପରି ପ୍ରତିରୋଧକର ତାଲିକା ଅସମାପ୍ତ। ତେବେ ପିଲାଙ୍କର ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମିକୁ ବିଚାରକୁ ନେଇ ଅର୍ଥପୂର୍ଣ୍ଣ ଶିକ୍ଷଣକୁ ସହଜ କରିବା ନିମିତ୍ତ, ନିମ୍ନରେ କେତେକ ପରାମର୍ଶ ଦିଆଯାଇଅଛି।

- **ଶିକ୍ଷଣର ଆଧାର ରୂପେ ଶିକ୍ଷାର୍ଥୀର ଜ୍ଞାନର ବ୍ୟବହାର :**

  ମନେକର ଆପଣଙ୍କୁ "ଜଳର ଉତ୍ସ" ପଢ଼ାଇବାକୁ ଅଛି। ପାଠ୍ୟ ପୁସ୍ତକରେ ସୂଚିତ ଥାଏ ଯେ କୂଅ, ନଳ କୂପ, ନଦୀ ଆଦି ଜଳର ବିଭିନ୍ନ ପ୍ରକାରର ଉତ୍ସ ଅଟନ୍ତି। ଆପଣଙ୍କ ଅଞ୍ଚଳରେ ଶିକ୍ଷାର୍ଥୀମାନେ ଏଥିରୁ କୌଣସିଟିକୁ ଦେଖି ନାହାନ୍ତି। ସେମାନେ ପୋଖରୀ, ଝିଲ୍ଲୀ, ଝରଣା ଓ କେନାଲ ଆଦି ଦେଖିଛନ୍ତି। ତେଣୁ ଆପଣ ପାଠଟିକୁ ଏହିସବୁ ପାଣିର ଉତ୍ସଠାରୁ ଆରମ୍ଭ କରିବାକୁ ପଡ଼ିବ।

- **ଶ୍ରେଣୀ ପରିସ୍ଥିତିକୁ ପ୍ରାସଙ୍ଗିକ କରନ୍ତୁ :**

  ଯେତେବେଳେ ଆପଣ ଶ୍ରେଣୀରେ ଅଛନ୍ତି ଓ ଯାହା କିଛି ଆପଣ ପଢ଼ାଉଛନ୍ତି, ସ୍ଥାନୀୟ ପରିବେଶରୁ ଉଦାହରଣମାନ ନିଅନ୍ତୁ, ସ୍ଥାନୀୟ ଗଳ୍ପ କୁହନ୍ତୁ, ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ସ୍ଥାନୀୟ ଅଞ୍ଚଳରୁ ସଂଗୃହୀତ କରନ୍ତୁ। ଶିକ୍ଷାର୍ଥୀଙ୍କ ଜ୍ଞାନକୁ ଏକାଠି କରନ୍ତୁ ଓ ତାହାକୁ ଶିକ୍ଷାର୍ଥୀମାନଙ୍କ ସହିତ ସ୍ଥାନୀୟ ଭାଷା/କଥାରେ ଆଦାନ ପ୍ରଦାନ କରନ୍ତୁ। ଯଦି ଆପଣ ଏଭଳି କରନ୍ତି ତେବେ ଆପଣଙ୍କ ଶ୍ରେଣୀ କାର୍ଯ୍ୟଗୁଡିକ ଶିକ୍ଷାର୍ଥୀମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ହେବ।

- **ସ୍ଥାନୀୟ ଉପଲବ୍ଧ ସମାଗ୍ରୀର ବ୍ୟବହାର କରନ୍ତୁ :**

  ସାଧାରଣତଃ, ପଢାଉଥିବା ବେଳେ ପାଠ୍ୟ ପୁସ୍ତକରେ ଦିଆଯାଇଥିବା ଚିତ୍ରକୁ ଆପଣ ବ୍ୟବହାର କରନ୍ତି। ସମ୍ଭବତଃ ଆପଣ ଭୁଲି ଯାଆନ୍ତି ଯେ, ଏହି ଚିତ୍ର ସବୁ ଉଦାହରଣ ଭାବରେ ଦିଆ ଯାଇଥାଏ। ତେଣୁ ଯେତେବେଳେ ଆପଣ ଶିକ୍ଷଣରେ ସହାୟତା କରନ୍ତି,

ଆପଣ ସ୍ଥାନୀୟ ସାମଗ୍ରୀର ସଂଗ୍ରହ ଓ ପ୍ରସ୍ତୁତ କରନ୍ତୁ। ଯଦି ଆପଣ ଭୂଗୋଳରେ ବୃକ୍ଷଲତା ପଢ଼ାଉଛନ୍ତି, ତେବେ ସ୍ଥାନୀୟ ଉଦ୍ଭିଦ ଓ ବୃକ୍ଷର ନାମ ସଂଗ୍ରହ କରନ୍ତୁ ଏବଂ ଆପଣ ସ୍ଥାନୀୟ ବୃକ୍ଷଲତାରୁ ଶିକ୍ଷାଦାନ ଆରମ୍ଭ କରନ୍ତୁ।

- **ଶିକ୍ଷାର୍ଥୀଙ୍କ ସକ୍ରିୟ ଅଂଶ ଗ୍ରହଣକୁ ନିଶ୍ଚିତ କରନ୍ତୁ :**

  ପିଲାମାନେ ସକ୍ରିୟ ହୋଇଥାଆନ୍ତି ଯେତେବେଳେ ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାରେ ନିମଗ୍ନ ହୋଇଯାଆନ୍ତି। ଏହାର ଅର୍ଥ ସେମାନେ ପ୍ରଶ୍ନ ପଚାରିବା, ଯୁକ୍ତି କରିବା, ଆଲୋଚନା କରିବା, ତାଙ୍କର ମତାମତ ବ୍ୟକ୍ତ କରିବା, ନିଜେ ନିଜର ଉଦାହରଣ ଦେବା, ବର୍ଣ୍ଣନା କରିବା ଓ ବିସ୍ତାର କରିବା, ଶିକ୍ଷଣ ସମୟରେ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀର ବ୍ୟବହାର ଆଦିର ସୁଯୋଗ ପାଇଥାଆନ୍ତି। ତେଣୁ ଜଣେ ସହାୟକ ଭାବରେ ଲମ୍ବା ଭାଷଣ ନଦେଇ, ବିସ୍ତୃତ ବର୍ଣ୍ଣନା ନକରି ତଥା ଅଧିକ ଶ୍ରୁତଲିଖନ ନଦେଇ, ଶିକ୍ଷାର୍ଥୀମାନଙ୍କର ଅଂଶଗ୍ରହଣ ପାଇଁ ଆପଣଙ୍କୁ ସୁଯୋଗ ସୃଷ୍ଟି କରିବାକୁ ପଡିବ ।

- **ପାଠ୍ୟ ପୁସ୍ତକ ବାହାରକୁ ଯାଇ ଉଦାହରଣ ଦିଅନ୍ତୁ :**

  ମନେକର ଆପଣଙ୍କୁ ଦ୍ୱିତୀୟ ଶ୍ରେଣୀରେ ଯୋଗ କ୍ରିୟା ବିଷୟରେ ପଢ଼ାଇବାକୁ ଅଛି। ବହିରେ ଦିଆଯାଇଥିବା ଉଦାହରଣକୁ ଦେଖନ୍ତୁ ଓ ଏହାର ଉଦ୍ଦେଶ୍ୟ ବୁଝିବାକୁ ଚେଷ୍ଟା କରନ୍ତୁ। ଶିକ୍ଷଣର ସହାୟତା କରୁଥିବାବେଳେ, ସେହି ଉଦାହରଣଗୁଡ଼ିକୁ ଦିଅନ୍ତୁ ନାହିଁ। ଦୈନନ୍ଦିନ ଜୀବନରେ ସେମାନେ କିଭଳି ବିଭିନ୍ନ ପ୍ରକାର ଜିନିଷର ମିଶାଣ କରୁଛନ୍ତି ତା’ ଉପରେ ଉଦାହରଣ ଦିଅନ୍ତୁ ଓ ସେହି ସବୁ ଧାରଣାଗୁଡ଼ିକ ଶିକ୍ଷଣ ସହିତ ସମ୍ପର୍କିତ କରନ୍ତୁ। ଏହି ପନ୍ଥା ମାଧ୍ୟମରେ ଆପଣ ପାଠ୍ୟ ପୁସ୍ତକ ବାହାରକୁ ଯାଇ ପିଲାମାନଙ୍କର ଅନୁଭୂତିର ପ୍ରୟୋଗ କରିପାରିବେ ।

- **ପ୍ରଶ୍ନ ପଚାରିବା ଓ ଯୁକ୍ତି କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରନ୍ତୁ :**

  ପିଲାମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ସୁଯୋଗ ଦେବା ଅର୍ଥ ଆପଣ ସେମାନଙ୍କୁ ସକ୍ରିୟ କରାଉଛନ୍ତି। ଯଦି ସେମାନେ ପ୍ରଶ୍ନ ପଚାରନ୍ତି ତେବେ ସେମାନେ ଥିବା ଧାରଣାଗୁଡ଼ିକ ସମ୍ପର୍କରେ ଚିନ୍ତା କରିବେ ଓ ଯୁକ୍ତି କରିବେ। ଯେତେବେଳେ ସେମାନେ ଯୁକ୍ତି କରନ୍ତି ସେମାନେ କ’ଣ କହୁଛନ୍ତି ତାହା ବୁଝିବାକୁ ସୁଯୋଗ ପାଇବେ। ଯଦି ଏହିପରି ଆପଣଙ୍କ ଶ୍ରେଣୀରେ ଘଟିଥାଏ, ତେବେ ଏହା ବୁଝାଯାଏ ଯେ ଶିକ୍ଷାର୍ଥୀମାନେ ଅର୍ଥପୂର୍ଣ୍ଣ ଭାବେ ଶିଖୁଛନ୍ତି।

- **“ଶିକ୍ଷଣ ଫଳାଫଳ”ନୁହେଁ “ଶିକ୍ଷଣ ଏକ ପ୍ରକ୍ରିୟା” ଉପରେ ଆଲୋକପାତ କରନ୍ତୁ :**

  ଶିକ୍ଷଣରେ ସହାୟତା କରିଥିବା ବେଳେ ସେମାନେ କ’ଣ ଶିଖିଲେ ତା ଉପରେ ଅଧିକ ଗୁରୁତ୍ୱ ନଦେଇ ବରଂ “ସେମାନେ କିପରି ଶିଖୁଛନ୍ତି” ତା ଉପରେ ଗୁରୁତ୍ୱ ଦିଅନ୍ତୁ। ଏହି ପୃଥିବୀରେ କୌଣସି ଜ୍ଞାନ ପୂରା ଠିକ୍ ବା ପୂରା ଭୁଲ୍ ନଥିବାରୁ ସେମାନଙ୍କୁ ସିଧା ଜ୍ଞାନ ଓ ଉତ୍ତର ପ୍ରଦାନ କରନ୍ତୁ ନାହିଁ।

ଶିକ୍ଷା ଔପଚାରିକ ବା ଅନୌପଚାରିକ ହେଉ ଶିକ୍ଷାର୍ଥୀଙ୍କ ଅନୁଭୂତିର ପ୍ରୟୋଗ, ଶିକ୍ଷଣକୁ ଅର୍ଥ ପୂର୍ଣ୍ଣ କରିବାରେ ସହାୟକ ହୋଇଥାଏ। ଧାରଣାଗୁଡ଼ିକୁ ଶିଖିବା ପାଇଁ, ଯେ ପର୍ଯ୍ୟନ୍ତ ପିଲାମାନେ ନିଜର ଦୈନନ୍ଦିନ ଅନୁଭବକୁ ସ୍ଥାନୀୟ ଭାବେ ପ୍ରସ୍ତୁତ ନ କରିଥାଆନ୍ତି, ସେ ପର୍ଯ୍ୟନ୍ତ ତାଙ୍କର ଜ୍ଞାନ କେବଳ ସୂଚନାରେ ସିମୀତ ରହିଯାଏ। ପ୍ରସଙ୍ଗ ସହିତ ସଂମ୍ପର୍କିତ ନ ହେବା ଯାଏ ପାଠ୍ୟପୁସ୍ତକରୁ ଶିଖିବା ଅନିର୍ଦ୍ଦିଷ୍ଟ ହୋଇଥାଏ । ତେଣୁ ଆମକୁ ଶିକ୍ଷଣ ଶିକ୍ଷା ଦାନ ପ୍ରକ୍ରିୟାରେ ପିଲାମାନଙ୍କ ସକ୍ରିୟ ସହଭାଗୀତା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ଫଳରେ ସେମାନେ ତାଙ୍କର ଅନୁଭବକୁ ପରସ୍ପର ସହ ଆଦାନ ପ୍ରଦାନ କରିବେ ଓ ପାଠ୍ୟକ୍ରମ ଦ୍ୱାରା ପ୍ରସ୍ତାବିତ ଧାରଣାକୁ ଅଧିକ ଦୃଢ଼ କରିପାରିବେ।

---

**ଅଭ୍ୟାସ - ୧ ଅର୍ଥପୂର୍ଣ୍ଣ ଶିକ୍ଷଣର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ କ'ଣ?**

---

### ୧୦.୨.୨ ସ୍ଥାନୀୟ ଜ୍ଞାନ ଓ ପାଠ୍ୟପୁସ୍ତକ ଜ୍ଞାନ :

ବିଭିନ୍ନ ଧାରଣା ସଂମ୍ପର୍କିତ ଜ୍ଞାନ, ସୂଚନା ଓ ଉଦାହରଣ ଆଦି ଯାହା ପାଠ୍ୟ ପୁସ୍ତକରେ ଦିଆଯାଇଛି ତାହାକୁ ପାଠ୍ୟପୁସ୍ତକ ଜ୍ଞାନ କୁହାଯାଏ। କିନ୍ତୁ, ପିଲାମାନଙ୍କର ଗୋଷ୍ଠୀ ଓ ସ୍ଥାନୀୟ ପରିବେଶ, ପ୍ରାରମ୍ଭିକ ପୃଷ୍ଠଭୂମି ସ୍ଥାପନ କରିଥାଏ ଯାହା ଉପରେ ଶିକ୍ଷଣ ସଙ୍ଗଠିତ ହୋଇଥାଏ। ସେ ପରିବେଶ ସହିତ କ୍ରିୟାପ୍ରତିକ୍ରିୟା କରେ, ଅର୍ଥ ସୃଷ୍ଟି କରେ ଓ ଜ୍ଞାନ ସଂରଚନା କରେ। ଯାହା ପରବର୍ତ୍ତୀ ଶିକ୍ଷଣ ପାଇଁ ଆଧାରରେ ପରିଣତ ହୋଇଥାଏ । ଏହାକୁ ଆମେ ଶିକ୍ଷାର୍ଥୀଙ୍କର ସ୍ଥାନୀୟ ଜ୍ଞାନ କହିଥାଉ। ସାଧାରଣତଃ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାରେ ଏହା ଉପରେ ଧ୍ୟାନ ଦିଆଯାଇ ନଥାଏ। ଯେତେବେଳେ ଏକ ପାଠ୍ୟ ପୁସ୍ତକ ସାରା ରାଜ୍ୟ ପାଇଁ ତିଆରି ହୋଇଥାଏ ସେତେବେଳେ ପ୍ରତ୍ୟେକ ଅଞ୍ଚଳ ଓ ଗୋଷ୍ଠୀଙ୍କ ସ୍ଥାନୀୟ ଜ୍ଞାନ ପାଠ୍ୟ ପୁସ୍ତକରେ ରଖିବା କଠିନ ହୋଇଥାଏ। ଆମ ସାମାଜିକ-ସାଂସ୍କୃତିକ ଜୀବନର ବିବିଧତାକୁ ବିଚାରକୁ ନେବାମଧ ଅସମ୍ଭବ ହୋଇଥାଏ । କିନ୍ତୁ ପିଲାମାନେ ତାଙ୍କର ନିଜର ସ୍ଥାନୀୟ ସାମାଜିକ-ସାଂସ୍କୃତିକ ପରିବେଶରୁ ଉଦାହରଣ ପାଇବାକୁ ଦରକାର କରନ୍ତି। ଏଠାରେ ଶିକ୍ଷୟିତ୍ରୀ / ଶିକ୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଆନ୍ତି। ଆସନ୍ତୁ ଆମେ ଦେଖିବା ଜଣେ ଶିକ୍ଷକ କିପରି ପାଠ୍ୟ ପୁସ୍ତକ ଜ୍ଞାନକୁ ପ୍ରସଙ୍ଗିକ କରିଛନ୍ତି ।

- **ପାଠ୍ୟପୁସ୍ତକକୁ ବିଶଦ ଭାବରେ ପଢ଼ିବା :-**

  ବହୁ ସମୟରେ ଶିକ୍ଷକ ସିଧାସଳଖ ଭାବରେ ଶ୍ରେଣୀରେ ଯାଇ ଶିକ୍ଷାଦାନ ଆରମ୍ଭ କରନ୍ତି। ଖୁବ୍ କ୍ୱଚିତ୍ ସେମାନେ ପାଠ୍ୟ ପୁସ୍ତକରେ ଦିଆ ଯାଇଥିବା ତଥ୍ୟ ସମ୍ବନ୍ଧରେ ପୂର୍ବରୁ ଅବଗତ ହୋଇ ଥାଆନ୍ତି। ଫଳରେ, ସେମାନେ, ଶିକ୍ଷାର୍ଥୀଙ୍କର ଶିକ୍ଷଣ ସମ୍ବନ୍ଧରେ ପାଠ୍ୟ ପୁସ୍ତକ ଜ୍ଞାନକୁ ବୁଝାଇବା ପାଇଁ ସମସ୍ୟାରେ ପଡ଼ି ଯାଆନ୍ତି। ଶିକ୍ଷାର୍ଥୀଙ୍କ ପାଇଁ ପାଠ୍ୟ ପୁସ୍ତକ ଜ୍ଞାନକୁ ପୂର୍ବାପର ସମ୍ବନ୍ଧିତ କରାଇବା ପାଇଁ, ଶିକ୍ଷକଙ୍କୁ ପାଠ୍ୟ ପୁସ୍ତକଟିକୁ ବାରମ୍ବାର ପଢ଼ିବା ଦରକାର ହୁଏ । ଫଳରେ ସ୍ଥାନୀୟ ଉଦାହରଣ ଦେବା ନିମିତ୍ତ, ଶିକ୍ଷାଦାନ ଶିକ୍ଷଣର କେନ୍ଦ୍ର ବିନ୍ଦୁଗୁଡ଼ିକୁ ଶିକ୍ଷକ ଚିହ୍ନଟ କରିପାରିବେ ।

ଟିପ୍ପଣୀ

- **ପାଠ୍ୟପୁସ୍ତକରୁ ଶିକ୍ଷଣ ସୂଚକଗୁଡ଼ିକୁ ଖୋଜି ବାହାରକରିବା :-**

  ଯଦି ଜଣେ ଶିକ୍ଷକ ପାଠ୍ୟପୁସ୍ତକରୁ ଶିକ୍ଷଣ ସୂଚକଗୁଡ଼ିକୁ ବାହାର କରିପାରିବେ ତେବେ ସେ ଶିକ୍ଷାର୍ଥୀମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ଶିକ୍ଷଣ କାର୍ଯ୍ୟ ତିଆରି କରିବାକୁ ସମର୍ଥ ହୋଇପାରିବେ । ପାଠ୍ୟ ପୁସ୍ତକରେ ଦିଆ ଯାଇଥିବା କାର୍ଯ୍ୟଗୁଡିକ କେବଳ ଉଦାହରଣ ଅଟେ ଓ ଏହା ଶିକ୍ଷକଙ୍କୁ ଶିକ୍ଷଣ ସୂଚକ ଗୁଡିକୁ ଚିହ୍ନଟ କରିବା ପାଇଁ ସହାୟକ ହୋଇପାରିବ। ଯେତେବେଳେ ଜଣେ ଶିକ୍ଷକ ଏହି କାର୍ଯ୍ୟଗୁଡିକରେ ଉଦ୍ଦେଶ୍ୟକୁ ବୁଝି ଯାଇଥାନ୍ତି ସେ ଏହି ଶିକ୍ଷଣ ସୂଚକକୁ ପାଇ ପାରିବେ । ଉଦାହରଣ ସ୍ୱରୂପ ପଞ୍ଚମ ଶ୍ରେଣୀର ଇଂରାଜୀ ପାଠ୍ୟ ପୁସ୍ତକରେ ଏକ ପାଠରେ କିଛି ପ୍ରତ୍ୟେକ୍ଷ ବଚନ ଓ କିଛି ପରୋକ୍ଷ ବଚନ ଦିଆଯାଇଛି। ଏଠାରେ, ଉଦ୍ଦେଶ୍ୟ ହେଉଛି, ଶିକ୍ଷାର୍ଥୀକୁ କହିବା, ଶିଖାଇବା। ଜଣେ ଶିକ୍ଷକ, ଶିକ୍ଷଣ ସଙ୍କେତକୁ ବିକଶିତ କରିବା ପାଇଁ, ଶିକ୍ଷାର୍ଥୀଙ୍କ ସଙ୍ଗେ/ମଧ୍ୟରେ କଥାବାର୍ତ୍ତା କରିବାର ବ୍ୟବସ୍ଥା କରିପାରିବେ। ଗୋଟିଏ ଧାରଣା ଶିଖିସାରିବା ପରେ ଶିକ୍ଷାର୍ଥୀ କଣ କରିବ ଏହା ସୂଚକ ସୂଚିତ କରିଥାଏ।

- **ଭିନ୍ନଭିନ୍ନ ଶିକ୍ଷଣବିନ୍ଦୁ ଉପରେ ଶିକ୍ଷାର୍ଥୀଙ୍କ ଜ୍ଞାନକୁ ଏକତ୍ରୀତ କରିବା :-**

  ଯେତେବେଳେ ଶିକ୍ଷକ, ଶିକ୍ଷଣ ସୂଚକଗୁଡ଼ିକ ପାଇଯାଆନ୍ତି ଏଥି ସହ ଯୋଡିବା ପଇଁ ତାଙ୍କୁ ସ୍ଥାନୀୟ ସଂପର୍କିତ ଯୋଡିକୁ ଏକତ୍ରୀତ କରିବା ଦରକାର । ସେ ଏହି ଜ୍ଞାନକୁ ଶିକ୍ଷାର୍ଥୀ ଅନ୍ୟଶିକ୍ଷକ ଓ ଗୋଷ୍ଠୀର ସଦସ୍ୟଙ୍କଠାରୁ ପାଇପାରିବେ।

- **ଶିକ୍ଷାର୍ଥୀଙ୍କ ଜ୍ଞାନ/ଅନୁଭୂତିକୁ ପାଠ୍ୟ ପୁସ୍ତକ ଜ୍ଞାନ ସହିତ ଯୋଡ଼ିବା :-**

  ଯେତେବେଳେ ଶିକ୍ଷକ, ଶିକ୍ଷାର୍ଥୀଙ୍କ ଅନୁଭୂତିଗୁଡ଼ିକ ଗୋଟିଏ ଧାରଣ ସହିତ ସମ୍ପର୍କିତ ହୋଇଯାଏ ବୋଲି ଜାଣନ୍ତି, ତେବେ ତାଙ୍କୁ ଶିକ୍ଷାର୍ଥୀଙ୍କ ଜ୍ଞାନ ଓ ପାଠ୍ୟ ପୁସ୍ତକ ଜ୍ଞାନ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିବାକୁ ପଡ଼ିବ। ଏହି ଉଦ୍ଦେଶ୍ୟ ପାଇଁ ଶିକ୍ଷକଙ୍କୁ, ପ୍ରତ୍ୟେକ ଶିକ୍ଷଣ ସୂଚକ ପାଇଁ, ଶିକ୍ଷାର୍ଥୀଙ୍କ ଅନୁଭୂତିଗୁଡ଼ିକର ଟିପ୍ପଣୀ ପ୍ରସ୍ତୁତ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ, "ଖାଦ୍ୟ ପ୍ରସ୍ତୁତି"ର ଧାରଣା, ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ ଭିନ୍ନ ହୋଇପାରେ।

- **ଯଦି ଆବଶ୍ୟକ ହୁଏ ନିଜେ ବିଷୟବସ୍ତୁ ପ୍ରସ୍ତୁତ କରିବା :-**

  ବହୁ ସମୟରେ ଏକ ପାଠ୍ୟ ବିଷୟ ବସ୍ତୁ ଶିକ୍ଷାର୍ଥୀଙ୍କ ପାଇଁ ଉପଯୁକ୍ତ ହୋଇ ନଥାଏ। ତେଣୁ ଏହାକୁ ଅର୍ଥପୂର୍ଣ୍ଣ କରିବା ପାଇଁ ଶିକ୍ଷକଙ୍କୁ ଶିକ୍ଷାର୍ଥୀଙ୍କ ସାମାଜିକ ସାଂସ୍କୃତିକ ପୃଷ୍ଠଭୂମି ବିଚାରକୁ ନେଇ ବିକଳ୍ପ ବିଷୟବସ୍ତୁ ତିଆରି କରିବାକୁ ପଡବ। ଉଦାହରଣ ସ୍ୱରୂପ "ସଡ଼କ ଦୁର୍ଘଟଣା ଏକ ସହରୀ ଘଟଣା। ଆମେ ଗ୍ରାମାଞ୍ଚଳର ଶିକ୍ଷାର୍ଥୀଙ୍କୁ ଏହି ଶୀର୍ଷକ ଉପରେ ରଚନା ଲେଖିବାକୁ କହି ପାରିବାନି।

- ଯଦି ଆପଣ ପାଠ୍ୟ ପୁସ୍ତକ ଉପରେ ନିର୍ଭର କରନ୍ତି ଓ ଶିକ୍ଷାର୍ଥୀମାନେ ସ୍ଥାନୀୟ ଉତ୍ସରୁ ଆହରଣ କରିଥିବା ଅନୁଭୂତିକୁ ଗୌଣ ଭାବରେ ଦେଖନ୍ତି ତେବେ ଆପଣ ଦୁଇଟି ତ୍ରୁଟି କରୁଛନ୍ତି। ପ୍ରଥମେ ଆପଣ ଘୋଷା ଶିକ୍ଷଣକୁ ଉତ୍ସାହିତ କରୁଛନ୍ତି, କାରଣ ଅଧିକାଂଶ ପାଠ୍ୟ

ଟିପ୍ପଣୀ

ପୁସ୍ତକ ଅଭିଜ୍ଞତା, ବିଷୟବସ୍ତୁ ସହିତ ଯୋଡ଼ି ହୋଇ ନଥାଏ ଓ ଶିକ୍ଷାର୍ଥୀମାନେ ସହଜରେ ବୁଝି ପାରି ନ ଥାଆନ୍ତି। ଦ୍ୱିତୀୟତଃ, ଆପଣ ସେହି ପିଲା ଯେଉଁମାନେ ଘୋଷିବାରେ ପ୍ରବୀଣ ଓ ବିଷୟବସ୍ତୁକୁ ଖୁବ୍ ଶୀଘ୍ର ମନେରଖୁଛନ୍ତି ତଥା ଯେଉଁମାନେ ସମ୍ପୂର୍ଣ୍ଣ ଭାବେ ନିଜର ସ୍ଥାନୀୟ ଅନୁଭବ ଉପରେ ନିର୍ଭର କରିଥାଆନ୍ତି, ସେମାନଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରନ୍ତି। ସାଧାରଣତଃ, ପ୍ରଥମ କ୍ଷେତ୍ରରେ ପିଲାମାନେ ଆଦରଣୀୟ ଭାବେ ସ୍ୱୀକୃତି ପାଇଥାଆନ୍ତି ଓ ପରବର୍ତ୍ତୀ କ୍ଷେତ୍ରରେ ଶିକ୍ଷାର୍ଥୀମାନେ ମନ୍ଥରଗାମୀ ଭାବେ ଚିହ୍ନଟ ହୋଇଥାଆନ୍ତି। ଏହିପରି କେବେକେବେ ଅବହେଳିତ ସ୍ଥିତି ତଥା ଅବହେଳିତ ଶିକ୍ଷାର୍ଥୀ ଶ୍ରେଣୀ ସୀମା ମଧ୍ୟରେ ହିଁ ସୃଷ୍ଟି ହୋଇଯାଆନ୍ତି।

## ୧୦.୩ ଅବହେଳିତ ବର୍ଗର ଶିକ୍ଷାର୍ଥୀମାନଙ୍କ ପାଇଁ ଶିକ୍ଷା

ପୂର୍ବ ସୂଚନା ଅନୁଯାୟୀ ଅଳ୍ପ ସଂଖ୍ୟକ ସମ୍ପ୍ରଦାୟର ପିଲା, ବାଳିକା, ଅନୁସୂଚିତ ଜାତିର ପିଲା, ତଥା ବିଶେଷ ଆବଶ୍ୟକତା ଥିବା ପିଲାଙ୍କୁ ଅବହେଳିତ ବର୍ଗର ପିଲା ବୋଲି ବିଚାର କରାଯାଏ । ଆସନ୍ତୁ ଏମାନଙ୍କୁ ବୁଝିବା :

### ୧୦.୩.୧ ବାଳିକାମାନଙ୍କ ଶିକ୍ଷା

ଆମେ ସମସ୍ତେ ସାଧାରଣତଃ ବାଳିକାଙ୍କ ପ୍ରତି ଉପେକ୍ଷା ଭାବ ହେଉଥିବା ଓ ବିଶେଷ ଭାବରେ ଏମାନଙ୍କର ଶିକ୍ଷା ପ୍ରତି ଥିବା ଅବାଞ୍ଛିତ ମନୋଭାବକୁ ଜାଣୁ। ଉଭୟ, ପରିବାରରେ କିମ୍ବା ଗୋଷ୍ଠୀରେ ଓ ବିଦ୍ୟାଳୟରେ, ବାଳିକା ଶିକ୍ଷାକୁ ମୁଖ୍ୟତଃ ଗୁରୁତ୍ୱ ଦିଆଯାଉ ନାହିଁ। ଏହି ପ୍ରକାରର ଆଞ୍ଚଳିକ ଉପେକ୍ଷା, ଦେଶର ପ୍ରତ୍ୟେକ ଭାଗରେ ଦେଖିବାକୁ ମିଳିଥାଏ। ପରିବାରର ଆର୍ଥିକ ସ୍ତର ଯେପରି ହେଉ ନା କାହିଁକି, ମୌଳିକ ଶିକ୍ଷା ଦୃଷ୍ଟିରୁ ବିଚାର କଲେ ଦେଖାଯାଏ ଯେ ପ୍ରାୟ ମୋଟ ପିଲାସଂଖ୍ୟାର ଅର୍ଦ୍ଧେକ ଓ ଭବିଷ୍ୟତର ମା' ମାନଙ୍କୁ ଅତି ସାଧାରଣ ଭାବେ ବ୍ୟବହାର ପ୍ରଦର୍ଶନ କରାଯାଏ । ସେମାନେ ଅନେକ ସୁବିଧା ସୁଯୋଗରୁ ବଞ୍ଚିତ ହୁଅନ୍ତି ।

**ବାଳିକା ଶିକ୍ଷା କାହିଁକି ଗୁରୁତ୍ୱପୂର୍ଣ୍ଣ ଅଟେ ?**

"ଗୋଟିଏ ବାଳକକୁ ଶିକ୍ଷିତ କରିଲେ, ଏକ ବ୍ୟକ୍ତି ଶିକ୍ଷିତ ହୋଇଥାଏ।" କିନ୍ତୁ ଯଦି "ଗୋଟିଏ ବାଳିକା ଶିକ୍ଷିତ ହୋଇଥାଏ ତେବେ ଗୋଟିଏ ବଂଶ ଶିକ୍ଷିତ ହୋଇଥାଏ।" ଏହି ବାକ୍ୟଟି ବାଳିକା ଶିକ୍ଷାର ଗୁରୁତ୍ୱକୁ ପ୍ରଦର୍ଶିତ କରିଥାଏ। ମୋଟ ପିଲାସଂଖ୍ୟାର ଅର୍ଦ୍ଧେକଙ୍କୁ ଶିକ୍ଷିତ କରିବା ଛଡା ବାଳିକା ଶିକ୍ଷା ବାସ୍ତବିକ ରୂପରେ ଅଧିକ ଲାଭଦାୟକ ଯାହା ନିମ୍ନରେ ବର୍ଣ୍ଣନା କରାଯାଇଅଛି।

**ମହିଳା ସଶକ୍ତିକରଣ ଦିଗରେ :**

- ଆଧୁନିକ ସମୟରେ ପୂରା ବିଶ୍ୱରେ, ମହିଳାମାନେ ପ୍ରତ୍ୟେକ ମାନବୀୟ ପ୍ରଚେଷ୍ଟାରେ ଉତ୍କର୍ଷ ହାସଲ କରିଛନ୍ତି। ଉପଯୁକ୍ତ ଶିକ୍ଷା ହାସଲ କରି ମହିଳାମାନେ ପୁରୁଷଙ୍କ ସହିତ ସମକକ୍ଷ ହୋଇଛନ୍ତି । ଏପରିକି ବହୁ କ୍ଷେତ୍ରରେ ସେମାନେ ପୁରୁଷ ମାନଙ୍କୁ ଅତିକ୍ରମ କରିଛନ୍ତି । ମହିଳା ସଶକ୍ତିକରଣର ଏହି ଉଦ୍ଦେଶ୍ୟ ହାସଲ ପାଇଁ ଶିକ୍ଷା ହେଉଛି ଏକ ଚାବି କାଠି ଓ ବାଳିକାଙ୍କ ପ୍ରାରମ୍ଭିକ ଶିକ୍ଷା ଏଥିନିମିତ୍ତ ଆଧାର ପ୍ରଦାନ କରେ।



ଟିପ୍ପଣୀ

**କାର୍ଯ୍ୟ କ୍ଷେତ୍ରରେ ଶିକ୍ଷା ଓ ଦକ୍ଷତା :**

- ଏହା ଦେଖା ଯାଇଅଛି ଯେ, ମହିଳାମାନଙ୍କ ଶିକ୍ଷା ସେମାନଙ୍କ କାର୍ଯ୍ୟ ସମୟ ବୃଦ୍ଧି ଉପରେ ପ୍ରଭାବ ପକାଇ ଥାଏ । କିନ୍ତୁ ପୁରୁଷଙ୍କ କ୍ଷେତ୍ରରେ ଶିକ୍ଷା ସେମାନଙ୍କର କାମର ପରିମାଣ ଉପରେ ଖୁବ୍ କମ୍ ପ୍ରଭାବ ପକାଇଥାଏ। ଏହି ଘଟଣା ବିଦ୍ୟାଳୟରେ ମଧ୍ୟ ଦୃଶ୍ୟମାନ ହୋଇଥାଏ, ଯେଉଁଠି ହାରାହାରି ଭାବରେ ବାଳିକାମାନେ ଅଧିକ ସମୟ ପାଠପଢ଼ାରେ ଦେବାକୁ ଚାହାନ୍ତି ଓ ଏମାନଙ୍କୁ ଟିକିଏ ପ୍ରୋତ୍ସାହନ ମିଳିଲେ ସେମାନେ ବାଳକମାନଙ୍କଠାରୁ ଉତ୍ତମ ଭାବରେ କାର୍ଯ୍ୟ ସମ୍ପାଦନ କରପାରିବେ।

**ଲିଙ୍ଗ ବିଭେଦତା ଦୂର କରିବା :**

- ବାଳିକା ଶିକ୍ଷା, ଏମାନଙ୍କୁ ସଶକ୍ତି କରାଇଥାଏ ଓ ଅସମତା ସ୍ତରକୁ ହ୍ରାସ କରିଥାଏ ଯଦିଓ ମହିଳା ମାନେ ଅନ୍ୟ ପକ୍ଷରେ ଏକ ନିମ୍ନତର ସ୍ଥାନ ପରିବାରରେ ଓ କାର୍ଯ୍ୟସ୍ଥଳରେ ପାଇଥାଆନ୍ତି।

**ପାରିବାରିର ସ୍ୱାସ୍ଥ୍ୟ ଓ ଶିକ୍ଷା :**

- ଜଣେ ଶିକ୍ଷିତ ମା ଦ୍ୱାରା ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟର ଯତ୍ନ ଓ ପିଲାମାନଙ୍କର ଶିକ୍ଷା ଅଧିକ ଧ୍ୟାନ ଦିଆଯାଇଥାଏ। ଏପରିକି ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଝିଅମାନେ ଘରେ ପରିବେଶ ସ୍ୱଚ୍ଛ ରଖିବାରେ ପରିବର୍ତ୍ତନ ଆଣି ପାରିବେ ଓ ପରିବାର ସଦସ୍ୟମାନଙ୍କର ସ୍ୱଚ୍ଛତାର ଅଭ୍ୟାସ ବିକଶିତ କରିବାରେ ସହାୟକ ହୋଇପାରିବେ ।

**ଉନ୍ନତ ମାନର ଶିଶୁ ଯତ୍ନ :**

- ଯେତେବେଳେ ଗୋଟିଏ ବାଳିକା ଶିକ୍ଷିତ ହୁଏ ସେ ଭବିଷ୍ୟତରେ କେବଳ ଗୋଟିଏ ଭଲ ମା ହୋଇଥାଏ ତା ନୁହେଁ ବରଂ ସେ ମଧ୍ୟ ପରିବାରରେ ପିଲାମାନଙ୍କର ଉତ୍ତମ ଯତ୍ନ ନେଇପାରିବ।

**ପ୍ରଜନନ ହାର ତଥା ଅର୍ଥନୈତିକ ଅଭିବୃଦ୍ଧି :**

- ଗବେଷଣା ଦ୍ୱାରା ଏହା ପ୍ରଦର୍ଶିତ ହୋଇଛି ଯେ, ପ୍ରଜନନର ହାରରେ ହ୍ରାସ ପ୍ରତ୍ୟେକ୍ଷ ଭାବେ ବାଳିକା ଶିକ୍ଷା ସ୍ତର ସହିତ ସମ୍ବନ୍ଧିତ । ତାହା ଅର୍ଥ, ବାଳିକା ଶିକ୍ଷାର ସ୍ତର ଅଧିକ ହେଲେ, ଶିଶୁଜନ୍ମ ହାର କମିଯାଏ ଏବଂ କମ୍ ପ୍ରଜନନ ହାର ଥିବା ସମାଜରେ ଆର୍ଥିକ ବୃଦ୍ଧି ଅଧିକ ହୋଇଥାଏ। ଅନ୍ୟ ପକ୍ଷରେ ସାଧାରଣ ଭାବେ ବାଳକଙ୍କ ଶୈକ୍ଷିକ ସ୍ତର, ପ୍ରଜନନ ସ୍ତର ସହିତ କୌଣସି ସିଧା ସମ୍ବନ୍ଧ ନାହିଁ।

**ବିଦ୍ୟାଳୟରେ ବାଳିକା ମାନଙ୍କ ଶିକ୍ଷାର ସମସ୍ୟା :**

- ଯେତେବେଳେ ବାଳିକା ଶିକ୍ଷା ପ୍ରତି ଉଦାସୀନତା ପରିବାରରୁ ଆରମ୍ଭ ହୋଇଥାଏ ସେହି ଦୃଷ୍ଟିରୁ ଏହା ବିଦ୍ୟାଳୟ ଓ ଶ୍ରେଣୀରେ ମଧ୍ୟ ବିଭିନ୍ନ ରୂପରେ ସେହି ପ୍ରକାର ଭାବରେ ଚାଲିଥାଏ।

**ପ୍ରବେଶ ଓ ନାମଲେଖା :**

- ପିଲାଙ୍କ ଘର ପାଖରେ ବିଦ୍ୟାଳୟ ହେବାର ସୁବିଧା ଆଜି ମଧ୍ୟ ଦୂର ଦୂରାନ୍ତ ଗ୍ରାମାଞ୍ଚଳରେ ତଥା ପାର୍ବତ୍ୟ ଅଞ୍ଚଳରେ ଉପଲବ୍ଧ ହୋଇ ନଥାଏ। ପରିବାରର ଲୋକମାନେ ବିଦ୍ୟାଳୟ ଦୂରରେ ଥିବାଯୋଗୁଁ ବା ଯଦି ବିଦ୍ୟାଳୟରେ ପହଞ୍ଚିବା ସୁରକ୍ଷିତ ହୋଇ ନଥବା ଯୋଗୁଁ କିମ୍ବା ଅସୁବିଧାଜନକ ଭୌଗୋଳିକ ପରିସ୍ଥିତି କାରଣରୁ ଯଥା (ପାହାଡ଼ିଆ ରାସ୍ତା, ପାଣିର ଧାର, ଘଞ୍ଚ ଜଙ୍ଗଲ, ଅସମତଳ ଭୂମି ରୂପ) ବା ବିଦ୍ୟାଳୟର ରାସ୍ତାରେ ଅସମାଜିକ ଉପାଦାନର ଉପସ୍ଥିତି ଯୋଗୁଁ ବାଳିକାମାନଙ୍କୁ ପଠାନ୍ତି ନାହିଁ । ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ର ସର୍ତ୍ତ ଅନୁଯାୟୀ, ପିଲାର ଘର ପାଖରୁ ୧ କି.ମି. ଭିତରେ ପଡ଼ୋଶୀ ବିଦ୍ୟାଳୟ ସ୍ଥାପନ କରିବା ଦ୍ୱାରା ଏହି ସମସ୍ୟାର ବହୁଳ ପରିମାଣରେ ସମାଧାନ ହୋଇପାରିବ। କିନ୍ତୁ, ଏହା ହେବା ସତ୍ତ୍ୱେ, ବହୁତ ବଡ଼ ସଂଖ୍ୟାର ଛୋଟଛୋଟ ତଥା ପାର୍ବତ୍ୟ ଅଞ୍ଚଳରେ, ଯେଉଁଠି ପହଞ୍ଚିବା ଏକ ସମସ୍ୟା ଅଟେ ସେଠାରେ ଥିବା ବାଳିକାମାନେ ବିଦ୍ୟାଳୟର ସୁବିଧା ପାଇ ପାରୁନାହାନ୍ତି । ଏହି ପ୍ରକାର ଆହ୍ୱାନକୁ ସାମନା କରିବା ପାଇଁ ସେହି ପିଲାମାନଙ୍କ ଲାଗି ଆବାସିକ ବିଦ୍ୟାଳୟ କରିବାର ପ୍ରସ୍ତାବ ଦିଆ ଯାଇଅଛି। ପୂର୍ବ ଦଶନ୍ଧି ସମୟ ଭିତରେ ବାଳିକାମାନଙ୍କର ନାମଲେଖାରେ ବହୁତ ବୃଦ୍ଧି ଘଟିଛି। କାରଣ ଏଥିନିମିତ୍ତ ଦେଶର ସବୁ ରାଜ୍ୟରେ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଦୃଢ ପ୍ରଚେଷ୍ଟା କରାଯାଉଅଛି। କିନ୍ତୁ ବାଳିକାଙ୍କ ନାମ ଲେଖା ସବୁ ରାଜ୍ୟରେ ବାଳକଙ୍କ ତୁଳନାରେ ପଛରେ ଅଛି। ଏହି ଘଟଣାର ବହୁତ ଗୁଡ଼ିଏ କାରଣ ରହିଛି। ଯେପରି ଘର କାମରେ ବାଳିକାମାନେ ଲିପ୍ତ ହୁଅନ୍ତି, ଛୋଟ ଭାଇ ଭଉଣୀଙ୍କର ଯତ୍ନ ନିଅନ୍ତି ଏବଂ ବାଳିକା ଶିକ୍ଷାର ତାତ୍ପର୍ଯ୍ୟ ସମ୍ପର୍କରେ ସଚେତନ ନୁହଁନ୍ତି। ଏହି ସବୁକୁ ମିଶାଇଲେ ବାଳିକା ଶିକ୍ଷା ପ୍ରତି ଉପେକ୍ଷା ଭାବ ରହିଛି ବୋଲି କୁହାଯାଇଥାଏ।

**ପ୍ରତିକୂଳ ବିଦ୍ୟାଳୟ ବାତାବରଣ :**

- ବିଦ୍ୟାଳୟରେ ବହୁତ ଗୁଡ଼ିଏ ସୁବିଧାରେ ସ୍ୱଳ୍ପତା ପରିଲକ୍ଷିତ ହୁଏ। ଯେପରି ଆବଶ୍ୟକ ପରିମାଣର ଶ୍ରେଣୀ ଗୃହର ଅଭାବ, ଛୋଟ ଏବଂ ଗହଳି ପୂର୍ଣ୍ଣ ଶ୍ରେଣୀ ଗୃହ, ପର୍ଯ୍ୟାପ୍ତ ଆଲୁଅର ଅଭାବ ଥିବା ଶ୍ରେଣୀଗୃହ, ପିଇବା ପାଣି ଓ ଶୌଚାଳୟର ଅଭାବ ଆଦି ଉଭୟ ବାଳକ ଓ ବାଳିକାମାନଙ୍କ ପାଇଁ ଅସୁବିଧାପୂର୍ଣ୍ଣ ସ୍ଥିତି ଉତ୍ପନ୍ନ କରେ। ବିଦ୍ୟାଳୟରେ ବାଳିକା ଓ ବାଳକମାନଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ପିଇବା ପାଣିର ବ୍ୟବସ୍ଥା ନ ଥିବାରୁ ଶିକ୍ଷାର୍ଥୀମାନଙ୍କ ପାଇଁ ସର୍ବାଧିକ ପ୍ରତିକୂଳ ପରିସ୍ଥିତି, ବିଶେଷ ଭାବରେ ବାଳିକାମାନଙ୍କ ପାଇଁ ବିଦ୍ୟାଳୟରେ ଦେଖାଯାଏ। ଏହା ଦେଖାଯାଏ ଯେ ଯେଉଁ ବିଦ୍ୟାଳୟରେ ଏହି ସବୁ ସୁବିଧାର ଅଭାବ ହୋଇଥାଏ, ସେଠାରେ ବାଳିକାମାନଙ୍କର ଧାରଣା ହାର କମ୍ ହୋଇଥାଏ। ସାଧାରଣତଃ ବାଳିକାମାନେ ଶିକ୍ଷକଙ୍କ ବଦଳରେ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଅବାଧରେ କ୍ରିୟା ପ୍ରତିକ୍ରିୟା କରିପାରନ୍ତି । ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କ ପରିମାଣ କମ୍ ହେବାରୁ ବାଳିକାମାନଙ୍କର ଅବାଧ କ୍ରିୟା ପ୍ରତିକ୍ରିୟାରେ ବାଧା ପ୍ରାପ୍ତ ହୁଏ। ଫଳରେ ବାଳିକାମାନେ ବିଦ୍ୟାଳୟରେ

ଟିପ୍ପଣୀ

ତାଙ୍କର ସନ୍ଦେହ ମୋଚନ ପାଇଁ ଓ ସମସ୍ୟା ସମାଧାନ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି ।

- **ଭେଦଭାବ ପୂର୍ଣ୍ଣ ବ୍ୟବହାର :**ବିଦ୍ୟାଳୟ ଓ ଶ୍ରେଣୀରେ ଆମେ ବାଳିକାମାନଙ୍କ ସହିତ ଯେଉଁ ବ୍ୟବହାର କରୁଥାଏଁ ତାହାକୁ ଭାବନ୍ତୁ । ନିମ୍ନଲିଖିତ ସ୍ଥିତିଗୁଡ଼ିକ ଏଥି ସହିତ ସମାନ ହୋଇପାରନ୍ତି ।

  - ଜାଣତରେ ବା ଅଜାଣତରେ ହେଉ ଆମେ ସାଧାରଣତଃ ବାଳିକା ଶିକ୍ଷାକୁ ଓ ଅନ୍ୟ ସମସ୍ୟା ଯାହା ସେମାନେ ଶ୍ରେଣୀରେ ତଥା ବିଦ୍ୟାଳୟରେ ସମ୍ମୁଖୀନ ହୋଇଥାନ୍ତି, ତାହାକୁ କମ୍ ଧ୍ୟାନ ଦେଇଥାଉ । ଶ୍ରେଣୀରେ ବାଳିକାମାନେ ବାଳକମାନଙ୍କଠାରୁ ଅଲଗା ହୋଇ ବସନ୍ତି । ଦଳଗତ କାର୍ଯ୍ୟ କ୍ରମରେ ବାଳିକାମାନେ ସ୍ୱତନ୍ତ୍ର ଭାବେ ଏକ ଦଳରେ ବସନ୍ତି । ଶିକ୍ଷଣ କାର୍ଯ୍ୟକ୍ରମ ସମ୍ପାଦନରେ ବାଳକମାନଙ୍କୁ ଯେତେପରିମାଣରେ ନିୟୋଜିତ କରାଯାଏ ସେହି ଅନୁପାତରେ ବାଳିକାମାନଙ୍କୁ ନିୟୋଜିତ କରାଯାଏ ନାହିଁ । ବାଳିକାମାନଙ୍କୁ ଶ୍ରେଣୀ ପ୍ରତିକ୍ରିୟା ସମୟରେ ବାଳକମାନଙ୍କ ତୁଳନାରେ କମ୍ ପ୍ରଶ୍ନ ପଚରା ଯାଇଥାଏ ।

  - ଏହା ଏକ ସାଧାରଣ ଅଭ୍ୟାସ, ବିଦ୍ୟାଳୟରେ ଆମେ ଲିଙ୍ଗ ଭେଦରେ ଝିଅମାନଙ୍କୁ ଓ ପୁଅମାନଙ୍କୁ ସେହି ପରମ୍ପରାଗତ ରୂପରେ କାର୍ଯ୍ୟ କରିବାକୁ ନେଇଥାଉ । ଯେପରି, ପୁଅମାନଙ୍କୁ ଫୁଟ୍‌ବଲ୍, କ୍ରିକେଟ ଖେଳିବାକୁ ଦିଆଯାଏ ଓ ଝିଅମାନଙ୍କୁ ଲୁଡୁ, ଦୌଡ଼ିଡିଆଁ ଆଦି ଦିଆଯାଇଥାଏ । ବାଳିକାମାନେ ଶାରୀରିକ କଷ୍ଟ କାର୍ଯ୍ୟକ୍ରମରେ କମ୍ ଲିପ୍ତ ହୁଅନ୍ତି ଏବଂ ଅଧିକ ଘର ଭିତରର କାର୍ଯ୍ୟକ୍ରମ ଓ ଖେଳ ଆଦି କରିବାକୁ ଦିଆଯାଏ ଯେପରି ଘରର ଚଟାଣ ସଫା କରିବା, ସିଲେଇ, ବୁଣାବୁଣି ଓ କଣ୍ଢେଇ ପ୍ରସ୍ତୁତି ଆଦି । ସହିପରି ବାଳକମାନେ ଅଧିକ ଶାରୀରିକ, ଆହ୍ୱାନମୂଳକ ଓ ବାହାର କାର୍ଯ୍ୟ କରନ୍ତି ଯଥା ସମାଚାର ପ୍ରଦାନ କରିବା, ଭାରୀ ବସ୍ତୁ ଉଠାଇବା, ବଗିଚାରେ କାମ କରିବା ଇତ୍ୟାଦି ।

  - ଜଣେ ବାଳକ ଉଚ୍ଚ ସ୍ୱରରେ କଥା ହେଉଥିବା ବେଳେ ଆମେ ତାକୁ ଗୁରୁତ୍ୱ ଦେଉ ନଥିବା ସମୟରେ ବାଳିକାଟିଏ ଉଚ୍ଚ ସ୍ୱରରେ କଥା ହେଲେ, ଆମେ ତାହାକୁ ଏପରି ନକରିବାକୁ ସାବଧାନ କରିଥାଉଁ । ବାଳକର ଏହିପ୍ରକାର ଚତୁରତାକୁ ପ୍ରଶଂସା କରୁଥିବା ସମୟରେ ବାଳିକାଟିର ଏହି ପ୍ରକାରର ଚତୁରତାକୁ ଆଦୌ ପସନ୍ଦ କରି ନଥାଉ ।

- **ପାଠ୍ୟପୁସ୍ତକରେ ଭେଦଭାବ ପୂର୍ଣ୍ଣ ବ୍ୟବସ୍ଥା :** ପାଠ୍ୟ ପୁସ୍ତକରେ ପ୍ରାୟ ମହିଳାମାନଙ୍କୁ ନିମ୍ନସ୍ତରରେ ପ୍ରଦର୍ଶିତ କରାଯାଇଥାଏ । ଯାହା ବାଳିକାଙ୍କର ବିଦ୍ୟାଳୟ ଶିକ୍ଷାର ଆରମ୍ଭରୁ ହିଁ ହୀନ ଭାବନାକୁ ଜନ୍ମ ଦେଇଥାଏ । ଆସନ୍ତୁ ଏହିପରି କିଛି ଭେଦଭାବ ପୂର୍ଣ୍ଣ ସାମଗ୍ରୀର ନମୁନା ଉପରେ ଦୃଷ୍ଟିପାତ କରିବା ।

- ପାଠ୍ୟ ପୁସ୍ତକରେ ଆପଣ ଅଧିକାଂଶ ସମୟରେ ଦେଖିବେ ଯେ, ମହିଳାମାନଙ୍କର ସମସ୍ୟା ଉପରେ ଧ୍ୟାନ ଦିଆ ଯାଇନଥାଏ କିମ୍ବା ସାଧାରଣ ବା ବୃତ୍ତିଗତ କ୍ଷେତ୍ରରେ ପ୍ରସିଦ୍ଧ ମହିଳାମାନଙ୍କ ଉପଲବ୍ଧିର ସଫଳତା ଆଲୋଚନା ମଧ୍ୟ କରାଯାଇନଥାଏ ।
- ପରିବେଶ ବିଜ୍ଞାନ ବହିରେ "ପରିବାର" ପାଠରେ ପିତା ଓ ମାତାଙ୍କର ବିରୋଧ ଭୂମିକାକୁ ଦର୍ଶାଯାଇଛି । ପିତା ପରିବାର ପାଇଁ ଉପାର୍ଜନ କରନ୍ତି ଓ ମାତା କେବଳ ଘର କାମ କରିବାରେ ସୀମିତ ରହନ୍ତି ଏହିପରି ଭୂମିକା ଦେଖିବାକୁ ମିଳେ ।
- ସେହି ପ୍ରସଙ୍ଗରେ ଚିତ୍ରରେ ଦେଖାଯାଇଛି, ପିତା ଆରାମରେ ସମ୍ବାଦ ପତ୍ର ପଢୁଛନ୍ତି ଓ ମାତା ରାନ୍ଧୁଛନ୍ତି ।
- ପଞ୍ଚମ ଶ୍ରେଣୀ ଗଣିତ ପାଠ୍ୟ ପୁସ୍ତକର ପ୍ରସଙ୍ଗ "ସମୟ ଓ କାର୍ଯ୍ୟ"ରେ ଥିବା ଗୋଟିଏ ଉକ୍ତିର ସମ୍ପର୍କରେ ଆମେ ଆସିବା । ଯେପରି "ଦୁଇଜଣ ସ୍ତ୍ରୀ ଲୋକ ଏହି କାର୍ଯ୍ୟକୁ ଗୋଟିଏ ଦିନରେ କରିପାରନ୍ତି ଯାହାକୁ ଜଣେ ପୁରୁଷ ଗୋଟିଏ ଦିନରେ କରିଥାଏ । ଜଣେ ପୁରୁଷ ପ୍ରତିଦିନ ୧୦୦ଟଙ୍କା ରୋଜଗାର କରିଥାଏ ଯେତେବେଳେ ମହିଳାଟିଏ ସେହି କାମ କରିବାକୁ ୬୦ଟଙ୍କା ପ୍ରତିଦିନ ରୋଜଗାର କରିଥାଏ ।" ଏହିପରି ଅନେକ ଉକ୍ତି ଯାହା ମହିଳାମାନଙ୍କର ନିମ୍ନ ଅବସ୍ଥାକୁ ବୁଝାଇଥାଏ ଓ ଗଣିତ ପାଠ୍ୟ ପୁସ୍ତକରେ ଏଭଳି ବହୁତ ପ୍ରଶ୍ନରେ ମିଳିଥାଏ । ଯଦିଓ ଏହିକଥା ଗଣିତର ଅବଧାରଣା ସହିତ ସମ୍ବନ୍ଧିତ ନୁହେଁ ବା ଜାଣି ଶୁଣି ଏହାକୁ ଦିଆ ଯାଇ ନଥାଏ । ଏହା ଆମର ଲିଙ୍ଗଗତ ଭେଦଭାବର ବିଚାରକୁ ପ୍ରଦର୍ଶିତ କରିଥାଏ ଯାହା ଯୁବ ଶିକ୍ଷାର୍ଥୀଙ୍କ ପାଖକୁ ଅଜାଣତରେ ସ୍ଥାନାନ୍ତରୀତ ହୋଇଥାଏ ।
- ଭାଷା ଓ ସାମାଜିକ ପାଠରେ ମଧ୍ୟ ପ୍ରାୟ, ଆପଣ ଏହି ପ୍ରକାରର ଭେଦଭାବପୂର୍ଣ୍ଣ ଉପାଦାନମାନ ପାଇବେ ।

ପାଠ୍ୟ ପୁସ୍ତକରେ ମହିଳାଙ୍କ ଉପରେ ଏହି ପ୍ରକାର ପ୍ରତିକୂଳ କଥାକୁ ଚିହ୍ନଟ କରି, ତାହାର ଦୂରୀକରଣ ପାଇଁ ଆଜିକାଲି କିଛି ସୁଧାରାତ୍ମକ ଉପାୟ କରାଯାଉଅଛି ।

## ❍ ଶିକ୍ଷଣ କାର୍ଯ୍ୟ ସମ୍ପାଦନ ସଂପର୍କିତ କାଳ୍ପନିକ ଧାରଣା :

ବାଳିକାମାନଙ୍କର ଶିକ୍ଷଣ ଉପଲବ୍ଧି ବିଷୟରେ ଅନେକଗୁଡ଼ିଏ ସାଧାରଣ ବିଶ୍ୱାସ ରହିଛି । ସେହି ସବୁ ବିଶ୍ୱାସରୁ କିଛି :-

- ଯେ କୌଣସି ବୟସ କିମ୍ବା ଶ୍ରେଣୀ ସ୍ତରରେ ବାଳିକାମାନେ ଲକ୍ଷ୍ୟ ସାଧନରେ ବାଳକମାନଙ୍କ ତୁଳନାରେ ଦୁର୍ବଳ ।
- ଯେ କୌଣସି ସ୍ତରରେ ହେଉନା କାହିଁକି ଗଣିତରେ ବାଳିକାମାନେ ବାଳକମାନଙ୍କ ଠାରୁ କମ୍ ସମ୍ପାଦନ କରିଥାଆନ୍ତି ।

ଟିପ୍ପଣୀ

- ବାଳିକାମାନେ ଭାଷା, ସାହିତ୍ୟ ଓ ପଦ୍ୟରେ ବାଳକମାନଙ୍କ ଠାରୁ ଅଧିକ ଭଲ ସମ୍ପାଦନ କରିଥାଆନ୍ତି।
- ବାଳିକାମାନେ କଥା କହିବାରେ ଅଧିକ ପ୍ରଖର ଓ କଳାତ୍ମକ/ସୌନ୍ଦର୍ଯ୍ୟାତ୍ମକ, ସମ୍ବେଦନଶୀଳତାରେ ଉତ୍ତମ ଥିବାବେଳେ ବାଳକମାନେ ଗଣିତରେ ବୋଧ ସମ୍ବଳିତ ତଥା ଶାରୀରିକ-ମାଂସପେଶୀୟ ସାମର୍ଥ୍ୟରେ ଉତ୍ତମ ଅଟନ୍ତି।

**ଶିକ୍ଷଣ କାର୍ଯ୍ୟ ୧**

ନିଜର ପର୍ଯ୍ୟବେକ୍ଷଣ ଆଧାରରେ ଏକ ଶିକ୍ଷକ ଭାବେ ପାଠ୍ୟ ସାମଗ୍ରୀ ତଥା ଶ୍ରେଣୀ ଶିକ୍ଷଣରେ କରାଯାଉଥିବା ଲିଙ୍ଗଗତ ଭେଦ ଭାବର ବିଭିନ୍ନ ଦିଗଗୁଡିକୁ ଲେଖନ୍ତୁ।

ଯଦି ଆମେ ଏହି ଧାରଣାଗୁଡ଼ିକୁ ମୁଣ୍ଡରେ ପୂରାଇ ଶିକ୍ଷାଦାନ କରିବାକୁ ଆରମ୍ଭ କରିବା, ତେବେ ଆମେ, ବାଳିକାମାନଙ୍କ ସହିତ ଶ୍ରେଣୀରେ ତଥା ବିଦ୍ୟାଳୟ କାର୍ଯ୍ୟକ୍ରମରେ ଭେଦଭାବ ସୃଷ୍ଟି କରିବା। ପୃଥିବୀ ସାରା ଏହି ବିଷୟରେ କରାଯାଉଥିବା ଗବେଷଣା ଏହି ପ୍ରକାରର ବିଶ୍ୱାସକୁ ଗ୍ରହଣ କରିନାହାଁନ୍ତି । ଏହାର ବିପରୀତରେ ଏପରି ଦେଖା ଯାଇଛି ଯେ ଯେଉଁ ବାଳିକାମାନେ ନିୟମିତ ଭାବରେ ବିଦ୍ୟାଳୟରେ ଉପସ୍ଥିତ (୯୫%ରୁ ଅଧିକ) ରହନ୍ତି, ସେମାନେ ପ୍ରତ୍ୟେକ ବିଷୟରେ ବାଳକମାନଙ୍କ ତୁଳନାରେ ଅଧିକ ଭଲ କରନ୍ତି। ବର୍ତ୍ତମାନ ପ୍ରାୟ ଏହା ଦେଖାଯାଏ ଯେ ସବୁ ସାଧାରଣ ପରୀକ୍ଷାରେ ଉଚ୍ଚସ୍ଥାନ ବାଳିକାମାନଙ୍କ ଦ୍ୱାରା ଅଧିକୃତ ହୋଇ ଆସୁଅଛି।

ଆପଣଙ୍କ ବିଦ୍ୟାଳୟରେ ବାଳିକା ଶିକ୍ଷା କୁ ପ୍ରୋତ୍ସାହିତ କରିବା ପାଇଁ ଆପଣ କ'ଣ କରି ପାରିବେ ?

ଏହି ସମ୍ବନ୍ଧରେ ଆପଣଙ୍କର ଦୁଇଟିଉକର୍ତ୍ତବ୍ୟ ଅଛି :-

- ପ୍ରଥମତଃ ବିଦ୍ୟାଳୟକୁ ଯିବା ବୟସ (୬-୧୪ ବର୍ଷ ବୟସ: ବର୍ଗ)ର ସବୁ ବାଳିକା ମାନଙ୍କୁ ବିଦ୍ୟାଳୟ ପର୍ଯ୍ୟନ୍ତ ଆଣିବା ଏବଂ ପ୍ରାରମ୍ଭିକ ଶିକ୍ଷା ପୂରା ହେବା ପର୍ଯ୍ୟନ୍ତ ଶ୍ରେଣୀରେ ଏମାନଙ୍କର ଉପସ୍ଥିତିକୁ ନିଶ୍ଚିତ କରିବା।
- ଦ୍ୱିତୀୟତଃ, ଶ୍ରେଣୀ ଓ ବିଦ୍ୟାଳୟରେ ବାଳିକା ଶିକ୍ଷାର ଗୁଣାତ୍ମକ ବିକାଶ କରିବା ପାଇଁ ସୁଯୋଗ ସୃଷ୍ଟି କରିବା। ବିଦ୍ୟାଳୟରେ ପର୍ଯ୍ୟାପ୍ତ ବାଳିକା ପ୍ରିୟ ବାତାବରଣ ପ୍ରଦାନ କରିବା। ଆତ୍ମ ସମ୍ମାନ, ଆତ୍ମ ବିଶ୍ୱାସ ତଥା ଆତ୍ମ ନିର୍ଭରତାକୁ ବଢ଼ାଇବା, ଯେକୌଣସି ସାମାଜିକ କୁସଂସ୍କାରକୁ ଓ ପରମ୍ପରାଗତ ଭୂମିକାକୁ ଦୂର କରିବା, ପାଠ୍ୟ ପୁସ୍ତକ ତଥା ଶିକ୍ଷଣ ସାମଗ୍ରୀରେ ଥିବା ଯେ କୌଣସି ଲିଙ୍ଗଗତ ଭେଦଭାବକୁ ଦୂର କରିବା, ଶ୍ରେଣୀରେ କ୍ରିୟାପ୍ରକ୍ରିୟା ଓ କାର୍ଯ୍ୟଗୁଡିକୁ ଲିଙ୍ଗଗତ ଭେଦ ଭାବରୁ ମୁକ୍ତ କରିବା ଆଦି ଏହି ପ୍ରଚେଷ୍ଟା ଗୁଡିକର ମୁଖ୍ୟ ଉଦ୍ଦେଶ୍ୟ ଅଟେ ।

ଏହି ସମ୍ବନ୍ଧରେ ଆପଣ, ଆପଣଙ୍କ ବିଦ୍ୟାଳୟରେ ବହୁତ ପଦକ୍ଷେପ ନେଇ ପାରିବେ। ଉପରୋକ୍ତ

ଉଦ୍ଦେଶ୍ୟ ପ୍ରାପ୍ତି ନିମିତ୍ତ କେତେକ କାର୍ଯ୍ୟକାରୀ ଦିଗର ସୂଚନା ନିମ୍ନରେ ଦିଆଯାଇଛି :-

- **ଗୋଷ୍ଠୀ ସଞ୍ଚାଳନ :** ବାଳିକାମାନଙ୍କର ବିଦ୍ୟାଳୟରେ ନାମଲେଖା, ନିୟମିତ ଉପସ୍ଥିତି ତଥା କାର୍ଯ୍ୟ ସମ୍ପାଦନ ଆଦି ପାଇଁ ଅଭିଭାବକ ବିଶେଷ ଭାବରେ ମା' ମାନଙ୍କ ସହ ଧାରାବାହିକ ଭାବେ କ୍ରିୟାପ୍ରତିକ୍ରିୟା କରିବା ଆବଶ୍ୟକ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ମାତୃ ଶିକ୍ଷକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟାନ୍ୟ ମତଦାନକାରୀ ମାନଙ୍କୁ ନିଜ ବିଦ୍ୟାଳୟରେ ବାଳିକା ଶିକ୍ଷା ପ୍ରତି ଗୋଷ୍ଠୀ ସଞ୍ଚାଳନ ନିମିତ୍ତ ସମ୍ବେଦନ ଶୀଳ କରିବା ଦରକାର । ଏହି ଦିଗରେ ଆପଣଙ୍କୁ ସର୍ବ ପ୍ରଥମେ କାର୍ଯ୍ୟ ଆରମ୍ଭ କରିବାକୁ ହେବ।
- **ବାଳିକାଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ସୁନିଶ୍ଚିତ କରିବା :** ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ସର୍ବ ଶିକ୍ଷା ଅଭିଯାନ ତରଫରୁ ଦିଆ ଯାଇଥିବା ପାଣ୍ଠିରୁ ସ୍ୱତନ୍ତ୍ର ଶୌଚାଳୟ ତିଆରି କରିବା ଦରକାର। ଆପଣଙ୍କୁ ଏହା ଦେଖିବା ଦରକାର ଯେପରି ବାଳିକାମାନେ ଠିକ୍ ଭାବରେ ଶୌଚାଳୟକୁ ସଫା ସୁତୁରା ରଖି ବ୍ୟବହାର କରୁଛନ୍ତି। ଏହା କେବଳ ଯେ ବାଳିକାମାନଙ୍କର ନିୟମିତ ଉପସ୍ଥିତିକୁ ବୃଦ୍ଧି କରାଇବ, ତା'ନୁହେଁ। ଏହା ମଧ୍ୟ ସ୍ୱଚ୍ଛତାର ଅଭ୍ୟାସକୁ ବୃଦ୍ଧି କରାଇବ ଯାହାକୁ ସେମାନେ ତାଙ୍କ ପରିବାରକୁ ମଧ୍ୟ ନେଇ ପାରିବେ।
- **ଉପଯୁକ୍ତ ସମୟରେ ପ୍ରୋତ୍ସାହନର ଉପଲବ୍ଧି :** ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଯେପରି ମାଗଣା ବିଦ୍ୟାଳୟ ପୋଷାକ (Uniform), ପାଠ୍ୟ ପୁସ୍ତକ ତଥା ପଢ଼ିବା ଲେଖିବା ସାମଗ୍ରୀ, ସର୍ବଶିକ୍ଷା ଅଭିଯାନ ପାଣ୍ଠି ତରଫରୁ ଯୋଗାଇ ଦିଆଯାଉଅଛି। ଏଗୁଡ଼ିକ ଠିକ୍ ସମୟରେ ପହଞ୍ଚି ପାରୁଛି କି ନାହିଁ ତାହା ଆପଣଙ୍କୁ ସୁନିଶ୍ଚିତ କରାଇବା ଦରକାର।
- **ବାଳିକାମାନଙ୍କୁ ସମସ୍ତ କାର୍ଯ୍ୟକ୍ରମରେ ସଂପୃକ୍ତ କରାଇବା :** ଆପଣଙ୍କୁ ଏହା ସୁନିଶ୍ଚିତ କରିବା ଆବଶ୍ୟକ ଯେ ବାଳିକାମାନେ ବିଦ୍ୟାଳୟର ସବୁ ପ୍ରକାର କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି। କୌଣସି କାର୍ଯ୍ୟକ୍ରମ କେବଳ ବାଳକ କିମ୍ବା ବାଳିକାମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ।
- **ଅଧିକ ଦଳଗତ ଶିକ୍ଷଣ :** ଆପଣ ଦଳ ଓ ସହପାଠୀ ଶିକ୍ଷଣ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ଦରକାର ଯେଉଁଥିରେ ବାଳିକାମାନେ ବିନା ବାଧାରେ ଭାଗ ନେଇପାରିବେ। ଏହି ପ୍ରକାରର ମୁକ୍ତ ତଥା ଉଦ୍ଦେଶ୍ୟପୂର୍ଣ୍ଣ ଦଳଗତକ୍ରିୟା ପ୍ରତିକ୍ରିୟା ଶ୍ରେଣୀରେ ପରମ୍ପରାଗତ ଭେଦଭାବକୁ କମ୍ କରାଇବାରେ ସହାୟକ ହୋଇଥାଏ।
- **ପକ୍ଷପାତ ମୁକ୍ତ ଶ୍ରେଣୀ କ୍ରିୟା ପ୍ରତିକ୍ରିୟା:** ଶ୍ରେଣୀ ପରିଚାଳନା ସମୟରେ, ଆପଣ ପ୍ରଶ୍ନଗୁଡ଼ିକୁ ପ୍ରାୟ ସମାନ ସମାନ ଭାବରେ ବାଳକ ଓ ବାଳିକାଙ୍କ ଭିତରେ ବାଣ୍ଟନ୍ତୁ । କୌଣସି ଭେଦଭାବ ପୂର୍ଣ୍ଣ ଟିପ୍ପଣୀ ବାଳିକାମାନଙ୍କୁ ଦେବାରେ ଆପଣ ଦୂରେଇ ରହନ୍ତୁ ଓ ଉତ୍ତମ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ।
- **ପକ୍ଷପାତମୁକ୍ତ ଶିକ୍ଷଣ ଆକଳନ :** ବାଳିକାମାନଙ୍କ ଶିକ୍ଷଣ ପ୍ରଗତିର ଆକଳନରେ ଆପଣ

କୌଣସି ପ୍ରକାରର ଭେଦଭାବ ବା ପକ୍ଷପାତ କରିବା ଉଚିତ୍ ନୁହେଁ। ବାଳିକାମାନଙ୍କ ମନରେ ଯେପରି ଭାବନା ନ ଆସୁ ଯେ ତାଙ୍କର ଆକଳନରେ ଅନ୍ୟାୟ କରାଯାଇଛି। ଆପଣ ଗଠନମୂଳକ ଆକଳନର ଅଂଶ ରୂପେ, ସାଥୀ ଆକଳନର ଉପଯୋଗ ମଧ୍ୟ କରିବେ, ଯେଉଁଥିରେ ପ୍ରତ୍ୟେକ ଶିକ୍ଷାର୍ଥୀ ବାଳିକା ସହିତ ଅନ୍ୟ ଶିକ୍ଷାର୍ଥୀ ନିଜର ସଙ୍ଗେ ସଙ୍ଗେ ଅନ୍ୟର ଆକଳନ କରିବାରେ ମୁକ୍ତ ଭାବ ପୋଷଣ କରିପାରିବେ। ଏହିପରି ସେମାନେ ନିଜର କାର୍ଯ୍ୟ ସଂପାଦନକୁ ଉନ୍ନତ କରିବାପାଇଁ ଅଭିପ୍ରେରିତ ହୋଇଥାନ୍ତି ।

---

ଅଭ୍ୟାସ କାର୍ଯ୍ୟ - ୨ ଆପଣଙ୍କ ଅଞ୍ଚଳରେ ବାଳିକା ଶିକ୍ଷାରେ ଉପୁଜିଥିବା ଦୁଇଟି ମୁଖ୍ୟ ବାଧକ/ ଦର୍ଶାନ୍ତୁ। ଏହାକୁ ଦୂର କରିବା ପାଇଁ ପଦ୍ଧତିଗୁଡିକର ପ୍ରସ୍ତାବ ଦିଅନ୍ତୁ।

---

## ସର୍ବଶିକ୍ଷା ଅଭିଯାନରେ ବାଳିକା ଶିକ୍ଷା:

ବାଳିକା ଶିକ୍ଷା ସର୍ବଶିକ୍ଷା ଅଭିଯାନରେ ଏକ ମୁଖ୍ୟ କାର୍ଯ୍ୟକ୍ରମ । ଏହା ସୂଚିତ କରେ ବାଳିକାମାନଙ୍କ ପାଖରେ ପହଞ୍ଚିବା ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ପ୍ରଚେଷ୍ଟାର କେନ୍ଦ୍ରବିନ୍ଦୁ ଅଟେ। ସର୍ବଶିକ୍ଷା ଅଭିଯାନର ଲିଙ୍ଗଗତ ସମାନତା ଉପରେ ଜୋର ଦେବାରେ ମୂଳ ଆଧାର ହେଉଛି ଜାତୀୟ ଶିକ୍ଷାନୀତି (୧୯୮୬/୧୯୯୨ ତଥା POA) ଯାହା ଲିଙ୍ଗ ତଥା ବାଳିକା ଶିକ୍ଷାର ସମସ୍ୟାକୁ କେନ୍ଦ୍ରୀୟ ସ୍ତର ପର୍ଯ୍ୟନ୍ତ ଆଣିପାରିଲା । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ଏହା କି, ଯେ ଏଥିରେ ମହିଳା ଓ ବାଳିକା ଶିକ୍ଷାକୁ ଏହାର ସଶକ୍ତିକରଣ ସହିତ ଯୋଗ କରାଯାଇଛି। ଜାତୀୟ ଶିକ୍ଷାନୀତି ଅନୁସାରେ-ଶିକ୍ଷା ପରିବର୍ତ୍ତନର କାରକ ହେବା ଦରକାର ଯାହା ମହିଳାଙ୍କର ଆତ୍ମ ବିଶ୍ୱାସ ସୃଷ୍ଟି କରି ପାରିବ ଓ ସମାଜରେ ସେମାନଙ୍କ ସ୍ଥିତିକୁ ବଢାଇବା ସଙ୍ଗେ ସଙ୍ଗେ ଅସମାନତାକୁ ସାମନା କରିପାରିବ ।

ସର୍ବଶିକ୍ଷା ଅଭିଯାନ, ୬-୧୪ ବର୍ଷ ବୟସର, ବାଳିକାଙ୍କ ସହିତ ସବୁ ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ଓ ସେମାନଙ୍କର ପ୍ରାରମ୍ଭିକ ଶିକ୍ଷା ଶେଷ କରାଇବା ସୁନିଶ୍ଚିତ କରିବାର ପରିକଳ୍ପନା କରିଥାଏ । ପୁଣି ନାମଲେଖା ଧାରଣ ଓ ଉପଲବ୍ଧ ଆଦିରେ ଲିଙ୍ଗ ଭେଦରେ ସୃଷ୍ଟି ହୋଇଥିବା ସବୁ ବ୍ୟବଧାନକୁ କମାଇବା ଏହାର ଲକ୍ଷ୍ୟ ଅଟେ । ଏଥିରେ ପ୍ରଚେଷ୍ଟାରେ ଅନେକଗୁଡ଼ିଏ କୌଶଳ ସାମିଲ ହୋଇଛି। ଯେପରି-ଗୋଷ୍ଠୀ ସଂଞ୍ଚାଳନ ବିଦ୍ୟାଳୟର କାର୍ଯ୍ୟକଳାପରେ ମା'ମାନଙ୍କର ସହଭାଗୀତାକୁ ଦୃଢ କରିବା, ବାଳିକାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଦ୍ୟାଳୟ ପୋଷାକ, ପାଠ୍ୟ ପୁସ୍ତକ, ପଠନ-ଲିଖନ ସାମଗ୍ରୀ ତଥା କେତେକ ନିର୍ଦ୍ଧାରିତ ଅଞ୍ଚଳରେ ଆବାସିକ ବିଦ୍ୟାଳୟର ସୁବିଧା ଆଦି। ଶିକ୍ଷାରେ ପ୍ରବେଶ ଜନୀତ ସୁବିଧାକୁ ବଢ଼ାଇବା ପାଇଁ କେତେଗୁଡ଼ିଏ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସର୍ବଶିକ୍ଷା ଅଭିଯାନରେ ବାଳିକାମାନଙ୍କ ପାଇଁ କରାଯାଇଛି ତାହା ନିମ୍ନରେ ଦିଆଯାଇଛି।

---

### ସର୍ବଶିକ୍ଷା ଅଭିଯାନରେ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା:-

**କ) ପ୍ରାରମ୍ଭିକ ସ୍ତରରେ ବାଳିକା ଶିକ୍ଷା ପାଇଁ ଜାତୀୟ କାର୍ଯ୍ୟକ୍ରମ (NPEGEL)**

NPEGEL ଏକ ସ୍ୱତନ୍ତ୍ର ଓ ଲିଙ୍ଗ କାର୍ଯ୍ୟକ୍ରମ ଭିତ୍ତିକ ଅଟେ, ପରନ୍ତୁ ସର୍ବଶିକ୍ଷା

ଅଭିଯାନର ସମନ୍ୱିତ ବିଭାଗ ଅଟେ ଯାହା "ବାଳିକା ମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁ ମାନଙ୍କ ପାଖରେ ପହଞ୍ଚିବା ଅତ୍ୟନ୍ତ କଷ୍ଟକର" । ଏହା ବାଳିକା ଶିକ୍ଷାକୁ ବଢ଼ାଇବା ପାଇଁ ଅତିରିକ୍ତ ସହାୟତା ପ୍ରଦାନ କରିଥାଏ। ଯାହା ସର୍ବଶିକ୍ଷା ଅଭିଯାନର, ବାଳିକା ଶିକ୍ଷା ପାଇଁ ରଖାଯାଇଥିବା ଖର୍ଚ୍ଚ ତା'ଠାରୁ ଅଲଗା ଅଟେ ।

**NPEGEL କାର୍ଯ୍ୟକାରୀ ହୋଇଥାଏ :-**

- ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବ୍ଲକ୍ ଯେଉଁଠି ଗ୍ରାମାଞ୍ଚଳର ମହିଳା ସାକ୍ଷରତା ହାର, ଜାତୀୟ ହାରଠାରୁ କମ୍ ତଥା ଲିଙ୍ଗ ଭେଦରେ ସାକ୍ଷାରତାରେ ଜାତୀୟ ହାରରୁ ଅଲଗା ଅଟେ ।
- ଜିଲ୍ଲାରେ ଯେଉଁ ବ୍ଲକ ଗୁଡିକ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ଅନ୍ତର୍ଭୁକ୍ତ ନୁହଁନ୍ତି ପରନ୍ତୁ ଯେଉଁଠାରେ ଅତି କମ୍‌ରେ ୫% ଜନସଂଖ୍ୟା ଅନୁସୂଚିତ ଜାତି ତଥା ଅନୁସୂଚିତ ଜନଜାତିର ଅଟନ୍ତି ଏବଂ ଯେଉଁଠାରେ ଅନୁସୂଚିତ ଜାତି ବା ଅନୁସୂଚିତ ମହିଳାଙ୍କ ସାକ୍ଷରତା ହାର ୧୦%ରୁ କମ୍ ହୋଇଥାଏ ।
- ନିର୍ବାଚିତ ସହରୀ ବସ୍ତି ଅଞ୍ଚଳ NPEGEL ର ଲକ୍ଷ୍ୟ :- ସ୍ଥିରୀକୃତ ହୋଇଥିବା ଅଞ୍ଚଳର ସବୁ ବାଳିକାଙ୍କର ନାମଲେଖା, ବାଳିକାମାନଙ୍କର ଅଧାରୁ ପାଠଛାଡ଼ିବାର ହାର କମ୍ କରିବା, ବାଳିକାମାନଙ୍କୁ ଜୀବନ କୌଶଳ ପ୍ରଦାନ କରିବା ତଥା ବାଳିକାମାନଙ୍କର ନାମଲେଖା ତଥା ଏମାନଙ୍କୁ ବିଦ୍ୟାଳୟରେ ଧାରଣ ପାଇଁ ଗଭୀର ଗୋଷ୍ଠୀ ସଞ୍ଚାଳନ କରିବା ।

ଖ) **କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (KGBV)**

ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ତଥା ଅନ୍ୟ ପଛୁଆ ବର୍ଗ ଓ ଅନ୍ୟ ସଂଖ୍ୟା ଲଘୁ ସମ୍ପ୍ରଦାୟର ବାଳିକାମାନଙ୍କ ପାଇଁ ଆବାସିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ଥାପନ କରିବା, ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଅଟେ। KGBVର ସ୍ଥାପନ ନିମ୍ନ କ୍ଷେତ୍ର/ଅଞ୍ଚଳଗୁଡ଼ିକରେ ହୋଇପାରେ:

- ଶିକ୍ଷା କ୍ଷେତ୍ରରେ ପଛୁଆ ବ୍ଲକ, ଯେଉଁଠାରେ ମହିଳା ସାକ୍ଷରତା ହାର ୩୦%ରୁ କମ୍
- ସହରାଞ୍ଚଳ ଯେଉଁଠି ମହିଳା ସାକ୍ଷରତା, ଜାତୀୟ ମହିଳା ସାକ୍ଷରତା ହାର (Urban) ରୁ କମ୍।
- ସଂଖ୍ୟାଲଘୁ ଅଧୁଷିତ ଅଞ୍ଚଳରେ

  ସେହି ଆବାସିକ ବିଦ୍ୟାଳୟଗୁଡ଼ିକ କେବଳ ଶିକ୍ଷାକ୍ଷେତ୍ରରେ ପଛୁଆ ବ୍ଲକ୍ ଗୁଡ଼ିକରେ ସ୍ଥାପିତ ହୋଇଥାଏ। ଯାହାର ଉଚ୍ଚ ପ୍ରାଥମିକ ସ୍ତରରେ ବାଳିକାମାନଙ୍କ ପାଇଁ ଅନ୍ୟ କୌଣସି ଯୋଜନାରେ ଆବାସିକ ବିଦ୍ୟାଳୟ ।

KGBV ଯୋଜନା ସର୍ବାଧିକ ଭାବରେ ସୁବିଧାରୁ ବଞ୍ଚିତ ସମାଜର ବାଳିକାମାନଙ୍କର

ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରିଥାଏ। ଏଥିରେ ପ୍ରଦତ୍ତ ପାଠ୍ୟକ୍ରମ ସହିତ ବୃତ୍ତିଗତ ଉପାଦାନ ମଧ୍ୟ ସମନ୍ୱିତ କରାଯାଇଥାଏ । ଏହି ଆବାସିକ ବିଦ୍ୟାଳୟର ସବୁ ଖର୍ଚ୍ଚ ସର୍ବଶିକ୍ଷା ଅଭିଯାନ ଦ୍ୱାରା ବହନ କରାଯାଇଥାଏ। ଏହି କାର୍ଯ୍ୟକ୍ରମର ସୁପରିଚାଳନା ଓ କାର୍ଯ୍ୟକାରୀତା ପାଇଁ ବିଭିନ୍ନ ସଂସ୍ଥା ତଥା ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ହୋଇଥାଏ।

**ଅଭ୍ୟାସ କାର୍ଯ୍ୟ -୨**

NPEGEL କାର୍ଯ୍ୟକ୍ରମର ଉଦ୍ଦେଶ୍ୟକୁ ଆଧାର କରି ନିଜ ଜିଲ୍ଲାରେ ଏହି କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କିତ ଏକ ବୀବରଣୀ ପ୍ରସ୍ତୁତ କରନ୍ତୁ।

### ୧୦.୩.୨ ସଂଖ୍ୟା ଲଘୁ ସମ୍ପ୍ରଦାୟ ପିଲାଙ୍କ ଶିକ୍ଷା

ବିଦ୍ୟାଳୟକୁ କେତେକ ପିଲା ସଂଖ୍ୟା ଲଘୁ ସମ୍ପ୍ରଦାୟରୁ ଆସିଥାଆନ୍ତି । ଏହି ସଂଖ୍ୟା ଲଘୁ ସମ୍ପ୍ରଦାୟ ମୁଖ୍ୟ ଭାବେ ୩ ପ୍ରକାରର ହୋଇଥାଆନ୍ତି ।

(କ) ଭାଷା ଜନିତ ସଂଖ୍ୟାଲଘୁ ଗୋଷ୍ଠୀ (ଖ) ଧର୍ମ ସମ୍ବନ୍ଧୀୟ ସଂଖ୍ୟା ଲଘୁ ଗୋଷ୍ଠୀ ଓ (ଗ) ଜାତିଗତ/ଜାତିଦ୍ୱାରା ସୃଷ୍ଟି ସଂଖ୍ୟା ଲଘୁ ଗୋଷ୍ଠୀ। ନିମ୍ନରେ କେତେକ ଉଦାହରଣ ଦିଆ ଯାଇଅଛି ।

- ନିଲଞ୍ଜନା, ତାମିଲନାଡୁର ମଦୁରାଇରେ ଏକ ପ୍ରାଥମିକ ବିଦ୍ୟାଳୟରେ ପଢୁଅଛି । ଯଦିଓ ତାହାର ମାତୃଭାଷା ବେଙ୍ଗଲୀ, ପରନ୍ତୁ ନିଜର ବିଦ୍ୟାଳୟରେ ତାକୁ ଶିକ୍ଷଣ ମାଧ୍ୟମ ତାମିଲ ହେବା କାରଣରୁ ସେହି ଭାଷାରେ କହିବାକୁ ପଡ଼ିଥାଏ । ସେ ଏକ ବଙ୍ଗାଳୀ ଭାଷାରେ କଥା ହେଉଥିବା ଗୋଷ୍ଠୀରେ ରହେ ଓ ମଦୁରାଇରେ ପଢୁଅଛି । ଏହିଠାରେ ଏହି ଗୋଷ୍ଠୀକୁ ଭାଷାଗତ ସଂଖ୍ୟାଲଘୁ ଗୋଷ୍ଠୀ କୁହାଯାଏ ।
- ସଲ୍‌ମାନ, ପୁରୀର ଏକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀର ଛାତ୍ର ଅଟେ । ସେ ମୁସଲମାନ ଗୋଷ୍ଠୀର ଅଟେ, ଯାହାକୁ ପୁରୀରେ ଧର୍ମଗତ ସଂଖ୍ୟା ଲଘୁ ଗୋଷ୍ଠୀ ବୋଲି ମାନି ଥାଆନ୍ତି । ଏହାର କାରଣ ଏହିକି ଯେ, ପୁରୀରେ ଅଧିକାଂଶ ଜନ ସଂଖ୍ୟା ହିନ୍ଦୁ ଧର୍ମର ଅଟନ୍ତି ।
- ସୋରେନ ଓଡିଶାର ମୟୂରଭଞ୍ଜରେ ସାନ୍ତାଳୀ ଜନଜାତିର ଅଟେ । ସେ ବାରିପଦା ସହରର ଏକ ସରକାରୀ ବିଦ୍ୟାଳୟରେ ପଢୁଅଛି । ଯଦିଓ ସୋରେନ ଓଡ଼ିଶାରେ ରହିଅଛି ସେ ଜାତିଗତ / ଜାତି ଦ୍ୱାରା ସୃଷ୍ଟି ଏକ ସଂଖ୍ୟା ଲଘୁ ଗୋଷ୍ଠୀର ଅଟେ, ଯେପରି ଅନ୍ୟ ଆଦିବାସୀ ଗୋଷ୍ଠୀର ସ୍ୱତନ୍ତ୍ର ସାମାଜିକ-ସାଂସ୍କୃତିକ ପରିଚୟ ରହିଅଛି ।

ଉପରୋକ୍ତ ତିନୋଟି ପ୍ରକାରର ପିଲାଙ୍କର ସେମାନଙ୍କ ଶ୍ରେଣୀରେ କ'ଣ ସମସ୍ୟାମାନ ଅଛି ?

- ନିଜ ଘର ଓ ବିଦ୍ୟାଳୟ ଭାଷାରେ ପାର୍ଥକ୍ୟ ହେତୁ ନିଲଞ୍ଜନାକୁ ଶ୍ରେଣୀ କ୍ରିୟା ପ୍ରତିକ୍ରିୟା ଓ ପାଠ୍ୟପୁସ୍ତକ ଭାଷାକୁ ବୁଝିବାରେ କଠିନ ହୋଇଥାଏ। ତାକୁ ତାହାର ଭାବ ତାମିଲରେ ବ୍ୟକ୍ତ କରିବାକୁ ଅସୁବିଧା ହୋଇଥାଏ। ଯାହାକି ତାର ମାତୃଭାଷା ନୁହେଁ। କେବଳ ଶ୍ରେଣୀରେ ଓ ବିଦ୍ୟାଳୟରେ ନୁହେଁ, କିନ୍ତୁ ସବୁ ସ୍ଥାନରେ ତାର ସ୍ଥାନୀୟ ପରିସୀମା ଭିତରେ

ସେ ସ୍ଥାନୀୟ ଭାଷାରେ ପ୍ରତିକ୍ରିୟା କରିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ସେ ନିଜକୁ ଦଳ ବା ଗୋଷ୍ଠୀରୁ ଅଲଗା ବୋଲି ଭାବେ ଓ ଶ୍ରେଣୀରେ ଭେଦଭାବ କରାଯାଉଅଛି ବୋଲି ସେ ଅନୁଭବ କରେ।

- ସଲମାନ୍‌ର କ୍ରିୟା ପ୍ରତିକ୍ରିୟା ପାଇଁ ଭାଷାଗତ ସମସ୍ୟା ନାହିଁ। ଯଦିଓ ଘରେ ତଥା ମୁସଲମାନ ସମ୍ପ୍ରଦାୟରେ ଉର୍ଦ୍ଦୁ କହେ, ସେ ଓଡ଼ିଆ ଭାଷାରେ ସମାନ ଗତିରେ କଥାବାର୍ତ୍ତା କରିପାରେ ଯେହେତୁ ପୁରୀରେ ଅଧିକାଂଶ ଲୋକଙ୍କ ଭାଷା ଓଡ଼ିଆ। ସେ ଦ୍ୱିଭାଷୀ ଅଟେ। କିନ୍ତୁ ତାହାର ସମସ୍ୟା ଧାର୍ମିକ ସଂଖ୍ୟାଲଘୁ ଗୋଷ୍ଠୀର ଅଟେ ଓ ତାର ପରିଚୟ ତାର ଧର୍ମ ସହିତ ଯୋଡ଼ି ହୋଇଥାଏ। ବିଭିନ୍ନ ପର୍ବ ପର୍ବାଣି ପାଳନ କରିବା, ଉତ୍ସବ ପାଳନ କରିବା ତଥା ଅନ୍ୟ ସହପାଠ୍ୟ କାର୍ଯ୍ୟ କ୍ରମରେ ସେ ନିଜକୁ ଶ୍ରେଣୀର ସାଙ୍ଗସାଥୀଙ୍କଠାରୁ ଅଲଗା ଅନୁଭବ କରିଥାଏ ଏବଂ ଏହି ପ୍ରକାରର ଭେଦଭାବର ଭାବନା ସେ ଦୈନିକ ଜୀବନର ଅନ୍ୟ ସ୍ଥିତିକୁ ମଧ୍ୟ ନେଇ କରି ଯାଇଥାଏ। ଏପରିକି ଶ୍ରେଣୀ କ୍ରିୟା ପ୍ରତିକ୍ରିୟା ସମୟରେ ଏହା ତାର ଭାବନାରେ ପ୍ରତିଫଳିତ ହୋଇଥାଏ।

- ସୋରେନ୍ ଏକ ଜନଜାତି ସମ୍ପ୍ରଦାୟର ହେବା କାରଣରୁ ଏହାର ଏକ ସ୍ୱଷ୍ଟ ଜାତୀୟ ପରିଚୟ ଅଛି। ଏହା ଶ୍ରେଣୀରେ ଅନ୍ୟ ଶିକ୍ଷାର୍ଥୀମାନଙ୍କ ପାଖରୁ ଅଲଗା ରଖିଥାଏ। ଜନଜାତି ପିଲାଙ୍କର ସମସ୍ୟା ତଥା ସମ୍ଭାବନା ଏହି ଅଧ୍ୟାୟର ପରବର୍ତ୍ତୀ ବିଭାଗରେ ଆଲୋଚନା କରାଯିବ।

**ସଂଖ୍ୟାଲଘୁ ସମ୍ପ୍ରଦାୟର ଶିକ୍ଷା କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ?**

**ଏହା ନିମ୍ନଲିଖିତ ଦିଗରୁ ଗୁରୁତ୍ୱପୂର୍ଣ୍ଣ ଅଟେ:**

- **ସୁଯୋଗର ସମାନତା :** ପ୍ରତ୍ୟେକ ପିଲା ପାଇଁ ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗର ଆବଶ୍ୟକତା ଅଛି, ବିଶେଷ କରି ପ୍ରାରମ୍ଭିକ ଶିକ୍ଷା ଯାହା ଆମର ସମ୍ବିଧାନର ଏକ ମୌଳିକ ଅଧିକାର ଅଟେ। (ନିମ୍ନରେ ଦିଆ ଯାଇଥିବା ବାକ୍ସରେ ଦେଖନ୍ତୁ) ତଥା ଶିକ୍ଷା ଅଧିକାର ଅଧିନିୟମ ୨୦୦୯ରେ ଏହା ଉପରେ ପୁନର୍ବାର ଗୁରୁତ୍ୱ ଦିଆଯାଇଅଛି। ସୁଯୋଗର ସମାନତା, ସାଧାରଣତଃ ବିଦ୍ୟାଳୟ ବ୍ୟବସ୍ଥାରେ ଅଧିକାର ପାଇଁ ଯୋର ଦେଇଥାଏ। ପ୍ରତ୍ୟେକ ପିଲା, ଜାତି, ପ୍ରଜାତି, ଧର୍ମ ବା ଅନ୍ୟ କୌଣସି ଅଯୋଗ୍ୟତା ଉପାଦାନ କାରଣରୁ ହେଉ, ତାହାକୁ ବିନା ଭେଦଭାବରେ ବିଦ୍ୟାଳୟରେ ପହଞ୍ଚିବାର ସୁଯୋଗ ମିଳିବା ଦରକାର। ଏପରି ନହେଲେ ଆମେ ପିଲାଙ୍କୁ ତାର ମୌଳିକ ଅଧିକାରରୁ ବଞ୍ଚିତ କରି ଦେଇଥାଉ।

- **ଭେଦଭାବ ବିହୀନ ବ୍ୟବହାର :** କେତେକ ବିଶିଷ୍ଟ କ୍ଷେତ୍ରକୁ ଛାଡ଼ି, ସାଧାରଣ ବିଦ୍ୟାଳୟ/ ଶ୍ରେଣୀରେ ସଂଖ୍ୟା ଲଘୁ ଗୋଷ୍ଠୀର ପିଲା ବହୁତ କମ୍ ସଂଖ୍ୟାର ହୋଇଥାଆନ୍ତି। ସେମାନେ ନିଜକୁ ଅଲଗା ଅନୁଭବ କରନ୍ତି। କାରଣ ସେମାନଙ୍କ ସଂଖ୍ୟାଲଘୁ ସଂକେତ ଯଥା- ଭାଷା, ଧର୍ମ ଓ ଶାରୀରିକ ଭିନ୍ନକ୍ଷମତା ସହିତ ବନ୍ଧା ହୋଇ ଥିବାରୁ ଶିକ୍ଷକ ତଥା ସାଙ୍ଗସାଥୀମାନଙ୍କ ଦ୍ୱାରା ଭେଦଭାବ ପୂର୍ଣ୍ଣ ବ୍ୟବହାରର ଶୀକାର ହୁଅନ୍ତି। ଏହି ଭେଦଭାବ ପୂର୍ଣ୍ଣ ଭାବନା ଯଥା-

ଟିପ୍ପଣୀ

ଅଲଗା ହୋଇ ବସିବା ବ୍ୟବସ୍ଥା, କେତେକ କାର୍ଯ୍ୟକଳାପରେ ଭାଗ ନେବାରେ ପ୍ରତିବନ୍ଧକ, ଅପମାନଜନକ ସମ୍ଭାଷଣ ଏମାନଙ୍କର ଘରର ଭାଷା ବ୍ୟବହାର ନ କରିବା କାରଣ ଆଦିକୁ ସାମିଲ କରିଥାଏ । ତେଣୁ ଏହି ପିଲାମାନେ ବିଦ୍ୟାଳୟ ତଥା ଶ୍ରେଣୀର କାର୍ଯ୍ୟକ୍ରମରେ ଯେପରି କୌଣସି ପ୍ରକାରର ଭେଦଭାବ ପୂର୍ଣ୍ଣ ବ୍ୟବହାର ନ ପାଆନ୍ତି ତାହା ଶିକ୍ଷକ ସୁନିଶ୍ଚିତ କରିବା ଆବଶ୍ୟକ ।

- **ସମ୍ମିଶ୍ରିତ ସଂସ୍କୃତି ପ୍ରତି ସମ୍ମାନ ପ୍ରଦର୍ଶନ :** ଭାରତ ଏପରି ଏକ ଦେଶ ଯେଉଁଠାରେ ବିବିଧ ସଂସ୍କୃତି ବିଦ୍ୟମାନ, ଯାହା ପାରସ୍ପରିକ କ୍ରିୟା ପ୍ରତିକ୍ରିୟା ଓ ପରସ୍ପର ପ୍ରତି ସମ୍ମାନବୋଧ ଦ୍ୱାରା ବିକଶିତ ହୋଇଛି। ବିଦ୍ୟାଳୟରେ ଶିକ୍ଷକମାନଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣରେ ଭିନ୍ନ ଭିନ୍ନ ସଂସ୍କୃତି ପ୍ରତି ସମ୍ମାନବୋଧ ଓ ଅନ୍ୟର ମତାମତ ପ୍ରତି ସହନଶୀଳତା ଭାବ ବିକଶିତ କରିବାକୁ ପଡିବ।

- **ସାମାଜିକ ବ୍ୟବସ୍ଥାରେ ବିବିଧତା :** ଆମ ଦେଶର ପ୍ରତ୍ୟେକଙ୍କ ସମାଜରେ ବିବିଧତା ଏକ ବିଶେଷତ୍ୱ ଅଟେ। ଏପରିକି ବିଦ୍ୟାଳୟ ପାଖାପାଖି ଅଞ୍ଚଳରେ ମଧ୍ୟ ବିବିଧତା ଅନେକ ଗୋଷ୍ଠୀ ଦ୍ୱାରା ଅଧ୍ୟୁଷିତ ହୋଇଥାଏ ଯେଉଁଠି ବୃତ୍ତି, ଆୟ, ରୀତିନୀତିର ପ୍ରଥା ଆଦିରେ ଅନେକ ବିବିଧତା ପ୍ରତୀୟମାନ ହୋଇଥାଏ। ଏହିପ୍ରକାର ବିବିଧତା ମଧ୍ୟ ଆମ ଶ୍ରେଣୀ ଗୃହରେ ପ୍ରତିଫଳିତ ହୋଇଥାଏ ଯେଉଁଠି ଭିନ୍ନ ଭିନ୍ନ ଗୋଷ୍ଠୀର ପିଲାମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସମାନ ଭାବରେ ଭାଗ ନିଅନ୍ତି ତଥା କ୍ରିୟା ପ୍ରତିକ୍ରିୟା କରିଥାଆନ୍ତି। ପ୍ରତ୍ୟେକ ଗୋଷ୍ଠୀର ସ୍ୱାତନ୍ତତାକୁ ଶ୍ରେଣୀ ତଥା ବିଦ୍ୟାଳୟର କାର୍ଯ୍ୟକ୍ରମରେ ସାମିଲ କରାଇବା ଆବଶ୍ୟକ, ଫଳରେ ପିଲାମାନେ ପ୍ରଥମରୁ ହିଁ ବିବିଧତାକୁ ଏକ ଅମୂଲ୍ୟ ସମ୍ପଦ ରୂପେ ସମ୍ମାନ ପ୍ରଦର୍ଶନ କରିବେ।

- **ଅନ୍ତର୍ନିବେଶୀ ଶିକ୍ଷଣ ପରିବେଶ :** ଜଣେ ଶିକ୍ଷକ ଭାବରେ ଆପଣ, ସମସ୍ତଙ୍କୁ ସମାନ ଭାବେ ବିଚାର କରି, ଏକ ଅନ୍ତର୍ନିବେଶୀ ଶିକ୍ଷଣ ପରିବେଶ ସୃଷ୍ଟି କରିବା ଆବଶ୍ୟକ। ସମ୍ବିଧାନ କ'ଣ କହୁଛି ଏହା ଲେଖି ରଖନ୍ତୁ।

**ସଂଖ୍ୟାଲଘୁ ଗୋଷ୍ଠୀର ଅଧିକାର ବିଷୟରେ ସମ୍ବିଧାନ କ'ଣ କହେ ?**

- ଧାରା ୧୫ ଓ ୧୯ ଯାହା ମୌଳିକ ଅଧିକାର ସହ ସମ୍ବନ୍ଧିତ ଅଟେ, ଯେଉଁଥିରେ ଧର୍ମ, ଜାତି, ପ୍ରଜାତି, ଲିଙ୍ଗ ଓ ଜନ୍ମସ୍ଥାନ ବା ଏଥି ମଧ୍ୟରୁ କେଉଁଟିକୁ ଆଧାର କରି ଭେଦଭାବ କରିବା ନିଷିଧ କରାଯାଇଛି ଓ ଏହା ସବୁ ନାଗରିକ ପାଇଁ ରୋଜଗାର ପାଇଁ ସମାନ ସୁଯୋଗ ପ୍ରଦାନ କରିବାକୁ ନିଶ୍ଚିତ କରାଯାଇଛି ।
- ଧାରା ୨୯ ବା ୩୦ ସଂଖ୍ୟା ଲଘୁ ସମ୍ପ୍ରଦାୟର ଅଧିକାର ଭାଷା, ଲିପି, ସଂସ୍କୃତି ତଥା ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା ଆଦିର ଅଧିକାର ସୁରକ୍ଷା ଉପରେ ଆଲୋକପାତ କରିଛି ।
- ଧାରା ୩୫୦ (କ) ଅନୁସାରେ ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷଣ ପାଇଁ, ସୁବିଧା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଇଛି ।

ଆସନ୍ତୁ ବର୍ତ୍ତମାନ ଆମେ ସଂଖ୍ୟାଲଘୁ ଗୋଷ୍ଠୀର ଶିକ୍ଷା ପାଇଁ କରାଯାଇଥିବା ଉପାୟଗୁଡ଼ିକୁ ଆଲୋଚନା କରିବା :

**ଭାଷାଗତ ସଂଖ୍ୟାଲଘୁ ଗୋଷ୍ଠୀ ପିଲାଙ୍କ ଶିକ୍ଷା :**

ଭାଷାଗତ ସଂଖ୍ୟାଲଘୁ ଗୋଷ୍ଠୀର ପିଲାଙ୍କ ଶିକ୍ଷା ସହାୟତା ପାଇଁ ବିଦ୍ୟାଳୟ ସ୍ତରରେ ନିମ୍ନରେ ଦିଆଯାଇଥିବା ପଦକ୍ଷେପ ଗୁଡ଼ିକୁ ନିଆଯାଇ ପାରିବ । ସେଗୁଡ଼ିକ ହେଲା :-

- **ଭାଷାଗତ ସଂଖ୍ୟାଲଘୁ ଗୋଷ୍ଠୀ ପିଲାଙ୍କ ପାଇଁ ବିଦ୍ୟାଳୟ :**

  ଯେଉଁଠାରେ ସଂଖ୍ୟାଲଘୁ ଗୋଷ୍ଠୀ ଅଧିକ ଅଛନ୍ତି ସେଠାରେ ଏମାନଙ୍କ ପିଲାମାନଙ୍କ ଲାଗି, ଅଲଗା ବିଦ୍ୟାଳୟ ହେଉ ବା ଏହି ପିଲାଙ୍କର ସଂଖ୍ୟା ଅଧିକ ହେଉଥିବାରୁ ଏମାନଙ୍କ ପାଇଁ ଆବାସିକ ବିଦ୍ୟାଳୟର ବ୍ୟବସ୍ଥା କରାଯିବା ଆବଶ୍ୟକ ।

- **ପାଠ୍ୟ ପୁସ୍ତକ ଓ ପଠନ ସାମଗ୍ରୀର ବ୍ୟବସ୍ଥା :**

  ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ପଠନ ସାମଗ୍ରୀ ଭାଷାଗତ ସଂଖ୍ୟାଲଘୁ ଗୋଷ୍ଠୀର ପିଲାଙ୍କ ପ୍ରାଥମିକ କେତେ ରାଜ୍ୟରେ ମୁଖ୍ୟ ଭାଷା ଛଡ଼ା ଅନ୍ୟ ଭାଷାରେ ପାଠ୍ୟ ପୁସ୍ତକ, ବିଭିନ୍ନ ଅସୁବିଧା ଯୋଗୁଁ ପ୍ରସ୍ତୁତି ହୋଇ ପାରୁନଥିବା କାରଣରୁ ଏହି ସାମଗ୍ରୀ ସବୁକୁ ଠିକ୍ ସମୟରେ ଯୋଗାଇବା ଏକ ସମସ୍ୟା ହୋଇଥାଏ ।

  ପାଠ୍ୟ ପୁସ୍ତକ ସମ୍ବନ୍ଧିତ ଅନ୍ୟ ଏକ ସମସ୍ୟା ରହିଛି । କିଛି ବିଦ୍ୟାଳୟରେ ଭାଷାର ପାଠ୍ୟ ପୁସ୍ତକ ବ୍ୟତୀତ ଅନ୍ୟ ବିଷୟରେ ପାଠ୍ୟ ପୁସ୍ତକ ପିଲାଙ୍କ ଘର ଭାଷାରେ ଉପଲବ୍ଧ ହୋଇନଥାଏ । ଏହାର ଅର୍ଥ ରାଜ୍ୟର ମୁଖ୍ୟ ଭାଷାରେ ଲେଖା ହୋଇଥିବା ଗଣିତ, ବିଜ୍ଞାନ ବା ସାମାଜିକ ବିଜ୍ଞାନର ପାଠ୍ୟ ପୁସ୍ତକ ସବୁକୁ ଏହି ପିଲାମାନଙ୍କୁ ପଢ଼ିବାକୁ ପଡୁଛି । ଯେଉଁଠାରେ ଏହି ଭାଷାରେ ଲିଖିତ ପାଠ୍ୟପୁସ୍ତକ ତଥା ପଠନ ସାମଗ୍ରି ଉପଲବ୍ଧ ହୋଇଥାଏ ସେହି ରାଜ୍ୟ ସହ ସଂପର୍କ ସ୍ଥାପନ ପୂର୍ବକ ଉପଯୁକ୍ତ ବ୍ୟବସ୍ଥା କରାଯାଇ ଏହି ସମସ୍ୟାର ପରିଚାଳନା କରାଯାଇପାରିବ ।

- **ଭାଷା ଶିକ୍ଷକଙ୍କୁ ନିୟୋଜିତ କରିବା :**

  ଘର ଭାଷାରେ କ୍ରିୟା ପ୍ରତିକ୍ରିୟା କରୁଥିବା ଶିକ୍ଷକଙ୍କର ଉପସ୍ଥିତି ଅନେକାଂଶରେ ପିଲାମାନଙ୍କ ମଧ୍ୟରେ ଥିବା ଏକୁଟିଆ ମନୋଭାବକୁ ଦୂର କରିପାରିବ। ଭାଷା ଶିକ୍ଷଣ ବିଶେଷ କରି ସଂଖ୍ୟାଲଘୁ ଗୋଷ୍ଠୀର ଭାଷା ଜାଣିଥିବା ଶିକ୍ଷକ ନିୟୋଜିତ କରିବା ଏକ ସକରାତ୍ମକ ପଦକ୍ଷେପ । ଏହା ଗୋଷ୍ଠିର ପିଲାଙ୍କ ଶିକ୍ଷଣରେ ସହାୟତା କରିଥାଏ। ଯଦି କୌଣସି ଶିକ୍ଷିତ ବ୍ୟକ୍ତି ଉପଲବ୍ଧ ହୋଇ ନଥାଆନ୍ତି ତେବେ ଏହି ଗୋଷ୍ଠୀର ପିଲାମାନଙ୍କୁ ବିଦ୍ୟାଳୟର ପରିଚାଳନା କରିବା ପାଇଁ ଅତି କମ୍‌ରେ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ସଂଖ୍ୟାଲଘୁ ଗୋଷ୍ଠୀ ଭାଷା ତଥା ସଂସ୍କୃତିରେ ପ୍ରଶିକ୍ଷିତ କରାଯାଇପାରିବ।

- **ବହୁଭାଷୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ :**

  ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ବହୁବିଧ ଘଟଣାଗୁଡ଼ିକୁ ଆୟୋଜନ କରାଯିବା ଆବଶ୍ୟକ ଯେଉଁଥିରେ ପିଲାମାନଙ୍କୁ ବିଭିନ୍ନ ଭାଷାରେ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବାକୁ ପ୍ରୋତ୍ସାହିତ କରାଯାଇପାରିବ। ଉଦାହରଣ ସ୍ୱରୂପ :- ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ ଓ ରାଷ୍ଟ୍ରୀୟ ଏକତା ଦିବସ ଭଳି ଗୁରୁତ୍ୱପୂର୍ଣ୍ଣ ଦିବସ ଗୁଡିକରେ ବିଭିନ୍ନ ଭାଷାରେ ଦେଶଭକ୍ତି ଗାନ ବିଦ୍ୟାଳୟର ସବୁ ପିଲାଙ୍କ ଭାଷାରେ ନାଟକ, ଗୀତ, ପହେଲି କରିବା ଆଦି ପ୍ରଦର୍ଶିତ କରିବାକୁ ଉତ୍ସାହିତ କରିଯାଇପାରିବ। ଉଭୟ ଏହି ପ୍ରକାରର ବହୁଭାଷା କାର୍ଯ୍ୟକ୍ରମରେ ବିଦ୍ୟାଳୟ/ଶ୍ରେଣୀର ସବୁ ପିଲା ଭାଗ ନେବା ଫଳରେ ବନ୍ଧୁତାର ବିକାଶ ହେବ ଓ ଭାଷାଗତ ସଂଖ୍ୟାଲଘୁ ଗୋଷ୍ଠୀର ପିଲାଙ୍କର ଏକାକୀ ରହିବାର ଭାବନା କମ୍ ହେବ।

- **ସଂଖ୍ୟାଲଘୁ ଗୋଷ୍ଠୀର ଭାଷାରେ ଆକଳନ ପାଇଁ ସୁଯୋଗ :**

  ଶ୍ରେଣୀ ପରିଚାଳନା ସମୟରେ ଶିକ୍ଷକ ଅନୌପଚାରିକ ରୂପେ ଉଭୟ ସଂଖ୍ୟାଧିକ ଓ ସଂଖ୍ୟାଲଘୁ ଭାଷାରେ ପ୍ରଶ୍ନ / ପାଠ ସମ୍ବନ୍ଧୀୟ କାର୍ଯ୍ୟ ପଚାରିପାରିବେ। ଔପଚାରିକ ଆକଳନ ସ୍ଥିତିରେ ପ୍ରଶ୍ନ ଓ ପାଠ ସମ୍ବନ୍ଧୀୟ କାର୍ଯ୍ୟ ନିମିତ୍ତ ସଂଖ୍ୟାଲଘୁ ଭାଷାର ପ୍ରୟୋଗ ହେବା ଆବଶ୍ୟକ ଫଳରେ ସଂଖ୍ୟାଲଘୁ ଗୋଷ୍ଠୀ ପିଲାମାନେ ଭାଷାର କଠିନତା କାରଣରୁ କାର୍ଯ୍ୟ ସମ୍ପାଦନରେ ଅସୁବିଧା ଅନୁଭବ କରିବେ ନାହିଁ।

- **ଧାର୍ମିକ ଭାବନା ଆଧାରରେ ସଂଖ୍ୟାଲଘୁଗୋଷ୍ଠୀର ପିଲାଙ୍କ ଶିକ୍ଷା :**

  ଆମର ଦେଶ ଏକ ଧର୍ମ ନିରପେକ୍ଷ ଦେଶ ଅଟେ ଯେଉଁଠି ପ୍ରତି ଧର୍ମକୁ ସଂପୂର୍ଣ୍ଣ ସମ୍ମାନ ଦିଆ ଯାଇଥାଏ। ଆମର ସମ୍ବିଧାନ ପ୍ରଦାନ କରିଛି ଯେ, "ସବୁ ବ୍ୟକ୍ତି ବିବେକର ସ୍ୱାଧୀନତା ଓ ଧର୍ମ ଗ୍ରହଣ ଅଭ୍ୟାସ ଓ ପ୍ରସାର ନିମିତ୍ତ ହକ୍‌ଦାର" (ଧାରା-୨୫)। ତଥାପି, କେତେକ କାରଣ ଯଥା- ଅନ୍ଧବିଶ୍ୱାସ, ଗୋଷ୍ଠୀବିବାଦ, ଅତ୍ୟନ୍ତ ଦାରିଦ୍ର୍ୟତା ଆଦି ଯୋଗୁ ଧର୍ମଗତ ସଂଖ୍ୟାଲଘୁ ଗୋଷ୍ଠୀର ପିଲାମାନେ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ପଛୁଆ ଗୋଷ୍ଠୀରେ ରହି ଯାଆନ୍ତି। ଏଥିପାଇଁ ବିଦ୍ୟାଳୟରେ ଏମାନଙ୍କର ଶୈକ୍ଷିକ ସ୍ଥିତିକୁ ଉନ୍ନତ କରିବା ପାଇଁ ଏମାନେ ସ୍ୱତନ୍ତ୍ର ଧ୍ୟାନ ଆବଶ୍ୟକ କରନ୍ତି। ରାଜ୍ୟ ବିଦ୍ୟାଳୟ ଓ ଶିକ୍ଷକଙ୍କ ଦ୍ୱାରା ନିମ୍ନଲିଖିତ ଦିଗଗୁଡ଼ିକୁ ଧ୍ୟାନ ଦେବା ଆବଶ୍ୟକତା ଅଛି।

- **ପ୍ରବେଶ ବ୍ୟବସ୍ଥା :** ସମ୍ବିଧାନ ବ୍ୟବସ୍ଥା ଧାରା ୨୯(୨) ଅନୁସାରେ ରାଜ୍ୟ ଦ୍ୱାରା ସ୍ଥାପିତ ବା ରାଜ୍ୟ ପାଣ୍ଠିରୁ ସହାୟତା ପ୍ରାପ୍ତ କୌଣସି ଶିକ୍ଷାନୁଷ୍ଠାନ ଧର୍ମ, ଜାତି, ପ୍ରଜାତି, ଭାଷା ବା ଅନ୍ୟ କୌଣସି ଆଧାରର ଉପରେ କାହାର ନାମଲେଖାକୁ ମନା କରିପାରିବେ ନାହିଁ। ଶିକ୍ଷା ଅଧିକାର ଅଧିନିୟମ ମଧ୍ୟ ଏହା ଉପରେ ଅଲୋକପାତ କରିଛି ।

- **ଧାର୍ମିକ ଶିକ୍ଷାନୁଷ୍ଠାନର ଆଧୁନିକୀକରଣ** : ଧାର୍ମିକ ଗୋଷ୍ଠୀର ପିଲାମାନଙ୍କ ପାଇଁ ଧାର୍ମିକ ଅନୁଷ୍ଠାନରେ ଧାର୍ମିକ ପାଠ୍ୟ ବିଷୟ ବସ୍ତୁ ଓ ଶିକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ବୈଜ୍ଞାନିକ ଓ ଉଦ୍ୟୋଗିକ ବିକାଶ ସମ୍ପର୍କିତ ଜ୍ଞାନ ଏହି ବିଦ୍ୟାଳୟର ଶିକ୍ଷାର୍ଥୀ ମାନେ ଅଧିକ

ଟିପ୍ପଣୀ

ସ୍ୱାଗତପୋଷକ ହୋଇଯାଆନ୍ତି ଓ ଜୀବନର ସାମଗ୍ରୀକ ଧାରଣାରେ ଅଭାବ ରହିଯାଏ । ଏହା ବ୍ୟତୀତ ଏମାନେ ଅନେକ ଅନୁଭୂତିରୁ ବଞ୍ଚିତ ହୋଇ ଯାଆନ୍ତି ଯାହା ଏମାନଙ୍କୁ ଉଚ୍ଚ ଶିକ୍ଷଣ ଉପଲବ୍ଧରେ ସହାୟକ ହୋଇଥାଏ ଓ ବ୍ୟାପକ ବୃତ୍ତି ଚୟନ ନିମିତ୍ତ ସକ୍ଷମ କରାଇଥାଏ । ବର୍ତ୍ତମାନ ଏହା ବ୍ୟାପକ ଭାବରେ ଅନୁଭବ କରାଯାଉଅଛି ଯେ, ଏହି ଅନୁଷ୍ଠାନ ଗୁଡିକ ଆଧୁନୀକିକରଣ ହେବା ଆବଶ୍ୟକ ଫଳରେ ପିଲାମାନଙ୍କୁ ଧାର୍ମିକ ଶିକ୍ଷା ଦେବା ବ୍ୟତୀତ ଅନ୍ୟାନ୍ୟ ସମ୍ଭାବ୍ୟ ସୁଯୋଗମାନ ପ୍ରଦାନ କରିପାରିବ।

- **ବିଦ୍ୟାଳୟ କାର୍ଯ୍ୟକ୍ରମରେ ସମନ୍ୱୟ :** ସାଧାରଣ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମରେ ସଂଖ୍ୟାଲଘୁ ସଂସ୍କୃତିର ଭିନ୍ନଭିନ୍ନ ବିଷୟଗୁଡିକୁ ସମନ୍ୱିତ କରାଯାଇପାରିବ । ଫଳତଃ ଏହି ପିଲାଙ୍କୁ ବିଦ୍ୟାଳୟ ଶିକ୍ଷାର ମୁଖ୍ୟ ସ୍ରୋତକୁ ଅଣାଯାଇପାରିବ। ଏହି ପ୍ରକାରର କେତେ କାର୍ଯ୍ୟକ୍ରମ ନିମ୍ନରେ ପ୍ରଦତ୍ତ ହୋଇଛି :

  - **ଧାର୍ମିକ ପ୍ରଥାକୁ ସମ୍ମାନ ଦେବା :** ବର୍ତ୍ତମାନ ଆମ ଦେଶରେ ଥିବା ବିଭିନ୍ନ ଧର୍ମର ବିଶେଷ ଦିନଗୁଡ଼ିକରେ ଧାର୍ମିକ ଉତ୍ସବରେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବା ଏକ ସାଧାରଣ ପ୍ରଥା। ଏପରି ଦିନ ତଥା ଉତ୍ସବର ମହତ୍ତ୍ୱ ଉପରେ ଆଲୋଚନା କରି ଏହାକୁ ଆହୁରି ଦୃଢ଼ କରା ଯାଇପାରନ୍ତା, ଯାହାକି ପ୍ରତ୍ୟେକ ପିଲା ଭିତରେ ନିଜ ଧର୍ମ ବ୍ୟତୀତ ଅନ୍ୟ ସବୁ ଧର୍ମ ପ୍ରତି ସମ୍ମାନ ଦେବା ଭାବନାକୁ ବିକାଶ କରିବାରେ ସହାୟକ ହୋଇପାରିବ।

  - **ବିଦ୍ୟାଳୟ କାର୍ଯ୍ୟକ୍ରମରେ ସମାନ ଭାବରେ ଅଂଶ ଗ୍ରହଣକୁ ସୁନିଶ୍ଚିତ କରିବା:** ଧର୍ମଗତ ସଂଖ୍ୟାଲଘୁ ଗୋଷ୍ଠୀର ପିଲାଙ୍କର ଏକୁଟିଆ ରହିବା ଭାବନାକୁ କମାଇବା ପାଇଁ ବିଦ୍ୟାଳୟର ସବୁ ପ୍ରକାର କାର୍ଯ୍ୟକ୍ରମରେ ସେମାନଙ୍କର ଅଂଶ ଗ୍ରହଣକୁ ସୁନିଶ୍ଚିତ କରିବା ଆବଶ୍ୟକ।

  - **ପଛୁଆ ପିଲାଙ୍କ ପାଇଁ ବିଶେଷ ଅନୁଶିକ୍ଷଣ ବ୍ୟବସ୍ଥା :** ଯେହେତୁ ସଂଖ୍ୟାଲଘୁ ଗୋଷ୍ଠୀର ଏହି ପ୍ରକାରର ଅଧିକାଂଶ ପିଲା, ବହୁତ ଗରୀବ ପୃଷ୍ଠ ଭୂମିରୁ ଆସିଥାଆନ୍ତି, ଏମାନଙ୍କ ପାଇଁ ସ୍ୱତନ୍ତ୍ର ଅନୁଶିକ୍ଷଣ ବ୍ୟବସ୍ଥା କରାଯାଇପାରେ ।

- **ଶ୍ରେଣୀ କାର୍ଯ୍ୟକ୍ରମରେ ସହାୟତା କରିବା :** ଭେଦଭାବର ସବୁ ସମ୍ଭାବିତ ଉତ୍ସ ଗୁଡିକୁ ଦୂର କରିବା ଆବଶ୍ୟକ ଯାହା ସେହି ପିଲାଙ୍କୁ ଶ୍ରେଣୀ ଶିକ୍ଷା ପରିଚାଳନା ସମୟରେ ଅନ୍ୟ ପିଲାଙ୍କଠାରୁ ଅଲଗା କରିଥାଏ। ଏଥିପାଇଁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକୁ ଧ୍ୟାନରେ ରଖାଯାଇପାରେ ।

  - **ଦଳଗତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣକୁ ସୁନିଶ୍ଚିତ କରିବା :** ଶ୍ରେଣୀରେ ଦଳଗତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ସାଥୀ ମାନଙ୍କ ସହ କ୍ରିୟାପ୍ରତିକ୍ରିୟା ଓ ଦଳଗତ ସମ୍ବନ୍ଧକୁ ବୃଦ୍ଧିକରିଥାଏ । ଏହା ଫଳରେ ଭେଦଭାବ କମ୍ ହୋଇଥାଏ ତଥା ଅନ୍ୟମାନଙ୍କୁ ଅପମାନଜନକ ଟିପ୍ପଣୀ ଦେବାର ସୁଯୋଗ ମିଳେ ନାହିଁ।

ଟିପ୍ପଣୀ

- **ଶିକ୍ଷଣ ସାମଗ୍ରୀରେ ଭେଦଭାବ ଦୂର କରିବା :** ଚିତ୍ର, ନମୁନା, କେତେକ ପାଠ୍ୟ ପୁସ୍ତକ ସାମଗ୍ରୀ ଯାହା ଧାର୍ମିକ ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲାଙ୍କ ଭିତରେ ଖରାପ ଭାବନା ସୃଷ୍ଟି କରୁଥିବ ସେସବୁ ବ୍ୟବହାର ଓ ପ୍ରଦର୍ଶନ ନକରିବା ଦରକାର। ଶ୍ରେଣୀ ପରିଚାଳନାରେ ଅମେଳ ସୃଷ୍ଟି କରିଥିବା ଏପରି କୌଣସି ବିଷୟ ବସ୍ତୁକୁ ବ୍ୟବହାର ନିମିତ୍ତ ଅନୁମତି ଦିଆ ନ ଯାଉ।

- **ଭାଷା ସମସ୍ୟାର ସମାଧାନ କରିବା** : ମୁସଲମାନ ପରିବାରର ପିଲା ଉର୍ଦ୍ଦୁକୁ ନିଜର ମାତୃଭାଷାର ରୂପରେ ପ୍ରୟୋଗ କରି ଥାଆନ୍ତି। ଯଦି ବିଦ୍ୟାଳୟରେ କୌଣସି ଶିକ୍ଷକ ଉର୍ଦ୍ଦୁ ଭାଷାକୁ ଜାଣିଥାଆନ୍ତି ତେବେ ମୁସଲମାନ ପିଲାଙ୍କର ଲାଭ ହୋଇଥାଏ। ଯଦି ଏପରି ଶିକ୍ଷକ ଉପଲବ୍ଧ ହୋଇ ନଥାଆନ୍ତି, ତେବେ ପିଲାମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ଉର୍ଦ୍ଦୁଭାଷାରେ କଥା ହେବା ନିମିତ୍ତ ବିଦ୍ୟାଳୟର କିଛି ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇ ପାରିବ । ଏହି ପ୍ରକାରର ପିଲାମାନଙ୍କୁ ସହ ପାଠ୍ୟ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ପ୍ରୋତ୍ସାହିତ କରାଯାଇପାରିବ, ଯେପରି ଗୀତ ଗାଇବା ତଥା ଉର୍ଦ୍ଦୁରେ ବାର୍ତ୍ତାଳାପ କରି ଅଭିନୟ କରିବା ଆଦି ।

- **ଶିକ୍ଷକ, ପ୍ରଧାନଶିକ୍ଷକ ଓ ଶିକ୍ଷା ପ୍ରଶିକ୍ଷଣ :** ଧାର୍ମିକ ଭାବନା ଅଧାରରେ ସଂଖ୍ୟାଲଘୁ ଗୋଷ୍ଠୀର ପିଲାମାନଙ୍କ ଶିକ୍ଷଣକୁ କିପରି ସହଜ କରାଯାଇ ପାରିବ ଓ ଏମାନଙ୍କୁ କିପରି ଭେଦଭାବ ପୂର୍ଣ୍ଣ ବ୍ୟବହାରରୁ ସୁରକ୍ଷିତ କରାଯାଇପାରିବ ଏଥିନିମିତ୍ତ ଶିକ୍ଷକ ପ୍ରଧାନଶିକ୍ଷକ ଓ ଶିକ୍ଷା ପ୍ରଶାସକଙ୍କ ପାଇଁ ସ୍ୱଳ୍ପକଳୀନ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇପାରିବ ।

ଏକ ଶିକ୍ଷକ ଭାବରେ, ସଂଖ୍ୟାଲଘୁ ଗୋଷ୍ଠୀର ପିଲାଙ୍କ ପାଇଁ ଆପଣ ମୁଖ୍ୟ ଭୂମିକା ଗ୍ରହଣକରି ପାରିବେ। ଯଦି ଆପଣ ଏହି ପ୍ରକାର ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହଁନ୍ତି ତେବେ ଆପଣଙ୍କୁ ଏହି ପିଲାଙ୍କୁ ବୁଝିବା ତଥା ଅଭିପ୍ରେରିତ କରିବାରେ କଷ୍ଟକର ହେବ। ଥରେ ଯଦି ଆପଣ ଏମାନଙ୍କ କଥା, ଭାଷା, ସଂସ୍କୃତି ତଥା ଧାର୍ମିକ ପୃଷ୍ଠଭୂମିକୁ ବୁଝିବା ପାଇଁ ଚେଷ୍ଟା କରିବେ ତେବେ ଆପଣ ଏହି ଶିକ୍ଷାର୍ଥୀଙ୍କ ସହ ଫଳପ୍ରଦ ଭାବେ ଯୋଗାଯୋଗ କରିପାରିବେ ଓ ସେମାନଙ୍କର ଆବଶ୍ୟକତା ଅନୁସାରେ ପାଠ୍ୟକ୍ରମ ଓ ଶିକ୍ଷଣକୁ ଆପଣେଇ ପାରିବେ।

**ଅଭ୍ୟାସ କାର୍ଯ୍ୟ - ୩ ଶ୍ରେଣୀ ସଂଖ୍ୟାଲଘୁ ଗୋଷ୍ଠୀର ପିଲାଙ୍କ ଏକୁଟିଆ ଭାବନାକୁ ଦୂର କରିବାର ପଦ୍ଧତି କ'ଣ ହୋଇପାରେ ?**

### ୧୦.୩.୩ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କ ଶିକ୍ଷା (CWSN)

ପ୍ରାରମ୍ଭିକ ଶିକ୍ଷା ସ୍ତରରେ ସମତା ସମସ୍ୟା ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାନ୍ତି । ଆପଣମାନେ ନିଜର ଶ୍ରେଣୀରେ ଆଂଶିକ ଭିନ୍ନକ୍ଷମ ପିଲାଙ୍କ ସଂସ୍ପର୍ଶରେ ଆସିଥିବେ ।

ଯଥା ଶାରୀରିକ ବାଧକତା, ଦୃଷ୍ଟିବାଧକତା, ଶ୍ରବଣବାଧକତା, ନିମ୍ନମାନର ବୌଦ୍ଧିକ କାର୍ଯ୍ୟସମ୍ପାଦନ ବଧକତା, ଅନୁକୁଳିତ ବ୍ୟବହାରରେ ଅଭାବଜନିତ ବାଧକତା । ଜଣେ ଶିକ୍ଷକ ହିସାବରେ ଆପଣଙ୍କୁ,

ଅନ୍ୟ ପିଲାମାନଙ୍କ ସହିତ ସେହି ପିଲାମାନଙ୍କର ଶିକ୍ଷଣରେ ଓ କାର୍ଯ୍ୟ ସଂପାଦନରେ ଉନ୍ନତି ଆଣିବା ପାଇଁ ଶ୍ରେଣୀରେ ସେମାନଙ୍କର ଉପଯୁକ୍ତ ପରିଚାଳନା କରିବାକୁ ପଡିବ । ନିମ୍ନରେ ସାରଣୀ -୧ ରେ ସେହି ସବୁ ପିଲାଙ୍କର ବିଭିନ୍ନ ବିଭାଗ ତଥା ବିଭିନ୍ନ ଅଂଶର ଚିହ୍ନଟୀକରଣ ସମ୍ପର୍କରେ ତଥ୍ୟମାନ ଦିଆଯାଇଛି ।

**ସାରଣୀ 1-ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ମାନଙ୍କ ବିଭିନ୍ନ ବିଭାଗ ଓ ଚିହ୍ନଟୀକରଣ ବୈଶିଷ୍ଟ୍ୟ ।**

| ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର ବିଭିନ୍ନ ବିଭାଗ | ଚିହ୍ନଟୀକରଣ ବୈଶିଷ୍ଟ୍ୟ |
|---|---|
| ଶାରୀରିକ ବାଧକତା | ହାତ, ପାଦ, ବେକ, ଅଣ୍ଟା ଓ ଆଙ୍ଗୁଳି ଆଦି ବିଭିନ୍ନ ଅଙ୍ଗରେ ଦୃଶ୍ୟମାନ ବିକୃତି । ସେମାନେ ବସିବାରେ ଏପାଖ ସେପାଖ ହେବାରେ ବସ୍ତୁକୁ ଉଠାଇବା ବା ବୁଲାଇବାରେ କଷ୍ଟ ଅନୁଭବ କରନ୍ତି । |
| ଦୃଷ୍ଟି ବାଧିତ | ଆଖିରେ ଦୃଶ୍ୟମାନ ବିକୃତି ଆଖିକୁ ବାରମ୍ବାର ମକଚିବା, ଆଖି ବାରମ୍ବାର ଲାଲ ହୋଇଯିବା ଗୋଟିଏ ଆଖି ବନ୍ଦ କରିବା ଓ ମୁଣ୍ଡକୁ ଆଗକୁ ନେବା, ବସ୍ତୁ ପାଠ୍ୟ ପୁସ୍ତକ ସହିତ ଆଦିକୁ ଆଖିପାଖରେ ଧରିବା, କଳାପଟାରୁ ଉତ୍ତାରିବା ସମୟରେ ଅନ୍ୟ ପିଲାର ସାହାଯ୍ୟ ମାଗିବା, ଜଲ୍ଦି ଜଲ୍ଦି ଆଖିପତା ପକାଇବା, ଆଖିରୁ ପାଣି ବାହାରିବା, ଆଖିପାଖରେ କାମକରିବା, ଲୋକ ଓ ବସ୍ତୁ ସହ ଧକ୍କା ହେବା |
| ଶ୍ରବଣ ଓ ବାକ୍‌ଶକ୍ତି ବାଧିତ | କାନରେ ଦୃଶ୍ୟମାନ ବିକୃତି - ବାରମ୍ବାର କାନ/ କାନଗୁଡ଼ିକରୁ ପୂଜପାଣି ବୋହିବା, ବାରମ୍ବାର କାନ ଯନ୍ତ୍ରଣା ହେବାର ଅଭିଯୋଗ କରିବା, ବାରମ୍ବାର ପ୍ରାୟ କାନ କୁଣ୍ଡାଇବା, ଭଲ ଶୁଣିବା ପାଇଁ ମୁଣ୍ଡକୁ ଗୋଟିଏ ପଟକୁ ବୁଲାଇବା, ବାରମ୍ବାର କଥନ/ନିର୍ଦ୍ଦେଶ/ପ୍ରଶ୍ନକୁ ପୁନରାବୃତ୍ତି କହିବାକୁ ଶିକ୍ଷକଙ୍କୁ ଅନୁରୋଧ କରିବା, ଶ୍ରୁତଲିଖନରେ ଅନେକ ତ୍ରୁଟି କରିବା, ଶିକ୍ଷକଙ୍କୁ ଶୁଣିବା ସମୟରେ ତାଙ୍କ ମୁହଁକୁ ସାବଧାନ ସହକାରେ ଦେଖିବା, ବାକ୍‌ଶକ୍ତି ସମସ୍ୟା ପ୍ରଦର୍ଶିତ କରିବା |
| ଶିକ୍ଷଣ ବାଧିତ | ନିମ୍ନ ମାନର ଶୈକ୍ଷିକ ଉପଲବ୍ଧି ପ୍ରଦର୍ଶନ କରିଥାଏ : ଖୁବ୍ କମ୍ ସମୟ ମଧ୍ୟରେ ଶିକ୍ଷଣକୁ ଭୁଲିଯାଏ । ଶ୍ରେଣୀରେ ଅନ୍ୟମନସ୍କ ତଥା ଚଗଲା ହେବା, ବସ୍ତୁର ପ୍ରଦର୍ଶନ ଉପରେ ଅଧିକ ନିର୍ଭର କରିବା, ନିମ୍ନମାନର ଭାବମୂର୍ତ୍ତି ରହିବା । |

ଟିପ୍ପଣୀ

| | |
|---|---|
| | ଆତ୍ମବିଶ୍ୱାସର ଅଭାବ, ପୁନରାବୃତ୍ତି ତଥା ଅଭ୍ୟାସକୁ ଆଶାକରିବା, ଯେତେବେଳେ କିଛି କରିବାକୁ କୁହାଯାଏ, ସେତେବେଳେ କ'ଣ କୁହାଗଲା ତାହା ବୁଝିବାରେ ସମସ୍ୟା, ଆଚାର ବ୍ୟବହାରରେ ମନ୍ଥର ଓ ବୋକା ଭଳି ଦେଖାଯିବା । କାର୍ଯ୍ୟ କରିବା ନିମିତ୍ତ ଶିଖିବାରେ କଷ୍ଟ ଅନୁଭବ କରିବା । ଅମୂର୍ତ୍ତ ବସ୍ତୁକୁ ବୁଝିବାରେ ଅସୁବିଧା ଓ ମୂର୍ତ୍ତ ଉଦାହରଣ/ବସ୍ତୁ ଉପରେ ଅତି ନିର୍ଭରଶୀଳ ହେବା । |

**କ୍ରିୟାକଳାପ ୩**

ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କ ଚିହ୍ନଟୀକରଣର ବିଶେଷତ୍ୱକୁ ଆଧାର କରି ସେମାନଙ୍କର ଶିକ୍ଷଣ ତଥା ଉପଲବ୍ଧର ବିକାଶ ପାଇଁ କାର୍ଯ୍ୟଗୁଡ଼ିକର ତାଲିକା ପ୍ରସ୍ତୁତ କରନ୍ତୁ ।

ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କୁ ପରିଚାଳନାକରିବା ପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ ଏମାନଙ୍କୁ ଓ ଏମାନଙ୍କର ଭିନ୍ନକ୍ଷମ ପରିମାଣକୁ ଉପଯୁକ୍ତଭାବେ ଚିହ୍ନିବା ଦରକାର । ଶିକ୍ଷକଙ୍କୁ ଏହିପ୍ରକାର ପିଲାଙ୍କର ସମସ୍ୟାକୁ ଉପଯୁକ୍ତ ଚିକିତ୍ସା ପରୀକ୍ଷଣ ଓ ବ୍ୟବହାରର ବୈଶିଷ୍ଟ୍ୟ ଆଦିକୁ ପର୍ଯ୍ୟବେକ୍ଷଣ ଦ୍ୱାରା ଅନୁସନ୍ଧାନ କରିବା ଆବଶ୍ୟକ । ଥରେ ଏହି ପ୍ରକାର ପିଲାମାନେ ଚିହ୍ନଟ ହୋଇଗଲେ, ସେମାନଙ୍କୁ ଉପଯୁକ୍ତ ବ୍ୟକ୍ତି ବା ସଂସ୍ଥା ନିକଟକୁ ଭିନ୍ନକ୍ଷମତା ଦୂର / କମ୍ କରିବା ନିମିତ୍ତ ପଠା ଯାଇପାରିବ । ଉଦାହରଣ ସ୍ୱରୂପ ଶ୍ରବଣ ସମ୍ବନ୍ଧୀୟ ଅସୁବିଧା ଥିବା ପିଲାଙ୍କର ଚିକିତ୍ସାର ଆବଶ୍ୟକତା ଥାଇପାରେ ଓ ଅକ୍ଷମତା ଦୂର ନିମିତ୍ତ କିଛି ଶ୍ରବଣ ସମ୍ବନ୍ଧୀୟ ସହାୟକ ଯନ୍ତ୍ର ଆବଶ୍ୟକ କରିପାରନ୍ତି । ଦୃଷ୍ଟି ସମ୍ବନ୍ଧୀୟ ସମସ୍ୟା ଥିବା ପିଲାଟିଏ ଲେନସ୍ ବା ଅବତଳ ଗ୍ଲାସ ଆବଶ୍ୟକ କରିପାରେ । ଶାରୀରିକ ଭିନ୍ନକ୍ଷମତା ଥିବା ପିଲାଙ୍କର, ଆଶାବାଡ଼ି ବା ଚକାଲଗା ଗାଡ଼ିର ଆବଶ୍ୟକତା ଥାଇପାରେ । ଫଳରେ ସେ ଏପାଖ ସେପାଖ ବୁଲିପାରିବ । ଲେଖିବା ପାଇଁ ହାତର ଆବଶ୍ୟକତା ଅନୁସାରେ କିଛି କୌଶଳ ଆବଶ୍ୟକ କରିପାରେ । ଅନ୍ୟ ପିଲାମାନଙ୍କ ଭଳି ପାଠ୍ୟକ୍ରମରେ ପ୍ରବେଶ ନିମିତ୍ତ ଏହି ପିଲାମାନଙ୍କ ପାଇଁ ସଂଶୋଧକ ଓ ଆରୋଗ୍ୟକାରୀ ଉପାୟମାନ ପାଠ୍ୟକ୍ରମ ସମଯୋଜନ ସହ ନିଆଯାଇପାରିବ । ଏହି ପିଲାଙ୍କର ଶିକ୍ଷଣର ବିକାଶ ପାଇଁ ବିଦ୍ୟାଳୟ ତଥା ଶ୍ରେଣୀରେ କିଛି ଆୟୋଜନ କରାଯାଇପାରିବ । ଯାହା ନିମ୍ନରେ ଦିଆ ଯାଇଅଛି :

- **ଶାରୀରିକ ବାଧିତ ପିଲା**

  ଅନ୍ୟ ପିଲାମାନଙ୍କ ଭଳି ଏମାନଙ୍କ ପାଖରେ ଶିକ୍ଷାରେ ସାମର୍ଥ୍ୟ ରହିଛି । ତେବେ ଶିକ୍ଷଣ କାର୍ଯ୍ୟରେ ଏମାନଙ୍କର କିଛି ଅସୁବିଧା ଥାଇପାରେ । ସାଙ୍ଗସାଥୀଙ୍କ ଦ୍ୱାରା ଗ୍ରହଣୀୟ ନହେବା ଓ ଉପହାସିତ ନ ହେବା ଦ୍ୱାରା ଏହି ପିଲାମାନଙ୍କର ସମଯୋଜନ ସମ୍ବନ୍ଧୀୟ ସମସ୍ୟା ଦେଖାଯାଏ । ପିଲାଙ୍କର ଅଭିଭାବକଙ୍କ ସହଯୋଗରେ ଆପଣ ଏମାନଙ୍କ ଲାଗି ଉପଯୁକ୍ତ

ସହାୟକ ଯନ୍ତ୍ରର ବ୍ୟବସ୍ଥା କରିପାରିବେ । ଫଳରେ ଏହି ଅଙ୍ଗର ପରିଚାଳନା ଠିକ୍ ଭାବରେ ହୋଇ ପାରିବ । ଏହି ସୁବିଧା ପିଲା ପୁନର୍ବସତି କେନ୍ଦ୍ର (DRC) ରେ ଉପଲବ୍ଧ ହୋଇଥାଏ । ଏହା ଡାକ୍ତରଖାନା ତଥା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମଧ୍ୟ ମିଳିଥାଏ । ଶ୍ରେଣୀ ଶିକ୍ଷାଦାନ ସମୟରେ ଆପଣଙ୍କୁ ଏହି ପିଲାଙ୍କର ଦେଖାଶୁଣା ପାଇଁ ନିମ୍ନଲିଖିତ ଦିଗ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି :

- ଆପଣଙ୍କ ଶ୍ରେଣୀରେ ଏହି ପିଲାମାନଙ୍କୁ ଯେପରି କେହି ସେମାନଙ୍କ ଭିନ୍ନ କ୍ଷମତାକୁ ନେଇ କିଛି ମନ୍ତବ୍ୟ ନଦିଅନ୍ତି ତାହା ସୁନିଶ୍ଚିତ କରିବା ଏକାନ୍ତ ଅପରିହାର୍ଯ୍ୟ ।
- ଶ୍ରେଣୀରେ ସବୁ ଶିକ୍ଷଣ କାର୍ଯ୍ୟକ୍ରମରେ ଏହି ପିଲାଙ୍କୁ ଅନ୍ୟ ପିଲାଙ୍କ ଭଳି ସମାନ ଭାବରେ ଭାଗ ନେବା ପାଇଁ ନିୟୋଜିତ କରିବା ଉଚିତ । ଶାରୀରିକ କାର୍ଯ୍ୟକ୍ରମ ଓ ଅବସର ବିନୋଦନ କାର୍ଯ୍ୟରେ ଏମାନଙ୍କ କାର୍ଯ୍ୟ କରିବାର କ୍ଷମତାର ସ୍ତରକୁ ଆଧାର କରି ଏମାନଙ୍କୁ ଭାଗ ନେବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ଏହାକୁ ସୁନିଶ୍ଚିତ କରିବା ଦରକାର ।
- ଶ୍ରେଣୀରେ ଏହି ପ୍ରକାର ପିଲାଙ୍କର ଭିନ୍ନକ୍ଷମତାକୁ ଆଧାର କରି ବସିବା ବ୍ୟବସ୍ଥାରେ ଉପଯୁକ୍ତ ସମଯୋଜନ କରିବାର ଆବଶ୍ୟକତା ରହିଅଛି । ପିଲାଙ୍କୁ କୌଣସି ପ୍ରକାର ଶାରୀରିକ ବାଧା ନହେବା ଭଳି ବ୍ୟବସ୍ଥା ହେବା ଦରକାର ।
- ଏହି ପିଲାଙ୍କର କାର୍ଯ୍ୟ ସଂପାଦନର ଆକଳନରେ ବିଶେଷ କରି ଗ୍ରେଡ୍ ବା ମୂଲ୍ୟାଙ୍କନ କରିବା ସମୟରେ, ସେମାନଙ୍କର ଭିନ୍ନ କ୍ଷମତା ଉପଯୁକ୍ତ ହେବା ଆବଶ୍ୟକ । ଉଦାହରଣ ସ୍ୱରୂପ ଯଦି ଏମାନଙ୍କୁ ଲେଖିବାରେ ଅସୁବିଧା ହୁଏ ତେବେ ଏମାନଙ୍କୁ ଅଧିକ ସମୟ ଦିଆଯାଇପାରେ ଓ ଯଦି ଆବଶ୍ୟକ ହୁଏ ତେବେ ମୌଖିକ ପରୀକ୍ଷା ମଧ୍ୟ କରାଯାଇପାରେ । କେତେକ କ୍ଷେତ୍ରରେ ଏମାନେ ତାଙ୍କର ଉତ୍ତରକୁ ଶ୍ରାବ୍ୟ ଉପକରଣ (Audio Cassette)ରେ ରେକର୍ଡ଼ କରି ପାରିବେ ।

❍ **ଦୃଷ୍ଟି ବାଧକତା ପିଲା :**

ଏହି ପିଲାଙ୍କୁ ଖୁବ୍ ସହଜରେ ଚିହ୍ନଟ କରାଯାଇ ପାରେ । କେତେକ ପିଲା ଆଶିଂକ ଭାବରେ ଦୃଷ୍ଟି ବାଧିତ ହୋଇଥାଆନ୍ତି । ଏହି ପ୍ରକାର ପିଲାଙ୍କ ଦୃଷ୍ଟିକୁ ଲେନସ୍ ମାଧ୍ୟମରେ ଠିକ୍ କରାଯାଇପାରେ । ପରନ୍ତୁ କେତେକ କେବଳ ବଡ଼ ଅକ୍ଷରକୁ ପଢ଼ି ପାରନ୍ତି । କିଛି ପିଲାଙ୍କ ପାଖରେ କିଛି କ୍ଷେତ୍ର ପର୍ଯ୍ୟନ୍ତ ଦୃଷ୍ଟି ଶକ୍ତି ଥାଏ । ଏହି ପ୍ରକାର ପିଲାଙ୍କୁ ଚିହ୍ନିବା, ଏମାନଙ୍କ ଆଖିକୁ ଯାଞ୍ଚ କରିବା ପାଇଁ ଡାକ୍ତରଖାନା ପଠାଇବା, ଅଭିଭାବକଙ୍କୁ ଜଣାଇବା ତଥା ଏମାନଙ୍କ ଶିକ୍ଷା ପାଇଁ ଏମାନଙ୍କୁ ବିଶେଷ ସହାୟତା ପ୍ରଦାନ କରିବା ନିମିତ୍ତ ସେମାନଙ୍କ ଶିକ୍ଷଣ ପାଇଁ କେତେକ ପଦକ୍ଷେପ ନିଆଯାଇପାରେ ।

- ଏହି ପ୍ରକାର ପିଲାଙ୍କୁ ଶ୍ରେଣୀରେ ଆଗ ଧାଡ଼ିରେ ବସାଇବେ ଫଳରେ ସେମାନେ କଳାପଟାକୁ ସହଜରେ ଦେଖି ପାରିବେ ।

ଟିପ୍ପଣୀ

- ଆପଣ କଳାପଟାରେ ବଡ଼ ଅକ୍ଷରରେ ସ୍ପଷ୍ଟଭାବେ ଲେଖିବା ଆବଶ୍ୟକ ଓ ଯାହା ଲେଖୁଛନ୍ତି ତାକୁ ବଡ଼ପାଟିରେ ପଢ଼ିବା ମଧ୍ୟ ଆବଶ୍ୟକ ଅଟେ ।
- ଦୃଷ୍ଟି ବାଧିତ ସମସ୍ୟା ଥିବା ପିଲାଙ୍କର ପାଠ ପଢ଼ିବା ବୋଝକୁ କମ୍ କରିବା ପାଇଁ ଏମାନଙ୍କୁ ବୁଝିବା ସହିତ ଶୁଣିବାରେ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ । ସେମାନଙ୍କୁ ମଧ୍ୟ ରେଡ଼ିଓ କାର୍ଯ୍ୟକ୍ରମର ଏକ ସମୟ ସୂଚୀ ଯୋଗାଇବା ଦରକାର ଓ ତାହାଙ୍କୁ ଶୁଣିବା ପାଇଁ ପ୍ରୋତ୍ସାହିତ କରିବା ଆବଶ୍ୟକ । ଶ୍ରାବ୍ୟ ଉପକରଣ ଯେଉଁଠି ସୁବିଧା ଅଛି ସେଠାରେ ମଧ୍ୟ ବ୍ୟବହାର କରାଯାଇପାରେ ।
- ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ଏମାନଙ୍କୁ ସୁଯୋଗ ଯୋଗାଇ ଦେବା ଆବଶ୍ୟକ । ଆଂଶିକ ଦୃଷ୍ଟି ବାଧିତ ପିଲାଙ୍କ ପାଇଁ ଗୋଟିଏ ବହି ଥାକ ଯୋଗାଇ ଦେବା ଆବଶ୍ୟକ ।

❍ **ଶ୍ରବଣ ତଥା କଥନ ବାଧିତ ପିଲା**

- କିଛି ପିଲାଙ୍କର ଶୁଣିବା ତଥା କିଛି ପିଲାଙ୍କ କହିବାରେ ଅସୁବିଧା ହୋଇଥାଏ । ଯେଉଁ ପିଲାଙ୍କର ଶ୍ରବଣ ସମସ୍ୟା ରହିଛି ସେମାନଙ୍କର କହିବା ସମସ୍ୟା ମଧ୍ୟ ବିକଶିତ ହୋଇନଥାଏ । ଏଥିପାଇଁ ଏହି ପ୍ରକାର ପିଲାଙ୍କୁ ଚିହ୍ନଟ କରିବା ତଥା ଏମାନଙ୍କର ଶୈକ୍ଷିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଉଚିତ୍ ପଦକ୍ଷେପ ନେବା ଆବଶ୍ୟକ ।
- ଶ୍ରବଣ ସମ୍ବନ୍ଧୀୟ ସମସ୍ୟା ଥିବା ପିଲାଙ୍କୁ ଶ୍ରେଣୀର ଆଗ ଧାଡ଼ିରେ ବସିବାକୁ ଦେବା ଦରକାର ଫଳରେ ଆପଣ ଯାହା କହିବେ ସେ ସହଜରେ ଶୁଣି ପାରିବେ ।
- ଆପଣ ଶ୍ରେଣୀରେ କହିବାବେଳେ ଏକ ଉପଯୁକ୍ତ ସ୍ୱର ସ୍ତର ରଖିବା ଆବଶ୍ୟକ । ଅସ୍ପଷ୍ଟ ତଥା ବହୁତ ଶୀଘ୍ର କହିବା ପରିତ୍ୟାଗ କରନ୍ତୁ ।
- ଆପଣ ନମୁନା ପ୍ରଦର୍ଶନ କରିବା ସମୟରେ ବା ପାଠ୍ୟ ପୁସ୍ତକ ପଢିବାବେଳେ, ଆପଣଙ୍କ ଓଷ୍ଠ ଚାଳନା ଏହି ପିଲାମାନାଙ୍କ ନିମିତ୍ତ ଦୃଶ୍ୟମାନ ହେବାକୁ ସୁନିଶ୍ଚିତ କରିବେ । ଫଳରେ ସେମାନେ ଓଷ୍ଠ ଚାଳନା ପଠନ ଦ୍ୱାରା ଶ୍ରବଣ କାର୍ଯ୍ୟ ସମ୍ପାଦନ କରିବାରେ ସମର୍ଥ ହେବେ ।
- ସେହିପରି କହିବା ଓ କଳାପଟାରେ ଲେଖିବା ବେଳେ ଆପଣ କଳାପଟାକୁ ନଦେଖି ପିଲାଙ୍କ ଆଡ଼କୁ ମୁହଁ ରଖିବା ଦରକାର । ଏହି କାରଣ ପାଇଁ ଆପଣ କଥା କହିବା ସମୟରେ ଶ୍ରେଣୀରେ ବୁଲିବାକୁ ଦୂରେଇ ଦେଇ ପାରିବେ ।
- ଜଣେ ଜଣକୁ ଶୁଣିବାରେ ସହାୟତା କରିବା ନିମିତ୍ତ ସାଙ୍ଗସାଥୀଙ୍କୁ ଏହି ପିଲାମାନଙ୍କ ସହ କ୍ରିୟାପ୍ରତିକ୍ରିୟା କରିବା ପାଇଁ ପ୍ରୋତ୍ସାହିତ କରନ୍ତୁ ।
- ସାଧାରଣ ଶିକ୍ଷାଦାନ କାର୍ଯ୍ୟକ୍ରମ ପାଇଁ ଅତିରିକ୍ତ ଦୃଶ୍ୟ ସାମଗ୍ରୀ ବ୍ୟକ୍ତିଗତ ବା ଦଳଗତ ଭାବେ ଦିଆଯାଇପାରେ ।

- ଯଦି କଥନ ବାଧକତା କିଛି ଅଙ୍ଗଗତ ଅସାମଞ୍ଜସ୍ୟ ଯୋଗୁଁ ହୋଇଥାଏ, ତେବେ ଡାକ୍ତରୀ ଚିକିତ୍ସାର ଆବଶ୍ୟକ ହୋଇଥାଏ । କଥନ ବାଧକତା, ଶ୍ରବଣ ସମସ୍ୟା କାରଣରୁ ଉତ୍ପନ୍ନ ହୋଇଥାଏ । ବାକ୍ ତାଲିମ, ପୁନର୍ବଳନ କାର୍ଯ୍ୟ ଏବଂ ଅଭ୍ୟାସ ଦ୍ୱାରା ଏହା ସଂଶୋଧନ କରାଯାଇପାରିବ ।

❍ **ଶିକ୍ଷଣ ବାଧିତ ପିଲା**

- ନିର୍ଦ୍ଦିଷ୍ଟ ଶିକ୍ଷଣ ବାଧକତାର ଚିହ୍ନଟୀକରଣ ପାଇଁ ବ୍ୟାପକ ପ୍ରଶିକ୍ଷଣ ଓ ଶୈକ୍ଷିକ ବ୍ୟବସ୍ଥାର ଆବଶ୍ୟକତା ରହିଛି । ଏହା ବାଧକତାର ପ୍ରକାର ବା ସ୍ତର ଅନୁସାରେ ହେବା ଦରକାର । ତେବେ ନିମ୍ନଲିଖିତ ଭାବେ ଆପଣ ଏହି ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ସାଧାରଣ ଓ ବ୍ୟବହାରିକ ପଦକ୍ଷେପମାନ ନେଇପାରିବେ ।
- ଏହି ପିଲାଙ୍କୁ ଅନ୍ୟ ପିଲାଙ୍କ ତୁଳନାରେ ଅଧିକ ପୁନରାବୃତ୍ତି ତଥା ଅଭ୍ୟାସର ଆବଶ୍ୟକ ହୋଇଥାଏ ।
- ଶିକ୍ଷଣ କାର୍ଯ୍ୟକୁ ଛୋଟ ଛୋଟ ସୋପାନରେ ଉପସ୍ଥାପନ କରାଯିବା ଉଚିତ । ତଥା ଶିକ୍ଷଣର ମହତ୍ତ୍ୱପୂର୍ଣ୍ଣ ଦିଗ ଉପରେ ସେମାନଙ୍କର ଧ୍ୟାନକୁ ବିଶେଷ ଭାବରେ ଆକର୍ଷିତ କରିବାର ଆବଶ୍ୟକତା ଅଛି । କାରଣ ତୁଳନାତ୍ମକ ଭାବରେ ସେମାନଙ୍କର ମନଯୋଗର ଅବଧି ଖୁବ୍ କମ୍ ଥାଏ ।
- ଏମାନେ ଶିକ୍ଷଣ କାର୍ଯ୍ୟରେ ନିମଗ୍ନ ହୋଇ ଯାଇଥିବାବେଳେ ସେମାନଙ୍କୁ ସଫଳତାର ଅନୁଭବ ଦେବା ପାଇଁ ସରଳ ପ୍ରଶ୍ନମାନ ପଚରାଯାଇପାରେ ।
- ଏହି ପିଲାମାନଙ୍କୁ କାର୍ଯ୍ୟ ସମ୍ପାଦନ ପାଇଁ ତୁରନ୍ତ ପ୍ରଶଂସା କରିବା ବା ପୁରସ୍କାର ଦେବା ଉଚିତ୍ ।
- ସାମାଜିକ ସ୍ଥିତିରେ ଯୋଗାଯୋଗ ନିମିତ୍ତ ଏହି ପିଲାମାନଙ୍କୁ ପ୍ରଶିକ୍ଷଣ ଦେବା ଆବଶ୍ୟକ ।
- ଏହି ପିଲାଙ୍କ ପାଇଁ ପାଠ୍ୟକ୍ରମର ପରିଚାଳନା ସରଳ ତଥା ଆନନ୍ଦଦାୟକ ଶିକ୍ଷଣ ଅଭିଜ୍ଞତା ଦ୍ୱାରା ହେବା ଆବଶ୍ୟକ ।

❍ **ସର୍ବଶିକ୍ଷା ଅଭିଯାନ ଓ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପାଇଁ ପିଲାର ଅଧିକାର ଅନ୍ତର୍ନିବେଶୀ ଶିକ୍ଷା (Inclusive Education)**

ସର୍ବଶିକ୍ଷା ଅଭିଯାନର ଏକ ମୁଖ୍ୟ ବିଷୟବସ୍ତୁ ହେଉଛି ବିଶେଷ ଆବଶ୍ୟକତା ଥିବା ପିଲାଙ୍କୁ ସାଧାରଣ ବିଦ୍ୟାଳୟରେ ସମନ୍ୱିତ ଶିକ୍ଷା ଯୋଗାଇ ଦେବା । ସର୍ବଶିକ୍ଷା ଅଭିଯାନ ଏହା ସୁନିଶ୍ଚିତ କରେ ଯେ ଅକ୍ଷମତାର ପ୍ରକାର ଓ ମାତ୍ରା ନିର୍ବିଶେଷରେ ପ୍ରତ୍ୟେକ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା ସାଧାରଣ ବିଦ୍ୟାଳୟରେ ଅନ୍ୟ ସାଧାରଣ ପିଲାଙ୍କ ସହ ଗୁଣାତ୍ମକ ଅନ୍ତର୍ନିବେଶୀ ଶିକ୍ଷା ହାସଲ କରିବ । ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କ ଶିକ୍ଷା ପାଇଁ ବିଭିନ୍ନ ପ୍ରକାରର ଶିକ୍ଷଣ ପନ୍ଥା କୌଶଳ ଉପାୟମାନ ରହିଛି । ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ

ଟିପ୍ପଣୀ

ପାଇଁ ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ୱତନ୍ତ୍ର ବିଦ୍ୟାଳୟ ମାଧ୍ୟମରେ ଶିକ୍ଷା, ଘରେ ଶିକ୍ଷାଦାନ ଦେବା ଓ ଗୋଷ୍ଠୀ ଆଧାରିତ ପୁନଃ ଥଇଥାନ କେନ୍ଦ୍ର ଆଦିକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ସମସ୍ତ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କୁ ପଡୋଶୀ ବିଦ୍ୟାଳୟରେ ନାମ ଲେଖାଇ ମୁଖ୍ୟ ସ୍ରୋତରେ ସାମିଲ କରିବା ଅନ୍ତିମ ଉଦ୍ଦେଶ୍ୟ ଅଟେ ।

---

**E.4** **CWSN** ଙ୍କ ପାଇଁ ସମନ୍ୱିତ ଶିକ୍ଷା ପ୍ରଦାନ କରିବା ସପକ୍ଷରେ କୌଣସି ଦୁଇଟି କାରଣ ଦର୍ଶାନ୍ତୁ ।

---

**E.5** ଆଶିଂକ ଭାବରେ ଶ୍ରବଣ ବାଧିତ ତଥା ଦୃଷ୍ଟି ବାଧିତ ପିଲାଙ୍କ ଶିକ୍ଷଣର ସହାୟତା ପାଇଁ ଆପଣ ଶ୍ରେଣୀରେ କେଉଁ ଦୁଇଟି ସାଧାରଣ କାର୍ଯ୍ୟ କରି ପାରିବେ? ବର୍ଣ୍ଣନା କରନ୍ତୁ ।

---

## 10.4 ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମିରେ ଆଦିବାସୀ ପିଲାଙ୍କ ଶିକ୍ଷା

ସୁବିଧାରୁ ବଞ୍ଚିତ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜନଜାତି ସମୂହ ପିଲା ପ୍ରାୟ ନିଜର ସାମାଜିକ, ଆର୍ଥିକ ତଥା ସାଂସ୍କୃତିକ ଭିନ୍ନତା କାରଣରୁ ଅସୁବିଧାର ସମ୍ମୁଖୀନ ହୋଇ ଥାଆନ୍ତି । ଏମାନଙ୍କ ଶିକ୍ଷା ସମ୍ବନ୍ଧୀୟ ବହୁତ ଗୁଡ଼ିଏ ସଂସ୍କରଣ (Issues) ଅଛି ଯାହା ଏହି ବିଭାଗରେ ଆଲୋଚନା କରାଯାଇଅଛି ।

### 10.4.1 ସମସ୍ୟା (Issues)

ସ୍ୱାଧୀନତା ପରଠାରୁ ଆଦିବାସୀ ବ୍ୟକ୍ତିଙ୍କୁ ମୁଖ୍ୟ ଧାରାରେ ସାମିଲ କରିବା ପାଇଁ ଏମାନଙ୍କର ସମଗ୍ର ବିକାଶ ପାଇଁ ବହୁତ ଚେଷ୍ଟା କରାଯାଇଅଛି । ପରନ୍ତୁ ଆଜି ମଧ୍ୟ ଜନଜାତି ଲୋକଙ୍କର ସମସ୍ୟା ବିଚାରଣୀୟ ହୋଇ ରହିଛି । ଭାରତରେ ଜନଜାତୀୟ ପିଲାଙ୍କର ଶିକ୍ଷା ସମ୍ବନ୍ଧୀତ କିଛି ତଥ୍ୟ ନିମ୍ନରେ ଦିଆ ଯାଇଛି ।

- **ସ୍ୱଳ୍ପ ସାକ୍ଷରତା ହାର** : ଭାରତର ଜନଗଣନା ୨୦୦୧ ଅନୁସାରେ ଆଦିବାସୀ/ଜନଜାତୀୟ ସାକ୍ଷରତା ହାର କମ୍ ଅଟେ ଓ ଜନଜାତି ବାଳିକାଙ୍କ କ୍ଷେତ୍ରରେ ଏହାର ହାର ଅତ୍ୟନ୍ତ ଶୋଚନୀୟ ଅଟେ ।

- **ସ୍ୱଳ୍ପନାମାଙ୍କନ ଏବଂ ଅଧିକ ଅଧାରୁ ପାଠ ଛାଡ଼ିଥିବା ପିଲା (Drop out)**

  ବିଦ୍ୟାଳୟରେ ଜନଜାତିର ନାମାଙ୍କନ ଅନ୍ୟ ଗୋଷ୍ଠୀ ତୁଳନାରେ କମ୍ । ଅଧାରୁ ଅଧିକ ସଂଖ୍ୟାର ଜନଜାତି ପିଲା ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପୂର୍ବରୁ ହିଁ ବିଦ୍ୟାଳୟ ଛାଡ଼ି ଦେଇ ଥାଆନ୍ତି ।

- **ବୁଝିବାରେ ନିମ୍ନସ୍ତର :** ସାଧାରଣତଃ ବିଦ୍ୟାଳୟ ଭାଷାଠାରୁ ଜନଜାତି ଗୋଷ୍ଠୀର ଘର ଭାଷା/କଥିତ ଭାଷା ସମ୍ପୂର୍ଣ୍ଣ ଭିନ୍ନ । ଏହି କାରଣରୁ ଶ୍ରେଣୀ-ଶିକ୍ଷା ତଥା ପାଠ୍ୟ ପୁସ୍ତକର ଭାଷାକୁ ବୁଝିବାରେ ଅସୁବିଧା ସୃଷ୍ଟି ହୋଇଥାଏ । ପରିଣାମ ସ୍ୱରୂପ ସେମାନେ ଶୁଣିବା ଓ ପଢ଼ିବାରେ ନିମ୍ନସ୍ତର ପ୍ରଦର୍ଶନ କରନ୍ତି ତଥା ଅନ୍ୟମାନଙ୍କ ସହିତ ଆଦାନପ୍ରଦାନ କରିବାର ବିକାଶ ବି ଠିକ୍ ଭାବରେ ହୋଇପାରେ ନାହିଁ ।

- **ନିମ୍ନ ଉପଲବ୍ଧ ସ୍ତର :** ଆଜି ପର୍ଯ୍ୟନ୍ତ କରାଯାଇଥିବା ସର୍ବେକ୍ଷଣରେ ପ୍ରାୟ ସମସ୍ତଙ୍କ ପାଖରେ

ଏହା ଦେଖାଯାଏ ଯେ ଜନଜାତିର ପିଲା ବିଶେଷକରି ଜନଜାତି ବାଳିକାଙ୍କ ଉପଲବ୍ଧ ସ୍ତର ବହୁତ କମ୍ ଅଟେ । ଜନଜାତି ପିଲା ବିଷୟ କ୍ଷେତ୍ରରେ କମ୍ ସଂଖ୍ୟା ରଖନ୍ତି ନାହିଁ ବରଂ ବିଦ୍ୟାଳୟ ଶିକ୍ଷା ସମୟରେ ସେ ଜୀବନ କୌଶଳ ଅର୍ଜିତ କରିବାରେ ଅସଫଳ ହୋଇଥାଆନ୍ତି ।

- **ଅସଫଳତାର ଅନୁଭୂତି ଓ ନିମ୍ନ ଆତ୍ମ ସମ୍ମାନ:** ଧାରାବାହିକ ଭାବେ ନିମ୍ନ ଉପଲବ୍ଧ ପ୍ରଦର୍ଶନ କରିବା କାରଣରୁ ଆଦିବାସୀ ପିଲା ନିଜର ଆତ୍ମ ସମ୍ମାନ ହରାଇ ବସନ୍ତି ଓ ନିମ୍ନ ଆତ୍ମସମ୍ମାନର ବଶବର୍ତ୍ତୀ ହୋଇଥାନ୍ତି ।
- **ବାଳିକାମାନଙ୍କ ପାଇଁ ଅଧିକ ପ୍ରତିକୂଳ ଅବସ୍ଥା :** ଜନଜାତି ବାଳିକା ଅଧିକ ସାମାଜିକ ସୁଯୋଗରୁ ବଞ୍ଚିତ । କାରଣ ଏମାନଙ୍କୁ ଘରର ସବୁ କାମ କରିବାକୁ ହୋଇଥାଏ । ଏହା ସହିତ ନିଜର ଛୋଟ ଭାଇ ଭଉଣୀଙ୍କ ଦେଖାଶୁଣା ବି କରିବାକୁ ପଡ଼ିଥାଏ ।

**ଅଭ୍ୟାସ କାର୍ଯ୍ୟ - 4**

ନିଜର ରାଜ୍ୟରେ ଜନଜାତି ପିଲାଙ୍କର ନିମ୍ନ ସାକ୍ଷରତା, ଉଚ୍ଚ ଅଧାରୁ ପାଠ ଛାଡ଼ି ଥିବା (Drop out), ତଥା ନିମ୍ନ ଆତ୍ମସମ୍ମାନର ସମ୍ଭାବିତ କାରଣର ତାଲିକା ପ୍ରସ୍ତୁତ କରନ୍ତୁ ।

ଜନଜାତି ପିଲାଙ୍କର ଶିକ୍ଷାର ଅଭାବନୀୟ ସ୍ତରର କେତେକ ମୁଖ୍ୟ କାରଣ ନିମ୍ନରେ ଦିଆ ଯାଇଅଛି ।

- **ପାରିବାରିକ ସଚେତନତା ଓ ସହାୟତାର ଅଭାବ :** ବିଦ୍ୟାଳୟକୁ ଆସୁଥିବା ଅଧିକାଂଶ ପିଲାମାନେ ପ୍ରଥମ ପିଢ଼ୀର ଶିକ୍ଷାର୍ଥୀ ହୋଇଥାଆନ୍ତି। ଏହାର ତାତ୍ପର୍ଯ୍ୟ ଏହି କି ଯେ ପରିବାରରେ କୌଣସି ବି ଗୁରୁଜନ ବ୍ୟକ୍ତି କେବେ ବି ବିଦ୍ୟାଳୟ ଯାଇ ନଥାନ୍ତି। ପରିଣାମତଃ ସେମାନେ ନିରକ୍ଷର ଅଟନ୍ତି ଓ ଦୂର ଦୂରାନ୍ତରେ ବସବାସ କରିଥାଆନ୍ତି। ସେମାନେ ବିଦ୍ୟାଳୟ ଶିକ୍ଷାର ଆବଶ୍ୟକତା ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅନଭିଜ୍ଞ ଅଟନ୍ତି ତଥା ପିଲାଙ୍କୁ ବିଦ୍ୟାଳୟରେ କୌଣସି ପ୍ରକାର ସହାୟତା ଦେଇ ପାରନ୍ତି ନାହିଁ। ଅଧିକାଂଶ ସମୟ ସେମାନେ ନିଜର ପିଲାଙ୍କ ଶିକ୍ଷାରେ କୌଣସି ଆଗ୍ରହ ଦେଖାନ୍ତି ନାହିଁ। ଯେଉଁମାନେ ଆଜିକାଲି ନିଜର ପିଲାଙ୍କ ଶିକ୍ଷାରେ ରୁଚି ଦେଖାଉଛନ୍ତି, ଏମାନଙ୍କ ପାଖରେ ନିଜର ପିଲାଙ୍କ ସହାୟତା ତଥା ନିର୍ଦ୍ଦେଶନା ପାଇଁ ପର୍ଯ୍ୟାପ୍ତ ଶୈକ୍ଷିକ ଅନୁଭବ ନାହିଁ।
- **ପରିବାରରେ ଅତ୍ୟନ୍ତ ଦାରିଦ୍ର୍ୟତା :** ଆଦିବାସୀ ପିଲାଙ୍କର ବିଦ୍ୟାଳୟକୁ ନ ଆସିବାର ଏକ ମୁଖ୍ୟ କାରଣ, ଏମାନଙ୍କ ପରିବାରର ଅତି ଦାରିଦ୍ର୍ୟ ପରିସ୍ଥିତି । ଯଦିଓ ଏମାନଙ୍କୁ ମାଗଣା ପାଠ୍ୟ ପୁସ୍ତକ, ବିଦ୍ୟାଳୟ ପୋଷାକ (Uniform), ପଠନ-ଲିଖନ ସାମଗ୍ରୀ ଦିଆ ଯାଉଅଛି । କେତେକ ସ୍ଥିରୀକୃତ କରାଯାଇଥିବା ଅଞ୍ଚଳରେ ହଷ୍ଟେଲ ସୁବିଧା, କିଛି ଅନୁଦାନ ପ୍ରଦାନ କରାଯାଇଥାଏ । ଏସବୁ ପରେ ପରିବାର ନିଜର ପିଲାଙ୍କୁ ବିଦ୍ୟାଳୟ ପଠାଇବାକୁ ଅସମର୍ଥ ହୁଅନ୍ତି । ଏହାର କାରଣ, ଏପରିକି, ଏଥିମଧ୍ୟରୁ କେତେକ ନିଜର ପରିବାରର ଛୋଟମୋଟ ଆୟକୁ ପୂରଣ କରିବା ପାଇଁ ଅନ୍ୟ କାର୍ଯ୍ୟରେ ନିୟୋଜିତ ହୋଇଥାଆନ୍ତି । ଏହା ବ୍ୟତିରେକ

ଟିପ୍ପଣୀ

ଯେପରି ପ୍ରଥମେ କୁହାଯାଇଥିଲା, ବାଳିକାମାନେ ନିଜର ଛୋଟ ଭାଇ ଭଉଣୀଙ୍କର ଦେଖାଶୁଣା ତଥା ଘରର ଅନ୍ୟ କାର୍ଯ୍ୟରେ ଲିପ୍ତ ରହିଥାଆନ୍ତି ।

- **ବିଦ୍ୟାଳୟ ସୁବିଧା ପାଇବା ପାଇଁ ଅଭାବ :** ସାଧାରଣତଃ ଆଦିବାସୀ ପରିବେଶ ଛୋଟ ତଥା ବିକ୍ଷିପ୍ତ ହୋଇଥାଏ ଓ ଅନୁପଯୋଗୀ ଭୌଗୋଳିକ ପରିସ୍ଥିତି ଦ୍ୱାରା ପୃଥକ ହୋଇଥାଏ । କୌଣସି ପିଲା ପାଇଁ ପ୍ରାକୃତିକ ବାଧାକୁ ଅତିକ୍ରମ କରି ବିଦ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିବା ବହୁତ କଷ୍ଟ ହୋଇଯାଏ, ଯଦିଓ ସରକାରୀ ନିୟମ ଅନୁସାରେ ବାସ କରୁଥିବା ସ୍ଥାନରୁ ପଡ଼ୋଶୀ ବିଦ୍ୟାଳୟ ୧ କି.ମି. ଦୂରତା ଭିତରେ ଅବସ୍ଥିତ ହୋଇଥାଏ । ଏତେ ଛୋଟ ବାସସ୍ଥାନ ଯେଉଁଠାରେ ୪-୬ ପିଲା ଥାନ୍ତି । ଏମାନଙ୍କ ପାଇଁ ଅଲଗା ବିଦ୍ୟାଳୟ ଖୋଲିବା ବି ଏକ ବାସ୍ତବିକ ଉପାୟ ହୋଇପାରେନାହିଁ ।

- **ଅପର୍ଯ୍ୟାପ୍ତ ଓ ଅନିୟମିତ ଶିକ୍ଷକ :** ଯୋଗାଯୋଗ ସୁବିଧାର ଅଭାବ, ପ୍ରାକୃତିକ ବାଧାର ଉପସ୍ଥିତି ତଥା ନ୍ୟୁନତମ ଆବାସିକ ସୁବିଧାର ଅଭାବ କାରଣରୁ, କୌଣସି ବାହାର ଶିକ୍ଷକଙ୍କ ପାଇଁ ନିୟମିତ ଭାବରେ ବିଦ୍ୟାଳୟରେ ପହଞ୍ଚିବା ଅଧିକ କଷ୍ଟକର ହୋଇ ଯାଇଥାଏ। ଅଧିକାଂଶ ଶିକ୍ଷକ ଯେଉଁମାନେ ଦୂର ଦୂରାନ୍ତର ଆଦିବାସୀ ବିଦ୍ୟାଳୟରେ ସର୍ବାଧିକ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟରତ ହୋଇଥାଆନ୍ତି, ସେମାନେ କାର୍ଯ୍ୟ ପ୍ରତି ନିରୁତ୍ସାହିତ ହୋଇଥାନ୍ତି। ସେମାନେ ନିଜର କାର୍ଯ୍ୟକୁ ଉତ୍ସାହ, ପ୍ରେରଣା ପୂର୍ବକ କରିବା ପାଇଁ ମନ ଦେଇ ନଥାଆନ୍ତି।

- **ଶିକ୍ଷାଦାନ ମାଧ୍ୟମ ପାଇଁ ମାତୃଭାଷାରେ (ଘରୋଇ ଭାଷା) ବ୍ୟବହାର ଅଳ୍ପ ବା ଆଦୌ ନ ହେବା :** ଭାଷା ଶିକ୍ଷଣର ଶୂନ୍ୟସ୍ଥାନ ପୂରଣ ପାଇଁ ମାତୃଭାଷା ସଂଯୁକ୍ତ ହୋଇ ଶିକ୍ଷାଦାନର ମାଧ୍ୟମ ବହୁତ ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ପାଦନ କରିଥାଏ। ଏକ ପିଲାର ମାତୃଭାଷାର ପାରଙ୍ଗମତା, ଅନ୍ୟ ଭାଷା ସହଜରେ ଶିଖିବା ବିକାଶ କରିଥାଏ। ନିମ୍ନରେ ଦିଆଯାଇଥିବା ଚିତ୍ର ୧ ରେ ଏହାର ବର୍ଣ୍ଣନା ଖୁବ୍ ଭଲ ଭାବରେ କରାଯାଇଅଛି। ଯଦି ଆପଣ ଦୁଇଟି ପୋଲ ବା ସେତୁର ତୁଳନା କରନ୍ତି ତେବେ ଆପଣ ଦେଖିବେ ଯେ ଗୋଟିଏ ମଜଭୁତ ତଥା ଅନ୍ୟଟି ଦୁର୍ବଳ। ଏହି ପାର୍ଥକ୍ୟର କାରଣ ହେଉଛି ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ତଥା ପାଠ୍ୟ ପୁସ୍ତକରେ ମାତୃଭାଷାର ପ୍ରୟୋଗ ଖୁବ୍ କମ୍ ବା ଆଦୌ କରା ନଯିବା। କିନ୍ତୁ ପିଲା ପ୍ରଥମରୁ ଆରମ୍ଭ କରୁଥିବା ପାଠରେ ଆମେ ମାତୃଭାଷାର ଏକ ଦୃଢ଼ ମୂଳଦୁଆ କାହିଁକି ସ୍ଥାପନ କରିବାକୁ ଦରକାର କରେ? ଆମେ ସମସ୍ତେ ଖୁବ୍ ଭଲ ଭାବରେ ଜାଣୁ ଯେ, ଯଦି ପିଲାଙ୍କର ପ୍ରାକ୍ ଶିକ୍ଷା, ତାଙ୍କର ମାତୃଭାଷା ଉପରେ ପର୍ଯ୍ୟବେସିତ ହୋଇଥାଏ, ଉଭୟ ଭାଷା ଶିକ୍ଷଣ ତଥା ଧାରଣାଗୁଡ଼ିକର ମୂଳଦୁଆ ଖୁବ୍ ଦୃଢ଼ ହୋଇଯାଏ। ଏହା ଦେଖା ଯାଇଥାଏ କି:

  - ପିଲାମାନେ ପରିଚିତ ବସ୍ତୁରୁ ଆରମ୍ଭ କରିବା ଦ୍ୱାରା ଖୁବ୍ ଉତ୍ତମ ଭାବରେ ଶିଖିଥାଏ।
  - ପିଲାମାନେ ଯେଉଁ ଭାଷାରେ କଥା ହୁଅନ୍ତି ଓ ଠିକ୍ ଭାବରେ ବୁଝନ୍ତି, ଏହାଦ୍ୱାରା ଶିକ୍ଷାଦାନ ହେଲେ ସେ ଉତ୍ତମ ଭାବରେ ଶିଖିଥାଆନ୍ତି।
  - ପରିଚିତ ଭାଷାରେ ପଢ଼ିବା ଓ ଲେଖିବା, ଶିକ୍ଷଣ ପାଇଁ ଅଧିକ ସହଜ ହୋଇଥାଏ।

- ଧାରଣାଗୁଡ଼ିକ ମାତୃଭାଷାରେ ଖୁବ୍ ସହଜରେ ବୁଝି ହୋଇଥାଏ ।
- ମାତୃଭାଷାରେ ଏକ ଭଲ ମୂଳଦୁଆ ରଖିଥିବା ପିଲାମାନେ ଦ୍ୱିତୀୟ (Second language) ଶିଖିବାରେ ଅଧିକ ସଫଳତା ପାଇଥାଆନ୍ତି ।
- ସ୍ଥାନୀୟ ଜ୍ଞାନ ଖୁବ୍ ଭଲ ଭାବରେ ସ୍ଥାନୀୟ ଭାଷା ମାଧ୍ୟମରେ ଶିଖା ଯାଇପାରେ ।
- ନିଜ ମାତୃଭାଷାରେ ଏକ ମଜଭୁତ ମୂଳଦୁଆ ରଖିଥିବା ପିଲାମାନଙ୍କର ଅନ୍ୟ ଭାଷାର ସାହିତ୍ୟିକ ଯୋଗ୍ୟତା ଦୃଢ଼ ଭାବରେ ବିକଶିତ ହୁଏ ।
- ମାତୃଭାଷା ଦ୍ୱାରା ଶିଖୁଥିବା ଜ୍ଞାନ ବା କୌଶଳ, ଦ୍ୱିତୀୟ (Second) ଭାଷା ଶିଖିବାରେ ଫଳପ୍ରଦ ଭାବେ ସ୍ଥାନାନ୍ତରୀତ ହୋଇଥାଏ ।




ଚିତ୍ର ୧୦.୧. ଭାଷା ଓ ପିଲା

ଯଦି ପିଲାଙ୍କୁ ଦ୍ୱିତୀୟ (Second) ଭାଷାରେ କେବଳ ଶିକ୍ଷା ଦିଆଯାଏ ତେବେ କ'ଣ ହୁଏ ?

କଳ୍ପନା କରନ୍ତୁ, ଆପଣ ଜଣେ ଶିକ୍ଷାର୍ଥୀ ଭାବରେ ଇତିହାସ ବିଷୟରେ ପଢ଼ା ଯାଉଥିବା ଶ୍ରେଣୀରେ ବସିଛନ୍ତି ଓ ଆପଣଙ୍କୁ ବିଦେଶୀ ଭାଷା ଚିନ୍‌ରେ ପଢ଼ା ଯାଉଅଛି ଯାହା ଆପଣଙ୍କ ପାଇଁ ସମ୍ପୂର୍ଣ୍ଣ ଅପରିଚିତ ଅଟେ । ଏହିପରି ପରିସ୍ଥିତିରେ ଆପଣଙ୍କ ଅବସ୍ଥା କ'ଣ ହେବ ? କ'ଣ ଯାହା କିଛି ପଢ଼ା ଯାଉଅଛି ତାହାକୁ ଆପଣ ଗ୍ରହଣ କରିପାରିବେ ? ଯଦି ଆପଣଙ୍କ ଶିକ୍ଷକ ଆପଣଙ୍କ ଭାଷାକୁ ଠିକ୍ ଭାବରେ ବୁଝି ପାରନ୍ତି ନାହିଁ କ'ଣ ଆପଣ ତାଙ୍କ ସହିତ ପ୍ରତିକ୍ରିୟା କରିପାରିବେ ? ପ୍ରାୟ ଏହି ସ୍ଥିତି ଆଦିବାସୀ ପିଲାଙ୍କର ହୋଇଥାଏ । ଏକ ପ୍ରାଥମିକ ବିଦ୍ୟାଳୟରେ ସେମାନେ ଏକ ଶ୍ରେଣୀରେ ବସିଥାଆନ୍ତି, ଯେଉଁଠି ଶିକ୍ଷକ ଏକ ଏପରି ଭାଷାରେ ପଢ଼ାଇଥାଆନ୍ତି ଯାହା ପିଲାଙ୍କର ବୁଝିବା ବାହାରେ ଥାଏ । ଏହି ପରିସ୍ଥିତିରେ ପିଲାମାନେ ସମ୍ପୂର୍ଣ୍ଣ ରୁଚିହୀନ ଭାବରେ ଶିକ୍ଷକ ଯାହା ପଢ଼ାଉଛନ୍ତି, ତାହା ସେମାନେ ବୁଝି ପାରୁ ନାହାନ୍ତି । ସେମାନେ ଶିକ୍ଷକଙ୍କୁ ଖାଲି ଅନାଇ ରହୁଛନ୍ତି ଓ କେବେକେବେ କଳାପଟାରେ ଲେଖୁଥିବା ଅକ୍ଷର/ଶବ୍ଦକୁ ମଧ୍ୟ ଦେଖନ୍ତି । ପିଲାମାନେ, କିଛି ପ୍ରଶ୍ନ ପଚାରିବାକୁ ଭୟ କରୁଥାଆନ୍ତି ଯେହେତୁ ସେମାନେ ସମ୍ପୂର୍ଣ୍ଣ ଦ୍ୱନ୍ଦରେ ପଡ଼ି ଯାଆନ୍ତି । ଏକ ସମୟ ଏପରି ହୋଇଥାଏ, ଯେତେବେଳେ ଶିକ୍ଷକ କହିବା ପାଇଁ ଥକି ଯାଆନ୍ତି ଓ ଅନୁଭବ କରିଥାଆନ୍ତି

ଟିପ୍ପଣୀ

କି ପିଲାମାନେ ପୂରାମାତ୍ରାରେ ବିଶୃଙ୍ଖଳିତ ଅଛନ୍ତି, ତେବେ ସେ କଳାପଟାରେ ଲେଖା ଯାଇଥିବା ବିଷୟ ବସ୍ତୁକୁ ନିଜର ପାଠ୍ୟ ପୁସ୍ତକରୁ ନକଲ କରି ଲେଖି ଦେବାକୁ କହି ଥାଆନ୍ତି । ତେବେ ଏକମାତ୍ର ବିକଳ୍ପ ପିଲାମାନଙ୍କ ପାଇଁ ରହିଯାଏ ଯେ, ସେମାନେ ନ ବୁଝି ନଶୁଝି ବିଷୟ ବସ୍ତୁକୁ ଘୋଷି ଦିଅନ୍ତି ଓ ଯେଉଁ ପିଲା, ଏହି ବୋଝକୁ ସମ୍ଭାଳି ପାରନ୍ତି ନାହିଁ ସେମାନେ ବିଦ୍ୟାଳୟ ଛାଡ଼ି ଦିଅନ୍ତି । ସେଥିପାଇଁ ଏହା ସୁପାରିଶ କରାଯାଇଛି କି ଦ୍ୱିତୀୟ ଭାଷାର ଶିକ୍ଷାଦାନ ମାଧ୍ୟମ ସେତେବେଳେ କରିବା ଦରକାର, ଯେତେବେଳେ ଏମାନେ ଏହି ଭାଷା ସହିତ ପର୍ଯ୍ୟାପ୍ତ ପରିମାଣରେ ପରିଚିତ ହୋଇ ଯାଆନ୍ତି ।

- ସ୍ଥାନୀୟ ଜ୍ଞାନ ଓ ସାମାଜିକ ସାଂସ୍କୃତିକ ବିଷୟର ଅଳ୍ପ ବା ଆଦୌ ବ୍ୟବହାର ହୋଇ ନଥିବା, ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା :

  ଏକ ଜନଜାତି ପିଲା ସକ୍ରିୟ ବାତାବରଣରେ ରହିଥାଏ ଯେଉଁଠି ତା ପାଖରେ ଚାରିପାଖର ବାସସ୍ଥାନରେ ଉପଲବ୍ଧ ପ୍ରାକୃତିକ ତଥା ସାଂସ୍କୃତିକ ଉତ୍ସ ସହିତ ପ୍ରତିକ୍ରିୟା କରିବା ପାଇଁ ବହୁତ ବଡ଼ କ୍ଷେତ୍ର ରହିଛି । ବାତାବରଣରେ ଉପଲବ୍ଧ ସାମାଜିକ-ସାଂସ୍କୃତିକ ତଥା ପ୍ରାକୃତିକ ତତ୍ତ୍ୱ ସହିତ ପ୍ରତିକ୍ରିୟାର ଫଳ ସ୍ୱରୂପ ଏମାନଙ୍କର ଅନୁଭବକୁ ଏକାଠି କରାଯାଇଥାଏ । ଏହି ତତ୍ତ୍ୱ ପିଲାଙ୍କ ପାଠ୍ୟପୁସ୍ତକ ଜ୍ଞାନ ଛଡ଼ା ଅଧିକ ଜ୍ଞାନ ଅର୍ଜନ କରିବାରେ ସାହାଯ୍ୟ କରିଥାଏ । ପିଲାମାନେ ଶିକ୍ଷଣରେ ଆନନ୍ଦ ଅନୁଭବ କରିଥାନ୍ତି ଓ ପିଲା ନିଜର ପର୍ବ ପର୍ବାଣି, ଗୀତ, ନାଚ, ଚିତ୍ରକଳା, ସ୍ଥାନୀୟ ମେଳା ଆଦି ପାଠ୍ୟ ପୁସ୍ତକ ତଥା ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସମୟରେ ପାଇଥାଆନ୍ତି । ଏହା ପିଲାମାନଙ୍କ ପାଇଁ ଏକ ଫଳପ୍ରଦ ପରିବେଶ ନିର୍ମାଣ କରିଥାଏ । ପରନ୍ତୁ ଆମ ବିଦ୍ୟାଳୟରେ ଦୁର୍ଭାଗ୍ୟବଶତଃ ଆଦିବାସୀ ପିଲାଙ୍କ ପାଇଁ ଏହି ପ୍ରକାରର ସୁବିଧା ମିଳେ ନାହିଁ । ଏମାନଙ୍କୁ ଏହି ପାଠ୍ୟ ପୁସ୍ତକ ପଢ଼ିବାକୁ ପଡ଼ିଥାଏ, ଯେଉଁଥିରେ ଏମାନଙ୍କ ସ୍ଥାନୀୟ ତଥା ସଂସ୍କୃତିର ବିଷୟବସ୍ତୁ, ଅବଧାରଣା ତଥା ଉଦାହରଣମାନ ନଥାଏ ।

---

**E. 6.** ବିଦ୍ୟାଳୟରେ ପ୍ରାକ୍ ଶିଶୁଙ୍କ ପାଇଁ ମାତୃଭାଷା କାହିଁକି ମହତ୍ତ୍ୱ ପୂର୍ଣ୍ଣ ଅଟେ ? ଏହାର ୪ଟି କାରଣ ଦର୍ଶାନ୍ତୁ ।

---

### 10.4.2. ଶୈକ୍ଷିକ ସଂସ୍କରଣ ଦୃଢ଼ ଭାବରେ ସ୍ଥିର କରିବା କୌଶଳ :

ଯେପରିକି ପ୍ରଥମେ ବର୍ଣ୍ଣନା କରାଯାଇଛି, ଶିକ୍ଷଣ ସମ୍ବନ୍ଧୀୟ ସଂସ୍କରଣ ପାଇଁ କେତେକ କୌଶଳ ନିମ୍ନରେ ଦିଆଯାଇଛି :

- **ମାତୃଭାଷାକୁ ଶିକ୍ଷଣର ମାଧ୍ୟମ ଭାବେ ବ୍ୟବହାର କରିବା :** ଯାହା ପ୍ରଥମରୁ ବର୍ଣ୍ଣନା କରାଯାଇଅଛି, ଯଦି ଆପଣ ଏକ ନିଜ ମାତୃଭାଷାରେ ୫-୬ ବର୍ଷର ଅଭିଜ୍ଞତା ଥିବା ପିଲାକୁ ଏକ ଅପରିଚିତ ଭାଷାରେ ପଢ଼ାଇଲେ, ଆପଣ ଯାହା କୁହନ୍ତି ସେ ବୁଝିପାରେ ନାହିଁ । ଉଦାହରଣ ସ୍ୱରୂପ : ପ୍ରଥମ ଶ୍ରେଣୀରେ ଗୋଟିଏ ସାନ୍ତାଳୀ ପିଲା 'ଆଲାହା' କିନ୍ତୁ 'ଘର' ନୁହେଁ, "ମେରୋମ୍" ଛେଳି ନୁହେଁ, 'ଡାକା' କିନ୍ତୁ ଚାଉଳ ନୁହେଁ, ବୁଝିଥାଏ । ଯଦିଓ ସେ

ଟିପ୍ପଣୀ

୫-୧୦ ଧାଡ଼ି, ନିଜର ମାତୃଭାଷାରେ ନିଜର ଘର (ଆଲାହା) ବିଷୟରେ କହିପାରିବ କିନ୍ତୁ ଅନ୍ୟ ଭାଷା ତା ପାଇଁ ବିଦେଶୀ ଅଟେ, ଏଥିରେ ହୋଇପାରେ କି ସେ ଘର ବିଷୟରେ ଗୋଟିଏ ମଧ୍ୟ ବାକ୍ୟ ନ ବୁଝିପାରେ। ଏଥିପାଇଁ ମାତୃଭାଷାକୁ ଶିକ୍ଷାଦାନ ମାଧ୍ୟମ ରୂପେ ଉପଯୋଗ କରିବା ଦ୍ୱାରା ପିଲାଙ୍କ ଅବଧାରଣାଗୁଡ଼ିକ ବୁଝିବାରେ ସହଜ ହୋଇଥାଏ, ଆହୁରି ମଧ୍ୟ ଏଥିରେ ଏମାନଙ୍କ ଆତ୍ମ ବିଶ୍ୱାସ ମଧ୍ୟ ଉତ୍ପନ୍ନ ହୋଇଥାଏ।

- **ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ସ୍ଥାନୀୟ ଜ୍ଞାନର ସମାବେଶ :** କୌଣସି ବି ପାଠ୍ୟ ପୁସ୍ତକରେ ଏକ ଦେଶ ବା ରାଜ୍ୟର ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ ଜ୍ଞାନକୁ ସମାବେଶ କରିବା ସମ୍ଭବ ନୁହେଁ। ଏଥିପାଇଁ ଜଣେ ଶିକ୍ଷକଙ୍କ ସ୍ଥାନୀୟ ଜ୍ଞାନର ଉପଯୋଗରେ ପ୍ରତ୍ୟେକ ଧାରଣାଗୁଡ଼ିକୁ ପଢ଼ାଇବା ଦରକାର ଓ ଏହାକୁ ପାଠ୍ୟ ପୁସ୍ତକ ଜ୍ଞାନ ସହିତ ସମ୍ବନ୍ଧୀତ କରିବା ଉଚିତ୍। ଉଦାହରଣ ସ୍ୱରୂପ: ଯଦି ଜଣେ ଶିକ୍ଷକଙ୍କୁ ଗଣିତରେ 'ମାପକ' ବିଷୟରେ ପଢ଼ାଇବାକୁ ଅଛି, ତେବେ ସେ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଅଣମାପକରୁ ଆରମ୍ଭ କରିବା ଦରକାର। ଯେପରିକି ସେର, ମାଣ, ପଣ, କାହାଣ ଆଦି। ତା'ପରେ ସେ 'ମାପକ'ର ମାନକ ଯେପରି kg., km., litre ଆଦି ପଢ଼ାଇ ପାରିବେ।

- **ସାମାଜିକ-ସାଂସ୍କୃତିକ ତତ୍ତ୍ୱକୁ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ବ୍ୟବହାର କରିବା :** ଗୋଟିଏ ଗୋଷ୍ଠୀରେ ତାର ନିଜସ୍ୱ ଜୀବନ ଶୈଳୀ ନିଜର ସାମାଜିକ ମୂଲ୍ୟବୋଧ, ସାମାଜିକ, ରାଜନୈତିକ ସଂଗଠନ ତଥା ଧାର୍ମିକ ମାନ୍ୟତା ରହିଥାଏ। ସେମାନଙ୍କର ନିଜର ଭୋଜନ-ସମ୍ବନ୍ଧୀୟ ଅଭ୍ୟାସ, ବେଶପୋଷାକ ଓ ଅଳଙ୍କାର, କୃଷି ତଥା ଉଦ୍ୟୋଗ ରହିଥାଏ। ଏମାନଙ୍କର ଜୀବନର ପ୍ରତ୍ୟେକ କ୍ଷେତ୍ର ସମ୍ବନ୍ଧରେ ଜ୍ଞାନ ହୋଇଥାଏ। ଏହି ଜ୍ଞାନକୁ ଶିକ୍ଷଣର ସହଜୀକରଣ ପାଇଁ ବ୍ୟବହାରର ଆବଶ୍ୟକତା ରହିଛି। ଏହାର ସାଂସ୍କୃତିକ ତତ୍ତ୍ୱକୁ ଆଧାର କରି ଅଧିକ ଜ୍ଞାନ ପ୍ରଦାନ କରାଯାଇଥାଏ।

- **ଶ୍ରେଣୀ କକ୍ଷ ଶିକ୍ଷଣରେ ଲୋକ (folk) ସାମଗ୍ରୀର ବ୍ୟବହାର :** ପ୍ରତ୍ୟେକ ଗୋଷ୍ଠୀର ନିଜର ଲୋକକଥା, ଲୋକଗୀତ, ପହେଳି, କଳା ତଥା ରଙ୍ଗ କରିବା ଆଦି ହୋଇଥାଏ। ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସମୟରେ ଏହାର ସମ୍ପୂର୍ଣ୍ଣ ବ୍ୟବହାର କରିବା ଆବଶ୍ୟକ। ଏହି ସବୁ ସାମଗ୍ରୀ ସରଳ ତଥା ସାର୍ଥକ ଶିକ୍ଷଣ ଫଳାଫଳ ପ୍ରାପ୍ତିର ସହଜୀକରଣ କରେ ଏବଂ ଶିକ୍ଷଣ ପ୍ରକ୍ରିୟାକୁ ଆନନ୍ଦଦାୟକ କରିବାରେ ସହାୟକ ହୋଇଥାଏ।

- **ସାମାଜିକ-ସାଂସ୍କୃତିକ ଜ୍ଞାନ ଥିବା ପାଠ୍ୟ ପୁସ୍ତକ ଗ୍ରହଣ କରିବା :** ପାଠ୍ୟ ପୁସ୍ତକକୁ ଗ୍ରହଣ କରିବା ଅର୍ଥ ଏହାକି, ସାମାଜିକ-ସାଂସ୍କୃତିକ ତତ୍ତ୍ୱକୁ ପାଠ୍ୟ ପୁସ୍ତକର ବିଷୟ ବସ୍ତୁରେ ରଖିବା ଏବଂ ଯେଉଁଠି ଆବଶ୍ୟକ ଅଛି, ବିକଳ୍ପ ବିଷୟ ବସ୍ତୁ ପ୍ରସ୍ତୁତ କରିପାରିବା, ଫଳରେ ପିଲାଙ୍କର ଶିକ୍ଷଣ, ଅନୁଭୂତି ଆଧାରିତ ହୋଇପାରିବ।

- **ଶିକ୍ଷକଙ୍କ ଦ୍ୱାରା ପିଲାଙ୍କର ମାତୃଭାଷା ଶିକ୍ଷଣ :** ଯଦି ଜଣେ ଶିକ୍ଷକ ପିଲାଙ୍କର ମାତୃଭାଷା ଜାଣିଥାଏ, ତାଙ୍କ କାମ କିଛି ପରିମାଣରେ ସହଜ ହୋଇଯାଏ। ପ୍ରତ୍ୟେକ ପିଲାଙ୍କ ମାତୃଭାଷା ଶିଖିବା ସମ୍ଭବ ହୁଏ ନାହିଁ। କିନ୍ତୁ ଯେତେବେଳେ ଜଣେ ଶିକ୍ଷକ

ଟିପ୍ପଣୀ

ପ୍ରତିଶ୍ରୁତିବଦ୍ଧ ହୋଇ ଯାଆନ୍ତି ସେତେବେଳେ ସେ ପିଲାଙ୍କର ଭାଷାରେ ତାଙ୍କ ସହିତ କଥା ହେବାକୁ ଶିଖି ପାରିବେ ଓ ଗୋଷ୍ଠୀ ସହ କଥା ହେବା ପାଇଁ ଶିଖି ପାରିବେ ।

- **ଗୋଷ୍ଠୀ ପାଖରୁ ସାଂସ୍କୃତିକ ଜ୍ଞାନ ଶିଖିବା :** ଶିକ୍ଷକଙ୍କୁ ପ୍ରଥମତଃ ପିଲାଙ୍କର ଗୋଷ୍ଠୀ ପାଖରୁ ଜ୍ଞାନ ପ୍ରାପ୍ତ କରିବା ଦରକାର । ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ ଶିକ୍ଷକଙ୍କର ଶିଖିବାକୁ ଇଚ୍ଛା କରିବ ଓ ନିଜକୁ ପିଲାଙ୍କର ଗୋଷ୍ଠୀ ସହିତ ମିଶାଇ ପାରିବେ/ ଚିହ୍ନଟ କରିପାରିବେ । ତାଙ୍କୁ ଗୋଷ୍ଠୀର ଲୋକମାନଙ୍କ ସହ କଥା କହିବା, ତାଙ୍କର ସାମାଜିକ-ସାଂସ୍କୃତିକ ବିଷୟରେ ଆଲୋଚନା କରିବାକୁ ହେବ ଏବଂ ଗୋଷ୍ଠୀର ଉତ୍ସବଗୁଡ଼ିକରେ ସାମିଲ ହେବାକୁ ପଡ଼ିବ ।

- **ବିଦ୍ୟାଳୟ କାର୍ଯ୍ୟକ୍ରମରେ ଗୋଷ୍ଠୀକୁ ସାମିଲ କରାଇବା :** ଜଣେ ଉତ୍ତମ ଶିକ୍ଷକ ସର୍ବଦା ଗୋଷ୍ଠୀର ସମ୍ବଳକୁ ଉପଯୋଗ କରିଥାଆନ୍ତି । ବିଦ୍ୟାଳୟ ପରିଚାଳନା ତଥା ଶ୍ରେଣୀ କକ୍ଷ କାର୍ଯ୍ୟକ୍ରମରେ ଗୋଷ୍ଠୀ ସହଯୋଗ, ବିଦ୍ୟାଳୟରେ ପିଲାଙ୍କ ଉପଲବ୍ଧିରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ । ଗୋଷ୍ଠୀ ସଦସ୍ୟଙ୍କୁ, ଶିକ୍ଷାର୍ଥୀଙ୍କୁ ସ୍ଥାନୀୟ କଳା, ହସ୍ତକଳା ସିଲେଇ, ଗୀତ, ସଂଗୀତ, କାହାଣୀ ଓ ଅନ୍ୟାନ୍ୟ ଉତ୍କୃଷ୍ଟ ପ୍ରଥା ଆଦି ଶିଖାଇବା ପାଇଁ ନିୟୋଜିତ କରାଇବା ଆବଶ୍ୟକ । ଏହିପରି ଆମେ କହିପାରିବା ଯେ, ମାତୃଭାଷା (ଘରଭାଷା)କୁ ଶିକ୍ଷଣର ମାଧ୍ୟମ ରୂପେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ବ୍ୟବହାର କରିବା ଦ୍ୱାରା ଶିକ୍ଷଣକୁ ବର୍ତ୍ତମାନ ଓ ଭବିଷ୍ୟତରେ ଭଲ କରିବାରେ ସହାୟକ ହେବ ।

---

**E.7.** ଆପଣଙ୍କ ବିଦ୍ୟାଳୟରେ ଆଦିବାସୀ ଶିକ୍ଷାର୍ଥୀଙ୍କ ସମସ୍ୟାକୁ ସମାଧାନ ପାଇଁ ୪ଟି ମୁଖ୍ୟ ପନ୍ଥା ଲେଖନ୍ତୁ ।

---

### 10.4.3. ସାମାଜିକ ଓ ସାଂସ୍କୃତିକ ତତ୍ତ୍ୱକୁ ବୁଝିବା:

ଯଦି ଆପଣ ଆଦିବାସୀ ପିଲାଙ୍କ ସହିତ ସେମାନଙ୍କର ମାତୃଭାଷାରେ ପ୍ରତିକ୍ରିୟା କରିପାରିବେ ତଥା ସେମାନଙ୍କ ପରିବେଶର ସାମାଜିକ ଓ ସାଂସ୍କୃତିକ ତତ୍ତ୍ୱର ପର୍ଯ୍ୟାପ୍ତ ଜ୍ଞାନ ରଖି ପାରିବେ, ତେବେ ଆପଣ ସେମାନଙ୍କର ଶିକ୍ଷଣ ସହଜ କରିବାରେ ସଫଳ ହୋଇ ପାରିବେ, ବିଶେଷ କରି ଏମାନଙ୍କର ବିଦ୍ୟାଳୟ ଜୀବନର ପ୍ରାରମ୍ଭିକ ସମୟରେ । ନିସନ୍ଦେହରେ କହିବା ଯେ ସ୍ଥାନୀୟ ଗୋଷ୍ଠୀର ଶିକ୍ଷକ (ମାତୃଭାଷା ଶିକ୍ଷକ) ଶ୍ରେଣୀ କକ୍ଷ ଭିତରକୁ ସ୍ଥାନୀୟ ଗୋଷ୍ଠୀର ସାମାଜିକ ଓ ସାଂସ୍କୃତିକ ତତ୍ତ୍ୱକୁ ସହଜରେ ଶ୍ରେଣୀକକ୍ଷକୁ ଆଣିପାରିବେ । ପରନ୍ତୁ ଯେ ପର୍ଯ୍ୟନ୍ତ ଶିକ୍ଷକ ପିଲାଙ୍କ ମାତୃଭାଷାକୁ ଜାଣି ନଥାଏ ଓ ତାଙ୍କର ସାମାଜିକ ଓ ସାଂସ୍କୃତିକ ତତ୍ତ୍ୱକୁ ଚିହ୍ନିପାରି ନଥାଏ, ସେତେବେଳେ ଏହି ଠାରେ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଏକ ଯୋଗାଯୋଗର ଶୂନ୍ୟସ୍ଥାନ ରହିଯାଏ । ଏହି ପରିସ୍ଥିତିରେ ଶିକ୍ଷକ ନିଜର ଶିକ୍ଷାର୍ଥୀଙ୍କୁ ବୁଝିବାରେ ଅସମର୍ଥ ହୋଇଥାନ୍ତି ଓ ଶିକ୍ଷାର୍ଥୀ ନିଜର ଶିକ୍ଷଣ ପାଇଁ ଶିକ୍ଷକଙ୍କୁ ଅନୁସରଣ କରନ୍ତି ନାହିଁ ।

ଟିପ୍ପଣୀ

ଚିତ୍ର ୧୦.୨. ନିମ୍ନରେ ଏକ ସମାଜରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ତତ୍ତ୍ୱକୁ ଦର୍ଶାଇଥାଏ ।




**ଚିତ୍ର ୧୦.୨ ସମାଜର ସାମଜିକ ଓ ସାଂସ୍କୃତିକ ତତ୍ତ୍ୱ**

ସର୍ବ ପ୍ରଥମେ ଶିକ୍ଷକଙ୍କୁ ସାମାଜିକ ଓ ସାଂସ୍କୃତିକ ପ୍ରକ୍ରିୟାକୁ ବୁଝିବା ଆବଶ୍ୟକ ଓ ଆଦିବାସୀ ଅଞ୍ଚଳରେ ଉପଲବ୍ଧ ହେଉଥିବା ପ୍ରାକୃତିକ ସମ୍ବଳକୁ ଚିହ୍ନି ଏହାକୁ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ବିନା ଅସୁବିଧାକୁ ସାମନା କରି ଶିକ୍ଷଣକୁ ବିଷୟ ଭିତ୍ତିକ କରାଇବା । ଏଥିପାଇଁ ଶିକ୍ଷକଙ୍କୁ ଗୋଷ୍ଠୀ ଜୀବନର ଏକ ଅଂଶ ହେବାକୁ ପଡ଼ିବ ।

ଆସନ୍ତୁ ଏକ ଉଦାହରଣକୁ ବିଚାର କରିବା : ଯଦି ଜଣେ ଶିକ୍ଷକଙ୍କୁ ପାଠ୍ୟ ପୁସ୍ତକର "ଖାଦ୍ୟର ପ୍ରକାର" ଉପରେ ଆଲୋଚନା କରିବାକୁ ଅଛି ତେବେ ତାଙ୍କୁ ଆଦିବାସୀ ଲୋକଙ୍କର ଖାଦ୍ୟର ପ୍ରକାର, ଏମାନଙ୍କ ଖାଦ୍ୟ ସମ୍ବନ୍ଧୀୟ ଅଭ୍ୟାସରୁ ଆରମ୍ଭ କରିବାକୁ ପଡ଼ିଥାଏ । ଏହାର କାରଣ ଏପରି ହୋଇଥାଏ କି ପାଠ୍ୟ ପୁସ୍ତକରେ ବର୍ଣ୍ଣନା କରାଯାଇଥିବା ଖାଦ୍ୟର ପ୍ରକାର ଆଦିବାସୀ ପିଲା ପ୍ରତିଦିନ ଯେଉଁ ଖାଦ୍ୟ ଗ୍ରହଣ କରିଥାଆନ୍ତି, ତାହା ସହିତ ସମାନ ହୋଇ ନଥାଏ । ସେଥିପାଇଁ ସେମାନଙ୍କ ଖାଦ୍ୟର ପ୍ରକାର ସମ୍ବନ୍ଧରେ ସେମାନଙ୍କ ଅନୁଭୂତିକୁ ଯୋଡ଼ିବା ପାଇଁ ଶିକ୍ଷକଙ୍କୁ ପାଠ୍ୟ ପୁସ୍ତକ ବାହାରକୁ ଯିବାକୁ ପଡ଼ିଥାଏ । ଅନ୍ୟ ଭାଷାରେ, ସେ ପିଲାଙ୍କର ଅନୁଭୂତିକୁ ଖାଦ୍ୟରପ୍ରକାର ଉଚିତ୍ ଯାହା ପାଠ୍ୟ ପୁସ୍ତକର ଜ୍ଞାନ ପ୍ରଦାନ କରିବାରେ ଏକ ପୃଷ୍ଠଭୂମି ତିଆରି କରିଥାଏ ।

**ଶିକ୍ଷଣ କାର୍ଯ୍ୟ ୫**

ଆଦିବାସୀ ଲୋକଙ୍କର ନିଜର ଭୋଜି ଓ ଉତ୍ସବ, ଖାଦ୍ୟ ଅଭ୍ୟାସ, ପୋଷାକ, ଧର୍ମ ବିଶ୍ୱାସ ଓ ଅଭ୍ୟାସ ସ୍ୱାସ୍ଥ୍ୟ ଓ ପରିମଳ ଆଦି ରହିଥାଏ । ଏଥିରୁ କୌଣସି ଚାରୋଟି (୪) ତତ୍ତ୍ୱକୁ ବାଛନ୍ତି ଓ ସେଗୁଡ଼ିକ କିପରି ଆଦିବାସୀ ପିଲାଙ୍କର ଶିକ୍ଷାଦାନ ଶିକ୍ଷଣରେ ପ୍ରୟୋଗ କରାଯାଇ ପାରିବ ସେ ସମ୍ପର୍କରେ ବର୍ଣ୍ଣନା କରନ୍ତୁ ।

**ଶିକ୍ଷଣର ସହାୟତା ପାଇଁ ଲୋକ (Folk) ସାମଗ୍ରୀ** : ଲୋକ ସାମଗ୍ରୀ ଯେପରି- କାହାଣୀ ତଥା ଗୀତ ବହୁତ ଉପଯୋଗୀ । ସାମାଜିକ ଓ ସାଂସ୍କୃତିକ ତତ୍ତ୍ୱ, ଯାହା ସବୁ ପିଲାଙ୍କ ଶିକ୍ଷାଦାନ ଶିକ୍ଷଣ, ଶିକ୍ଷାଦାନର ସରଳୀକରଣ ପାଇଁ ପ୍ରଭାବିତ ଢଙ୍ଗରେ ପ୍ରୟୋଗ କରା ଯାଇଥାଏ । ବିଶେଷ ଭାବରେ ଆଦିବାସୀ ସମ୍ପ୍ରଦାୟର ପିଲାଙ୍କ ପାଇଁ ଯେଉଁଠି ଏହି ସାମଗ୍ରୀ ପ୍ରଚୁର ମାତ୍ରାରେ ଉପଲବ୍ଧ ହୋଇଥାଏ

ଓ ପିଲାଏଁ ଏହାକୁ ବହୁତ ପସନ୍ଦ କରିଥାଆନ୍ତି । ଆଞ୍ଚଳିକ ସାମଗ୍ରୀ ବିଭିନ୍ନ ପ୍ରକାରର ହୋଇଥାଏ, ଯାହା ଚିତ୍ର ୧୦.୩ରେ ନିମ୍ନରେ ଦେଖାଇ ଦିଆ ଯାଇଅଛି । ଶ୍ରେଣୀ କକ୍ଷ ଶିକ୍ଷଣକୁ ସହଜ କରିବା ପାଇଁ ବିଭିନ୍ନ ବିଷୟରେ ଏହାର ବହୁତ ପରିମାଣରେ ଉପଯୋଗ ହୋଇଥାଏ ।




**ଚିତ୍ର ୧୦.୩ ବିଭିନ୍ନ ପ୍ରକାରର ଲୋକସାମଗ୍ରୀ**

## 10.4.4. ବହୁ ଭାଷୀ ଶ୍ରେଣୀ କକ୍ଷର ଯୋଜନା ଓ ପରିଚାଳନା

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳାଞ୍ଚଳରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀ ଏକ ବହୁଭାଷା ଶ୍ରେଣୀ ହୋଇଥାଏ । ଏକ ଶ୍ରେଣୀରେ ବିଭିନ୍ନ ଆଦିବାସୀ ଗୋଷ୍ଠୀର ପିଲାମାନେ ନିଜର ମାତୃଭାଷା ସହିତ ରାଜ୍ୟର ନିର୍ଦ୍ଧାରିତ ମାନକ ଭାଷା (ପ୍ରଭେଦ ମୂଳକ ଭାବେ ବହୁଭାଷୀ ସ୍ଥିତି)ରେ ପଢ଼ନ୍ତି କିମ୍ବା ଏକ ଶ୍ରେଣୀରେ ଏକ ଆଦିବାସୀ ଗୋଷ୍ଠୀର ସବୁ ପିଲା ଏକ ମାତୃଭାଷା ସହିତ ରାଜ୍ୟର ଭାଷା (ପ୍ରଭେଦ ମୂଳକ ଭାବରେ ବହୁ ଦ୍ୱି ଭାଷା ସ୍ଥିତି) ରେ ପଢ଼ନ୍ତି । ଯଦିଓ ଶ୍ରେଣୀର ସ୍ଥିତି ବହୁଭାଷୀ ଓ ଦ୍ୱିଭାଷୀ ଅଟେ, ପିଲାଙ୍କ ମାତୃଭାଷାକୁ ଗୁରୁତ୍ୱ ନଦେଇ ଶ୍ରେଣୀରେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା, ରାଜ୍ୟ ମାନକ ଭାଷାରେ ପରିଚାଳନା କରାଯାଏ । ଶିକ୍ଷଣକୁ ଅଧିକ ଅର୍ଥପୂର୍ଣ୍ଣ କରିବାକୁ ବିଦ୍ୟାଳୟ ଶିକ୍ଷାର ପ୍ରାରମ୍ଭିକ ସ୍ତରରେ ମାତୃ ଭାଷାର ପ୍ରୟୋଗ ଓ ଧୀରେ ଧୀରେ ଅନ୍ୟ ଭାଷାକୁ ଶିଖାଇବା ପାଇଁ ଓଡ଼ିଶା ତଥା ଆନ୍ଧ୍ରପ୍ରଦେଶର ଆଦିବାସୀ ଅଞ୍ଚଳରେ କେତେକ ସ୍ଥିରୀକୃତ ବିଦ୍ୟାଳୟରେ ଏକ ବିଶେଷ କାର୍ଯ୍ୟକ୍ରମ ବହୁଭାଷୀ ଶିକ୍ଷା (Multilingual education) ସର୍ବଶିକ୍ଷା ଅଭିଯାନ (SSA) ତରଫରୁ ଆରମ୍ଭ କରାଯାଇଅଛି ।

ବହୁଭାଷା ଶିକ୍ଷା (MLE) ଏକ ଭାଷା ଶିକ୍ଷଣ ତଥା ଏକ ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ ଅଟେ ଯାହା ପ୍ରଦାନ କରେ :-

- ପ୍ରଥମ ଭାଷାରେ ଏକ ଦୃଢ଼ ଶୈକ୍ଷିକ ମୂଳଦୁଆ
- ଏକ ବା ଅଧିକ ଅତିରିକ୍ତ ଭାଷାକୁ ସଫଳତା ପୂର୍ବକ ସଂଯୁକ୍ତ କରିବା
- ବିଭିନ୍ନ ବିଷୟରେ ପ୍ରଭାବଶାଳୀ ଶିକ୍ଷଣ ପାଇଁ ଦ୍ୱିଭାଷୀ ତଥା ସବୁ ଭାଷାର ଉପଯୋଗ କରିବାର କ୍ଷମତା ।

ଯେହେତୁ ଭାଷା, ସଂସ୍କୃତି ଓ ପରମ୍ପରାର ଏକ ବାହକ ହୋଇଥାଏ ଏଥିପାଇଁ କୌଣସି ସମ୍ବେଦନଶୀଳ ଭାଷା ପାଠ୍ୟକ୍ରମ ସାଂସ୍କୃତିକ ବିଷୟକୁ ଛାଡ଼ି ନଥାଏ । ଏହା ଭାଷା ଶିଖିବା ବା ଅନ୍ୟ

ବିଷୟକୁ ମାତୃଭାଷା ମାଧ୍ୟମରେ ଶିଖିବା ପ୍ରକ୍ରିୟାରେ ସ୍ପଷ୍ଟ ଦେଖା ଦେଇଥାଏ। ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମରେ, ପାଠ୍ୟକ୍ରମ, ସ୍ଥାନୀୟ ଗୋଷ୍ଠୀର ସାଂସ୍କୃତିକ ବିଷୟ ଉପରେ ଆଧାରିତ ହୋଇଥାଏ। ସ୍ଥାନୀୟ ଜ୍ଞାନ ତଥା ରୀତି ନୀତିର ଉପଯୋଗ ଦ୍ୱାରା ଏକ ପିଲା, ଶିକ୍ଷଣର ସବୁ କ୍ଷେତ୍ରରେ ଅବଧାରଣାକୁ ବିକଶିତ କରିପାରିଥାଏ। ତେଣୁ MLE କାର୍ଯ୍ୟକ୍ରମର ଉଦ୍ଦେଶ୍ୟ:- ଉପଯୁକ୍ତ ବୌଦ୍ଧିକ ତଥା ବୁଝିବା ସମ୍ବନ୍ଧୀୟ କୌଶଳକୁ ବିକାଶ କରିବା ଫଳରେ ସେ ମାତୃଭାଷା, ରାଜ୍ୟ ଭାଷା ତଥା ରାଷ୍ଟ୍ରୀୟ ଭାଷା ତିନୋଟିରେ ସମାନ ଭାବରେ କାର୍ଯ୍ୟ କରିପାରିବେ। ଏହାର ଆରମ୍ଭ ମାତୃଭାଷାରୁ ହେବା ଦରକାର। ଏହାପରେ ଦ୍ୱିତୀୟ ଭାଷା ଓ ଅନ୍ୟ ଭାଷାକୁ ଶିଖାଇବା କାର୍ଯ୍ୟ ପର୍ଯ୍ୟାୟ କ୍ରମେ ଓ ଶ୍ରେଣୀ ଅନୁସାରେ ହେବା ଆବଶ୍ୟକ।

ଏକ ବହୁଭାଷୀ ଶ୍ରେଣୀର ସ୍ଥିତି ଦର୍ଶାଇଥାଏ କି ବିଭିନ୍ନ ମାତୃଭାଷା ଥିବା ପିଲାଙ୍କୁ ଏକ ଶ୍ରେଣୀରେ ଏକାଠି ଶିଖାଇବା ଆବଶ୍ୟକ। ଯଦିଓ ସେମାନେ ଗୋଟିଏ ଅଂଚଳରେ ରହିଛନ୍ତି, ସେମାନଙ୍କ ଜୀବନ ଶୈଳୀ, ଖାଦ୍ୟ ଅଭ୍ୟାସ, ଧାର୍ମିକ ବିଶ୍ୱାସ, ବେଶ ଭୂଷା ତଥା ଗହଣା, ଭିନ୍ନ ହୋଇଥାଏ। ଅନ୍ୟ ଅର୍ଥରେ ଏମାନଙ୍କ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମି ଅଲଗା ଅଲଗା ହୋଇଥାଏ। ଏହା ଏକ ଅଦ୍ଭୁତ ଶ୍ରେଣୀର ସ୍ଥିତି ଅଟେ ଯେଉଁଠି ଏକ ଶିକ୍ଷକଙ୍କୁ ଏକ ଅଭିନବ ରୂପେ ଅଭିନୟ ଦେଖାଇବାକୁ ପଡ଼ିଥାଏ, ପ୍ରତ୍ୟେକ ପିଲାର ଶିକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ । ନିମ୍ନରେ ଦିଆ ଯାଇଥିବା ଚିତ୍ରଟିକୁ ପର୍ଯ୍ୟବେକ୍ଷଣ କରନ୍ତୁ।



ଶିକ୍ଷକ ପଚାରିଲେ "ଏ ଚିତ୍ରରେ ତୁମେ କ'ଣ ଦେଖୁଛ?" ଗୋଟିଏ ବହୁଭାଷୀ ଶ୍ରେଣୀ କକ୍ଷ ପରିସ୍ଥିତିରେ ଚିତ୍ରରୁ ଶିକ୍ଷାର୍ଥୀମାନଙ୍କର ଉତ୍ତର ଖୋଜି ବାହାର କଲେ। ଆପଣ କେବେ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି କି? ଶିକ୍ଷକଙ୍କ ପାଇଁ, ଏହି ପ୍ରକାର ଶ୍ରେଣୀ କକ୍ଷ ପରିଚାଳନାରେ ବହୁଭାଷୀ ଶ୍ରେଣୀ କକ୍ଷ ପରିଚାଳନା ପ୍ରକୃତରେ ଏକ ଆହ୍ୱାନ।

- ଶିକ୍ଷକଙ୍କୁ ପିଲାମାନଙ୍କର ଭାଷା କହି ପାରୁଥିବା ଓ ପିଲାଙ୍କ ଗୋଷ୍ଠୀର ଜଣେ ସଦସ୍ୟ ହେବା ବାଞ୍ଛନୀୟ।
- ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ମଧ୍ୟରେ ଖୁବ୍ ଗଭୀର ସମ୍ପର୍କ ସ୍ଥାପନ ହେବା ପ୍ରତ୍ୟାଶା କରାଯାଏ।

ଟିପ୍ପଣୀ

- ପିଲାଙ୍କର ସାଂସ୍କୃତିକ ମୂଲ୍ୟ ଉପରେ ଗୁରୁତ୍ୱ ଦେଇଥାଏ ।
- ପିଲାଙ୍କର ସଂସ୍କୃତିରେ ଆସୁଥିବା ଅନ୍ୟ ସଂସ୍କୃତି ତଥା ଅନ୍ୟ ଭାଷା ମଧ୍ୟରେ ସୁରକ୍ଷିତ ତଥା କ୍ରମବର୍ଦ୍ଧିଷ୍ଣୁ ସମ୍ବେଦନଶୀଳ ସେତୁ ପ୍ରଦାନ କରିଥାଏ ।
- ଶିକ୍ଷଣ, ଜ୍ଞାତରୁ ଆରମ୍ଭ ହୋଇ ଅଜ୍ଞାତକୁ ଯାଏ ।
- ଶୈକ୍ଷିକ ଅବଧାରଣାକୁ ପଢ଼ାଇବାକୁ, ସାଂସ୍କୃତିକ ଧାରଣାକୁ ବ୍ୟବହାର କରାଯାଏ ।
- ପିଲାଙ୍କ ପାଖରେ ଯେଉଁ ଶବ୍ଦ ଭଣ୍ଡାର ଅଛି ତାକୁ ଦ୍ୱିତୀୟ ଭାଷାର ଶବ୍ଦ ଭଣ୍ଡାରର ବୃଦ୍ଧି କରାଯାଇଥାଏ ।
- ପାଠ୍ୟକ୍ରମ, ଶିକ୍ଷଣ ସାମଗ୍ରୀ ତଥା ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାର ବିକାଶରେ ସ୍ଥାନୀୟ ଗୋଷ୍ଠୀର ସହଭାଗୀତାର ଆବଶ୍ୟକ ହୋଇଥାଏ ।
- ପିଲାଙ୍କର ସାଂସ୍କୃତିକ ଜ୍ଞାନକୁ ବିଦ୍ୟାଳୟର ପାଠସହ ସମନ୍ୱିତ କରିବା ପାଇଁ ଭାବଗତ ଉପାୟକୁ ଉପଯୋଗ କରାଯାଏ ।

---

**E.8.** ଗୋଟିଏ ଆଦର୍ଶ ବହୁଭାଷୀ ଶ୍ରେଣୀ କକ୍ଷର ବିଶେଷତ୍ୱକୁ ବର୍ଣ୍ଣନା କରନ୍ତୁ ।

**E.9.** ବହୁଭାଷୀ ଶ୍ରେଣୀ କକ୍ଷ ଅର୍ଥପୂର୍ଣ୍ଣ ଭାବେ ପରିଚାଳନା ପାଇଁ, ଶିକ୍ଷକ ଧାରଣ କରିଥିବା କେଉଁ ଦୁଇଟି ମୁଖ୍ୟ ବିଶେଷତ୍ୱ ରହିବା ଉଚିତ୍ ?

---

ଏକକ ପାଠ-୯ (Unit-9) ଆପଣମାନେ ଶିଖିଛନ୍ତି ଯେ କିପରି ବିଷୟଗୁଡ଼ିକୁ ସମ୍ମିଳିତ କରାଯାଏ । ଗୋଟିଏ ବହୁଭାଷୀ ଶ୍ରେଣୀ କକ୍ଷରେ ପିଲା ଗୋଷ୍ଠୀରୁ ବିଭିନ୍ନ ପ୍ରକାରର ସାମାଜିକ ଓ ସାଂସ୍କୃତିକ ଜ୍ଞାନ ଏକ ବିଷୟ ସହିତ, ବିଭିନ୍ନ ବିଷୟର ଅବଧାରଣାକୁ ମିଶାଇ ସମନ୍ୱିତ କରାଯାଇଥାଏ । ସମ୍ମିଳିତ ଅବଧାରଣା ତଥା ସାମାଜିକ ଓ ସାଂସ୍କୃତିକ ଜ୍ଞାନକୁ ଏପରି ମିଶ୍ରଣକୁ 'ଥିମୱେବ' (Theme web) କୁହାଯାଏ । ଉଦାହରଣ ସ୍ୱରୂପ ଏକ ବିଷୟ 'ଜଳ' ନେବା ।

| ବିଷୟ | ଅବଧାରଣା | ଗୋଷ୍ଠୀ, ସାମାଜିକ ଓ ସାଂସ୍କୃତିକ ଜ୍ଞାନ (ଘରର ଭାଷାରେ) |
|---|---|---|
| ଭୂଗୋଳ | ପାଣିର ପ୍ରାକୃତିକ ଉତ୍ସ | ଜଳ ସ୍ରୋତ, ଝରଣା, ଧାରା, ନଦୀ, ବର୍ଷା, ପୋଖରୀ |
| ବିଜ୍ଞାନ | ପାଣିର ବିଶୁଦ୍ଧତା | ବାସନରେ ସାଇତି ରଖିବା, ସୂକ୍ଷ୍ମ କନାରେ ଛାଣିବା, ୫ ମଞ୍ଜିର ଗୁଣ୍ଡକୁ ପାଉଡ଼ର କରି ବ୍ୟବହାର କରିବା |
| ଗଣିତ | ପାଣିର ଆୟତନକୁ ମାପିବା | ଅଣମାପକ, ମାପକ, ଗଣିବା |
| ଭାଷା | ରଚନା, କବିତା ପାଠ | ସ୍ଥାନୀୟ/ଲୋକ ଗୀତ |

ଟିପ୍ପଣୀ

ଯେତେବେଳେ ଏହାକୁ ରେଖ ଚିତ୍ର ଦ୍ୱାରା ଦର୍ଶାଇ ଦିଆଯାଏ ତେବେ ଏକ ବୁଢ଼ିଆଣୀ ଜାଲ ଭଳି ଦେଖାଯାଏ । ତେଣୁ ଏହି କାରଣରୁ ଏହି ବ୍ୟବସ୍ଥାକୁ 'Theme web' କୁହାଯାଏ । ବହୁଭାଷୀ ଶ୍ରେଣୀ ପରିଚାଳନା ପାଇଁ ଶିକ୍ଷଣ ସାମଗ୍ରୀ । ବହୁଭାଷୀ ଶ୍ରେଣୀ ପରିଚାଳନା ପାଇଁ ଜଣେ ଶିକ୍ଷକଙ୍କୁ "ଥିମ୍ ଓ୍ୱେବ୍" (Theme web) ତଥା କିଛି ବିଷୟ ଭିତ୍ତିକ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀର ପ୍ରସ୍ତୁତ କରିବା ଆବଶ୍ୟକ । ଯେପରି ମାତୃଭାଷାରେ ଚିତ୍ର-କାହାଣୀର ପୁସ୍ତକ, ଶବ୍ଦ ଚାର୍ଟ, ଶବ୍ଦ ଜାଲକ (Word web), ବହୁଭାଷୀ ଶବ୍ଦ କୋଷ, ପୂର୍ଣ୍ଣ ଶାରୀରିକ ପ୍ରତ୍ୟୁତ୍ତର (Total Physical Response) ଦ୍ୱିତୀୟ ଭାଷାରେ, ଆଦି ।

(ପୂର୍ଣ୍ଣ ଶାରୀରିକ ପ୍ରତ୍ୟୁତ୍ତର)

**ଚିତ୍ର କଥା ପୁସ୍ତକ :** ଚିତ୍ର କାହାଣୀ ପୁସ୍ତକ ଏକ ପଠନ ସାମଗ୍ରୀ ଯେଉଁଥିରେ ପୃଷ୍ଠାର ବାମ ପଟରେ ଚିତ୍ର ଥାଏ ଓ ଡାହାଣ ପଟରେ ବିଷୟ ବସ୍ତୁ । ବିଷୟ ବସ୍ତୁର ଚିତ୍ରକୁ ମାତୃଭାଷାରେ ବର୍ଣ୍ଣନା କରାଯାଇଥାଏ । ବାକ୍ୟଗୁଡ଼ିକ ଛୋଟ ଓ ସରଳ ହୋଇଥାଏ । ଏହା ଏକ ପ୍ରକାରର ଚିତ୍ର-ପଠନ, ଯାହା ଅନୁମାନ କରି ପଠନ ବିକାଶ ଆକଳନ କରାଇଥାଏ । ଚିତ୍ର କାହାଣୀ ପୁସ୍ତକର ଏକ ଉଦାହରଣ ସାନ୍ତାଳୀ ଭାଷାରେ ନିମ୍ନରେ ଦିଆ ଯାଇଅଛି :-



ମେରାମ ନେହେରକାଟେ ଟାରୁବ
ମେଟାଦେଆଅ ହେପେ ଇଞ୍ଚୀ
ହାତାମ୍ ଆଲାହା କାହ୍ନା ଜାମ୍
ମୋଟା ହେଜ ଲେନ୍‌ଜେ
ଆଡ଼ା ଜାମିନ ଜାମେ (ଛେଳି ବାଘକୁ ଅନୁରୋଧ
କଲା ତାକୁ ନେଇ ଯିବାକୁ, ତା ପିଲାଙ୍କୁ ଛାଡ଼ି ଦେବାକୁ ।

ଚିତ୍ର କଥା ପୁସ୍ତକ, ଗୋଷ୍ଠୀର ଲୋକ କଥାକୁ ନେଇ ତିଆରି ହୋଇଥାଏ । ଏହାକୁ ପିଲାଙ୍କ ମାତୃଭାଷାରେ ତିଆରି କରିବା ଉଚିତ୍ ଫଳରେ ପିଲାଙ୍କ ପଢ଼ିବାର କୌଶଳର ବିକାଶ ହୋଇଥାଏ ତଥା ବୁଝିବା ଶକ୍ତିର ବିକାଶ ହୁଏ । ଯଦି ଶିକ୍ଷକଙ୍କ ପାଖରେ ୨୦/୩୦ ଚିତ୍ର କଥା ଏକ ଶ୍ରେଣୀ ପାଇଁ ଉପଲବ୍ଧ ହୋଇଥାଏ, ପିଲାଙ୍କୁ ନିଜର ଭାଷା କୌଶଳ ବିଶେଷ କରି ପଢ଼ିବା କୌଶଳକୁ ଦୃଢ଼ କରିବା ପାଇଁ ସୁଯୋଗ ମିଳିବ ।

**ଶବ୍ଦ-ଜାଲକ (Word web)** : ଶବ୍ଦ-ଜାଲକ ମାତୃ ଭାଷାରୁ ଦ୍ୱିତୀୟ ଭାଷାକୁ ଅଗ୍ରସର ହେବା ପାଇଁ ଏକ ପନ୍ଥା ଅଟେ । ପିଲାମାନେ ନିଜର ମାତୃଭାଷାକୁ ଭଲ ଭାବରେ ଜାଣି ଥାଆନ୍ତି । ଶବ୍ଦ ଜାଲକ ସେମାନଙ୍କୁ ମାତୃଭାଷାରୁ ଦ୍ୱିତୀୟ ଭାଷାକୁ ଅଗ୍ରସର ହେବା ପାଇଁ ସହାୟକ ହୋଇଥାଏ । ଚିତ୍ର ୧୦.୪ରେ ଦେଖନ୍ତୁ । ମଝିରେ ଥିବା ଗୋଲ ଆକୃତି ଶୀର୍ଷକ/ପାଠକୁ ପ୍ରଦର୍ଶିତ କରୁଅଛି । ପ୍ରଥମ ବକ୍ସ (Box) ଚିତ୍ରକୁ ଦର୍ଶାଇଥାଏ ଓ ଶେଷ ବକ୍ସ (Box) ଦ୍ୱିତୀୟ ଭାଷାରେ ଏହାର ଅର୍ଥକୁ ପ୍ରଦର୍ଶିତ କରିଥାଏ । ଯଦି ଶିକ୍ଷକଙ୍କ ପାଖରେ ପାଠ୍ୟ ପୁସ୍ତକର ପ୍ରତ୍ୟେକ ପାଠ (ଶ୍ରେଣୀ I ଓ II) ପାଇଁ ଶବ୍ଦ-ଜାଲକ ହୁଏ ତେବେ ନିଃସନ୍ଦେହ ଭାବେ ଭାଷାର ସଂଚାଳନ ସରଳ ହୋଇଯାଏ ।

ଟିପ୍ପଣୀ



**ଚିତ୍ର ୧୦.୪. ଶବ୍ଦଜାଲକର ଉଦାହରଣ**

**ବହୁଭାଷୀ ଶବ୍ଦକୋଷ :** ଏକ ଶିକ୍ଷକ ନିଜର ଶ୍ରେଣୀର ପ୍ରତ୍ୟେକ ପିଲାର ମାତୃଭାଷାରୁ ଶବ୍ଦ ନେଇ ବହୁଭାଷୀ ଶବ୍ଦକୋଷ ତିଆରି କରିପାରିବେ । ଏହା ସ୍ଥାନୀୟ ଭାଷା ଶିକ୍ଷକ ତଥା ପିଲାଙ୍କ ସହାୟତା, ଶବ୍ଦକୁ ତିଆରି କରିବା ପାଇଁ ନେଇ ପାରିବେ । ଯେପରି ଚିତ୍ର ୧୦.୫ ରେ ଦେଖାଇ ଦିଆ ଯାଇଛି । ବହୁଭାଷୀ ଶବ୍ଦକୋଷ ଏହି ପ୍ରକାର ଭାଷାର ସରଳ ସ୍ଥାନାନ୍ତରଣର ସାଧନ ଅଟେ । ଏହା ପିଲାଙ୍କର କେବଳ ଶବ୍ଦକୋଷ, କହିବାରେ ବୃଦ୍ଧି କରି ନଥାଏ ବରଂ ଏମାନଙ୍କ ବୁଝିବା ଶକ୍ତିକୁ ହିଁ ବଢ଼ାଇଥାଏ ।



**ଚିତ୍ର ୧୦.୫. ବହୁଭାଷୀ ଶବ୍ଦକୋଷର ଉଦାହରଣ**

**ଶବ୍ଦ ଚିହ୍ନିବା କାର୍ଡ଼ :** ଚିତ୍ର ୧୦.୬ ରେ ଦିଆ ଯାଇଥିବା ଦୁଇଟି ଚାର୍ଟର ନମୁନା ତୁଳନା କରନ୍ତୁ । ସାନ୍ତାଳୀ ପିଲାଙ୍କ ପାଇଁ କେଉଁ ଚାର୍ଟ ଲାଭଦାୟକ ହେବ ?

ନିଶ୍ଚିତ ରୂପେ ଚାର୍ଟ ନଂ୨ - କାହିଁକି ନା ଏହା ସାନ୍ତାଳୀ ପିଲାମାନଙ୍କର ସମ୍ପର୍କିତ ଅଟେ ।

ଏହି ପ୍ରକାର ସାମଗ୍ରୀ ଶିକ୍ଷକଙ୍କୁ ଶବ୍ଦରୁ ଅକ୍ଷରକୁ ସାର୍ଥକ ରୂପରେ ପଢ଼ାଇବାରେ ସହାୟକ ହୋଇଥାଏ ।

ସାଧାରଣ ସାନ୍ତାଳୀ



ଟିପ୍ପଣୀ

ଚିତ୍ର ୧୦.୬ ଶବ୍ଦ ଚିହ୍ନଟ କାର୍ଡ଼ର ଉଦାହରଣ





**ପୂର୍ଣ୍ଣ ଶାରୀରିକ ପ୍ରତ୍ୟୁତ୍ତର (Total Physical Response, TPR)**

ସାଧାରଣତଃ ପିଲାମାନେ ଏକ ବିଶେଷ ଭାଷାକୁ ଠିକ୍ ଭାବରେ ଜାଣି ନ ଥାଆନ୍ତି । ପରନ୍ତୁ ଏମାନେ କିଛି ନିର୍ଦ୍ଦେଶକୁ ଅତି ସାମାନ୍ୟ ଶାରୀରିକ ପ୍ରତ୍ୟୁତ୍ତର ନେଇ ପାରନ୍ତି । ଏଗୁଡ଼ିକ ସାଧାରଣତଃ ନିମ୍ନଲିଖିତ ରୂପରେ ହୋଇଥାଏ ।

'ଠିଆ ହୁଅ', 'ବସ', 'ତୁମ ମୁଣ୍ଡକୁ ଛୁଅଁ', 'ଚାରିପଟେ ବୁଲ', 'ତୁମ ପେନ୍ ଧର', 'ତୁମ କାନକୁ ଛୁଅଁ' ଆଦି । ଏହାକୁ ପୂର୍ଣ୍ଣ ଶାରୀରିକ ପ୍ରତ୍ୟୁତ୍ତର (TPR) କୁହାଯାଏ । ଏହା ଏକ ପ୍ରକାରର 'ଶୁଣ ଓ କର' କ୍ରିୟାକଳାପ ଅଟେ । ପ୍ରାରମ୍ଭିକ ଶ୍ରେଣୀଗୁଡ଼ିକରେ (ବିଶେଷ କରି ଶ୍ରେଣୀ ୧)ଶିକ୍ଷକ ପିଲାଙ୍କ ଦ୍ୱିତୀୟ ଭାଷାର ବିକାଶ ଏହି TPRs ରେ କରିପାରନ୍ତି । ଏଠାରେ ପିଲାମାନେ ଶିକ୍ଷକଙ୍କ କାର୍ଯ୍ୟ ତଥା ମୌଖିକ ଆଦେଶ ସଂଯୁକ୍ତ ରୂପେ ଦେଖନ୍ତି ଓ ଶୁଣନ୍ତି ଏବଂ ଏହାର ପ୍ରତ୍ୟୁତ୍ତର ସ୍ୱରୂପ ଏହି କାର୍ଯ୍ୟଗୁଡ଼ିକୁ କରନ୍ତି । ଏହି କାର୍ଯ୍ୟକୁ କରିବା ସମୟରେ ପିଲା ଧୀରେ ଧୀରେ ଦ୍ୱିତୀୟ ଭାଷାରେ ଏହାର ଅର୍ଥ ବୁଝି ଯାଇ ଥାଆନ୍ତି । ଅନୁଭବ କରେ କି ଯଦି ଜଣେ ମାତୃଭାଷା ଜାଣି ନଥିବା ଶିକ୍ଷକ ପ୍ରାୟ ୨୦୦ **TPRs,** ପ୍ରଥମ ଶ୍ରେଣୀରେ ବ୍ୟବହାର କରିଥାଏ, ତେବେ ଏହା ଏକ ବହୁଭାଷୀ ଶ୍ରେଣୀକୁ ଠିକ୍ ଭାବରେ ପରିଚାଳନା କରି ପାରିଥାଏ ।

---

**E.10. ଆପଣଙ୍କ ବିଦ୍ୟାଳୟରେ ପ୍ରାରମ୍ଭିକ ପିଲାଙ୍କ ପାଇଁ ୧୦ TPRs ଲେଖନ୍ତୁ ।**

---

ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ଗୋଷ୍ଠୀର ଭାଷା ତଥା ସାଂସ୍କୃତିକ ବିଷୟର ପ୍ରୟୋଗ ଅତି ଅଧିକ ଗୁଣାତ୍ମକ, ସ୍ଥାୟୀ ତଥା ପ୍ରଭାବଶାଳୀ ଶିକ୍ଷଣ ପାଇଁ, ଅନେକ ଅଭିନବ ବିଚାରର ପ୍ରତିଜ୍ଞା କରିଥାଏ । ଯଦିଓ ଏହା ଆଦିବାସୀ ଅଧ୍ୟୁଷିତ ଅଂଚଳ ପାଇଁ ବହୁତ ଉପଯୋଗୀ ହୋଇଥାଏ । ପରନ୍ତୁ ଏହା ସମାନ ଭାବରେ ଅନ୍ୟ ବିଦ୍ୟାଳୟ ପାଇଁ ମଧ୍ୟ ଉପଯୁକ୍ତ ଅଟେ । ଯେଉଁଠାରେ ପିଲାମାନେ ଏକରୁ ଅଧିକ ଭାଷା ଶିଖିବା ଓ ଏଥି ସହିତ ପ୍ରତିକ୍ରିୟା କରିବାର ଆବଶ୍ୟକ ହୋଇଥାଏ ।

## 10.5. ସାରାଂଶ

- କିଛି ପିଲା ଶ୍ରେଣୀରେ ସୁବିଧାରୁ ବଞ୍ଚିତ ହୋଇ ଥାଆନ୍ତି କାରଣ ଏମାନଙ୍କ ସାମାଜିକ-ଆର୍ଥିକ-ସାଂସ୍କୃତିକ ପରିସ୍ଥିତି ଭିନ୍ନ ହୋଇଥାଏ । ଅନ୍ୟ କେତେକ ପିଲା ମଧ୍ୟ ସୁବିଧାରୁ ବଂଚିତ, ଯେହେତୁ ସେମାନଙ୍କର କିଛି ସ୍ୱତନ୍ତ୍ର ଆବଶ୍ୟକତା ରହିଛି ଯାହା ସେମାନଙ୍କ ଶାରୀରିକ ଓ ଶିକ୍ଷଣ ଅପାରଗତାକୁ ପୂରଣ କରିବା ପାଇଁ ବାଳିକା, ସଂଖ୍ୟାଲଘୁ ସମ୍ପ୍ରଦାୟ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା ଆଦି ଶ୍ରେଣୀରେ ସୁବିଧାରୁ ବଞ୍ଚିତ ପିଲାମାନଙ୍କ ମଧ୍ୟରୁ ମୁଖ୍ୟ ଦଳ ଅଟନ୍ତି ।

ଟିପ୍ପଣୀ

- ଏହି ପିଲାଙ୍କର ସୁବିଧାରୁ ବଞ୍ଚିତ ହେବାର ମୁଖ୍ୟ କାରଣ, ଏମାନଙ୍କ ଘରର ସାମାଜିକ ପରିସ୍ଥିତି ତଥା ବିଦ୍ୟାଳୟ ବାତାବରଣ ସମାନ ହୋଇ ନଥାଏ ।
- ସୁବିଧାରୁ ବଞ୍ଚିତ ଶିକ୍ଷାର୍ଥୀଙ୍କ ସାର୍ଥକ ଶିକ୍ଷଣର ସହାୟତା ପାଇଁ ସ୍ଥାନୀୟ ସାମାଜିକ ଓ ସାଂସ୍କୃତିକ ପରିସ୍ଥିତି ଓ ଜ୍ଞାନକୁ ପାଠ ପୁସ୍ତକର ଜ୍ଞାନ ସହିତ ସାମିଲ କରିବାର ଆବଶ୍ୟକତା ଅଛି ।
- ବାଳିକାମାନେ ବିଦ୍ୟାଳୟରେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ଏହାକୁ କମ୍ କରିବା ପାଇଁ କିଛି ଉପାୟ କରାଯାଇପାରେ । ଯେପରି- ଦଳ, ଅନୁକୂଳ କାର୍ଯ୍ୟକ୍ରମର ଯୋଜନା/ ଭେଦଭାବ ପୂର୍ଣ୍ଣ ତତ୍ତ୍ୱ ତଥା ପ୍ରଥାକୁ ବିଦ୍ୟାଳୟ ତଥା ଶ୍ରେଣୀରୁ ଦୂର କରିବା ଓ ସମୟ ଅନୁସାରେ ଅଭିପ୍ରେରଣା ଦେବା ଇତ୍ୟାଦି ।
- ପଠନ ସାମଗ୍ରୀକୁ ଘରର ଭାଷାରେ ସଂଯୁକ୍ତ କରିବା ତଥା ଭାଷା ଶିକ୍ଷକଙ୍କୁ ନିଯୁକ୍ତି ଦେବା ଏ ଦୁଇଟି ଉପାଦାନ, ଭାଷା, ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲାଙ୍କ ଶିକ୍ଷଣକୁ ସହାୟତା କରିଥାଏ ।
- ଧାର୍ମିକ ସଂସ୍ଥାଗୁଡ଼ିକ ଦ୍ୱାରା ସମ୍ବନ୍ଧିତ ବିଦ୍ୟାଳୟର ଆଧୁନିକୀକରଣ ଶ୍ରେଣୀ ତଥା ବିଦ୍ୟାଳୟରେ ସବୁ ଦଳର କାର୍ଯ୍ୟକଳାପ ପାଇଁ ପ୍ରୋତ୍ସାହିତ କରିବା, ଏକାକୀପଣ ଉତ୍ପନ୍ନ କରୁଥିବା ସବୁ ଉପାଦାନକୁ ଦୂର ତଥା ଶିକ୍ଷଣ ସହାୟକ ସାମଗ୍ରୀ ପ୍ରଦାନ କରିବା ଆଦି ନିଶ୍ଚିତ ଭାବରେ ଧାର୍ମିକ-ସଂଖ୍ୟାଲଘୁ ପରିବାରର ପିଲାଙ୍କ ସମସ୍ୟାଗୁଡ଼ିକୁ କମ୍ କରିପାରିବ ।
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା ଯେପରି, ଶାରୀରିକ ବାଧିତ, ଦୃଷ୍ଟିବାଧିତ, ଶ୍ରବଣ ବାଧିତ, ବୌଦ୍ଧିକ କାର୍ଯ୍ୟରେ ନିମ୍ନସ୍ତର ତଥା ଅନୁକୂଳ ବ୍ୟବହାରର ଅଭାବ ଆଦିକୁ ଚିହ୍ନିବା ତଥା ଏମାନଙ୍କର ଶିକ୍ଷଣର ସହାୟତା ପାଇଁ ସାଧାରଣ ଶ୍ରେଣୀରେ ବିଶେଷ ପଦ୍ଧତିର ଆବଶ୍ୟକତା ହୋଇଥାଏ ।
- ସାମାଜିକ ଓ ସାଂସ୍କୃତିକ ବିଶିଷ୍ଟତା ବ୍ୟତୀତ ଆଦିବାସୀ ପିଲାଙ୍କର ସୁବିଧାରୁ ବଞ୍ଚିତ ହେବାରେ ସବୁଠାରୁ ବଡ଼ ଉପାଦାନ, ଏମାନଙ୍କ ଘର ତଥା ବିଦ୍ୟାଳୟର ଭାଷାରେ ମେଳ ନଥିବା ।
- ବହୁଭାଷୀ ଶିକ୍ଷାରେ ଜନଜାତି ପିଲାଙ୍କର ସବୁ ବିଷୟରେ ସାର୍ଥକ ଶିକ୍ଷଣ ପାଇଁ ବହୁତ ଗୁଡ଼ିଏ ପ୍ରତିଶ୍ରୁତି ରହିଛି । ପ୍ରାରମ୍ଭରେ ମାତୃଭାଷା ଦ୍ୱାରା ତଥା ଧୀରେ ଧୀରେ ସଂସ୍କୃତି ସମ୍ବନ୍ଧୀୟ ସାମଗ୍ରୀ ଓ ଅନୁଭବର ଉପଯୋଗ ସହିତ ଦ୍ୱିତୀୟ ଭାଷା ଦ୍ୱାରା ଶିକ୍ଷଣକୁ ସହଜ ତଥା ଅର୍ଥପୂର୍ଣ୍ଣ କରାଯାଇପାରିବ ।

## 10.6. ପ୍ରଗତିର ମୂଲ୍ୟାୟନ ପାଇଁ ଆଦର୍ଶ ଉତ୍ତର

**E.1.** ପିଲାମାନଙ୍କ ଅନୁଭବର ଉପଯୋଗ, ସ୍ଥାନୀୟ ପରିସ୍ଥିତିର ଉଦାହରଣର ଉପଯୋଗ, ଶିକ୍ଷଣକୁ ଏକ ପ୍ରକ୍ରିୟାର ରୂପେ କେନ୍ଦ୍ରୀଭୂତ କରିବା, ପିଲାଙ୍କୁ ପ୍ରଶ୍ନ ପଚାରିବାର ସ୍ୱାଧୀନତା ଦେବା, ତଥା ପିଲାଙ୍କ ଚିନ୍ତା କରିବା ଉପରେ ଗୁରୁତ୍ୱ ଦେବା ।

ଟିପ୍ପଣୀ

**E.2.** ବିଦ୍ୟାଳୟ ଦୂରରେ ରହିବା ଦ୍ୱାରା, ପ୍ରତିକୂଳ ବିଦ୍ୟାଳୟ ବାତାବରଣ, ଶ୍ରେଣୀରେ/ବିଦ୍ୟାଳୟରେ ଭେଦଭାବ କରିବାର ଅଭ୍ୟାସ, ଲିଙ୍ଗ ହେବ (କୌଣସି ଦୁଇଟି)

**E.3.** ଦଳଗତ କାର୍ଯ୍ୟରେ ଭାଗ ନେବାକୁ ସୁନିଶ୍ଚିତ କରିବା

**E.4.** ଶିକ୍ଷଣରେ ସହପାଠୀଙ୍କ ସହାୟତା ପାଇଁ ସୁଯୋଗ ଦେବା, ଆତ୍ମସମ୍ମାନର ବିକାଶ ।

**E.5.** କଳାପଟାର ସାମନା ଆଗ ଧାଡ଼ିରେ ବସିବା (ସ୍ୱଷ୍ଟ ଦୃଷ୍ଟି ପାଇଁ, ଦୃଷ୍ଟି ବାଧିତ ପିଲା ତଥା ଶ୍ରବଣ ବାଧିତ ପିଲାଙ୍କ ସ୍ୱଷ୍ଟ ଶୁଣିବା ପାଇଁ) ଓ ଦଳଗତ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ।

**E.6. ନିମ୍ନଲିଖିତ ଯେ କୌଣସି ୪ଟିରୁ :**

- ପିଲାମାନେ କଥିତ ଭାଷା ମାଧ୍ୟମରେ ଶିକ୍ଷଣ ଅଧିକ ଭଲ କରିଥାଆନ୍ତି ଓ ଭଲ ବୁଝିଥାଆନ୍ତି ।
- ପରିଚିତ ଭାଷାରେ, ପଠନ ଓ ଲିଖନ କାର୍ଯ୍ୟ ଶିକ୍ଷଣ ସହଜ ହୋଇଥାଏ ।
- ମାତୃଭାଷା ମାଧ୍ୟମରେ ଅବଧାରଣାଗୁଡ଼ିକ ଉତ୍ତମ ଭାବରେ ବୁଝି ହୋଇଥାଏ ।
- (ଘରେ କହୁଥିବାଭାଷା) ମାତୃଭାଷାରେ ଭଲ ମୂଳଦୁଆ ହେଲେ ଦ୍ୱିତୀୟ ଭାଷା ଶିକ୍ଷଣ ଅଧିକ ଫଳପ୍ରଦ ହୋଇଥାଏ ।
- ସ୍ୱଦେଶୀ ଭାଷା ମାଧ୍ୟମରେ, ସ୍ୱଦେଶୀ ଜ୍ଞାନ ଉତ୍ତମ ଭାବରେ ଶିଖି ହୋଇଥାଏ ।
- ମାତୃଭାଷାରେ ମଜଭୁତ୍ ମୂଳଦୁଆ ଥିବା ପିଲାମାନେ ଅନ୍ୟ ଭାଷାରେ ଅଧିକ ଦୃଢ଼ ସାକ୍ଷରତା ବିକାଶକୁ ବିକଶିତ କରିଥାଆନ୍ତି ।

**E.7. ନିମ୍ନରେ ଦିଆ ଯାଇଥିବା ଭଳି ଯେ କୌଣସି ୪ଟି :**

- ମାତୃଭାଷାକୁ ଶିକ୍ଷଣର ମାଧ୍ୟମ ରୂପେ ବ୍ୟବହାର କରିବା ।
- ସାମାଜିକ ଓ ସାଂସ୍କୃତିକ ବିଷୟ ତଥା ଆଞ୍ଚଳିକ ସାମଗ୍ରୀର ପ୍ରୟୋଗ ।
- ସ୍ଥାନୀୟ ଜ୍ଞାନ ସହିତ ଉପଲବ୍ଧ ପାଠ୍ୟ ପୁସ୍ତକକୁ ଗ୍ରହଣ କରିବ ?

**E.8.** ପିଲାଙ୍କର ଘରର ଭାଷା ସହିତ, ଏକରୁ ଅଧିକ ଭାଷାର ପ୍ରୟୋଗ, ସ୍ଥାନୀୟ ଉପଲବ୍ଧ ହେଉଥିବା ସାମଗ୍ରୀର ବ୍ୟବହାର, ଅଧିକ ଦଳଗତ ଶିକ୍ଷଣ, ଶିକ୍ଷାର୍ଥୀ ତଥା ଶିକ୍ଷକର ମୁକ୍ତ ପ୍ରତିକ୍ରିୟା, ସ୍ଥାନୀୟ ଗୋଷ୍ଠୀର ସହଯୋଗର ଉପଲବ୍ଧତା ।

**E.9.** ଶିକ୍ଷାର୍ଥୀଙ୍କ ଘର ଭାଷା ତଥା ଅନ୍ୟ ଭାଷାକୁ ଅନର୍ଗଳ କହିବା, ବିଦ୍ୟାଳୟ ସହିତ ଭାବନାତ୍ମକ ସମ୍ବନ୍ଧ ।

**E.10.** ଠିଆ ହୋଇଯାଅ, ବସ, ଏଠାକୁ ଆସ, ହାତରେ ତାଳି ବଜାଅ, ନିଜର ମୁଣ୍ଡକୁ ହଲାଅ, ନିଜର ହାତ ଉଠାଅ, ନିଜର ନାକକୁ ଛୁଅଁ, ମୋତେ ତୁମର ଦାନ୍ତ ଦେଖାଅ....ମୂଳତଃ ପରମ୍ପରାଗତ ବାକ୍ୟ) ।

ଟିପ୍ପଣୀ

## 10.7 ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


1. Department of School Education and Literacy (2011). Sarva Shikshya Abhiyan : Frame work for implementation based on the Right of children to Free and compul sory Education Act, 2009, New Delhi: Ministry of Human Resource Development, Govt. of India.

2. Farcia, Ofelia, Skunabb- Kangas, Tore and Torres- Guzman, Maria E (Eds) (2006). Imagining Multilingul Schools : Languages in education and globalization, Hyderabad : Orient Black Swan.

3. Mohanty, A.K. panda. M., Phillipson, R, and Skumabb- kangas, T. (Eds) (2009) Multilingual Education for Social Justice : Globalizing the local, hyderabad : Orient Black Swan.

4. National Council of Educational Research and Training (1988). In-service Teacher Education Package - for Upper Primary and Secondary School Teachers, Sri Aurobindo Marg, New Delhi : NCERT.


## 10.8 ପାଠାନ୍ତ ପ୍ରଶ୍ନାବଳୀ

୧. ଫଳପ୍ରଦ ଶ୍ରେଣୀ କକ୍ଷ ଶିକ୍ଷଣ ପାଇଁ ସ୍ଥାନୀୟ ବିଶେଷ ପରିସ୍ଥିତିର ଗୁରୁତ୍ୱ କ'ଣ ?

୨. ଗୋଟିଏ ସାଧାରଣ ଶ୍ରେଣୀରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କୁ କେଉଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ ? ସେମାନଙ୍କର ଶିକ୍ଷଣ ସହାୟତା ପାଇଁ ଆପଣ କିପରି ଶ୍ରେଣୀ କକ୍ଷରେ ସେହି ପ୍ରକାର ପିଲାଙ୍କର ଯତ୍ନ ନେବେ ?

୩. ମନେକର ଆପଣ ଏକ ଆଦିବାସୀ ଅଧ୍ୟୁଷିତ ବିଦ୍ୟାଳୟରେ ପଢ଼ାଉଛନ୍ତି । ଆପଣ ସେହି ପିଲାଙ୍କର ମାତୃଭାଷା ଜାଣନ୍ତି ନାହିଁ । ଆପଣ କିପରି କାର୍ଯ୍ୟକଳାପର ସଂଗଠନ କରିବେ ଫଳରେ ପିଲାମାନେ ଭଲ ପଢ଼ିବେ ?

୪. ଆପଣଙ୍କୁ ତୃତୀୟ ଶ୍ରେଣୀରେ "ସ୍ୱାସ୍ଥ୍ୟ" ବିଷୟରେ ପଢ଼ାଇବାକୁ ଅଛି । ପିଲାଙ୍କର ସ୍ଥାନୀୟ ଭାଷାକୁ ଭିତ୍ତି କରି ଏହି ପାଠ ପାଇଁ ଶିକ୍ଷଣକାର୍ଯ୍ୟ ଡିଜାଇନ୍ ପ୍ରସ୍ତୁତ କରନ୍ତୁ ।